


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-154 ♦SUNDAY ♦30 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୫୪ ♦ରବିବାର ♦୩୦ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ୭୨ ବର୍ଷରେ ବିବାହ କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ



■ କାନବେରା, ୨୯ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ ୬୨ ବର୍ଷ ବୟସରେ ବିବାହ କରିଛନ୍ତି। ଦାୟିତ୍ୱରେ ରହିଥିବା ବେଳେ ବିବାହ କରିବାରେ ସେ ହେଉଛନ୍ତି ପ୍ରଥମ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ। ସେ ଆଜି ତାଙ୍କ ୪୬ ବର୍ଷୀୟା ବାନ୍ଧବୀ ଜୋଡି ହେଡନଙ୍କୁ କାନବେରାସ୍ଥିତି ପ୍ରଧାନମନ୍ତ୍ରୀ କର୍ଯ୍ୟାଳୟରେ ବିବାହ କରିଛନ୍ତି। ଜୋଡି ଆର୍ଥ ବିଭାଗରେ କାର୍ଯ୍ୟ କରନ୍ତି। ୨୦୨୪ରେ ଦୁହିଁଙ୍କର ନିର୍ବନ୍ଧ ହୋଇଥିଲା।। ଅଲବାନୀଜ ସାମାଜିକ ଗଣମାଧ୍ୟମରେ ଗୋଟିଏ ଶବ୍ଦ 'ମ୍ୟାରେଡ୍' ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ବିବାହ ନେଇ ସୂଚିତ କରିଛନ୍ତି। ସୋମବାରରୁ ଶୁକ୍ରବାର ଦୁହେଁ ହନିମୁନରେ ଯିବେ। ସୂଚନାଯୋଗ୍ୟ ଯେ ୨୦୨୦ରେ ଦୁହେଁ ମେଲବୋର୍ଣ୍ଣରେ ଏକ ବ୍ୟବସାୟିକ ନୈଶ୍ୟ ଭୋଜିରେ ପରସ୍ପରକୁ ଭେଟିଥିଲେ। ଆଲବାନିଜ ଓ ହେଡନ ଦ୍ୱିତୀୟଥର ପାଇଁ ବିବାହ କରିଛନ୍ତି। ପୂର୍ବରୁ ଆଲବାନିଜ ୨୦୧୯ରେ ତାଙ୍କ ପୂର୍ବତନ ପତ୍ନୀ କାର୍ମେଲ ଟେବୁଟ୍‌ଙ୍କଠାରୁ ଛାଡ଼ପତ୍ର ନେଇଥିଲେ। ଦୁହେଁ ୧୯ ବର୍ଷ ଏକାଠି ରହିବା ପରେ ଅଲଗା ହୋଇଥିଲେ। ଉଭୟଙ୍କର ଜଣେ ପୁଅ ନାଥନ ଅଛନ୍ତି। ତେବେ ହେଡନଙ୍କ ପ୍ରଥମ ବିବାହ ଓ ବିଚ୍ଛେଦ ସମ୍ପର୍କରେ ଅଧିକ କିଛି ସୂଚନା ଦିଆଯାଇନାହିଁ। ଆଲବାନିଜ ୨୦୨୨ ମେ ୨୩ରେ ୩୧ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ଏୟାରବସ୍ 'ଏ-୩୨୦'କୁ ସୌର ବିକିରଣ ଭୟ



ବିଶ୍ୱବ୍ୟାପୀ ୬ ହଜାର ଉଡ଼ାଣ ବାତିଲ

■ ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ବିମାନ ନିର୍ମାତା କମ୍ପାନୀ ଏୟାରବସ୍‌ର ବିମାନ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି। ଏହି କମ୍ପାନୀର ଏ୩୨୦ ସିରିଜ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି। ସୌର ବିକିରଣଠାରୁ ଏହି ବିମାନ ପ୍ରତି ବିପଦ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱରେ ପ୍ରାୟ ୬ ହଜାର ଏ-୩୨୦ ବିମାନର ଉଡ଼ାଣକୁ ବାତିଲ କରିଦିଆଯାଇଛି। ଗତ ୫୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କମ୍ପାନୀ ଏତେ ବିମାନର ସେବାକୁ ବନ୍ଦ କରିଦେଇଛି। ସଫ୍ଟୱେର ଅପଗ୍ରେଡ କରି ଯାନ୍ତ୍ରିକ ତ୍ରୁଟି ସୁଧାରିବା ପାଇଁ ବିମାନଗୁଡ଼ିକୁ ପ୍ରତ୍ୟାହାର କରାଯାଇଛି। ଏହି ସମସ୍ୟା ପାଇଁ ସଫ୍ଟୱେର ଭର୍ସନ ଏଲ୧୦୪ର ଏଲାଭେଟର ଏଲେରନ କମ୍ପ୍ୟୁଟର (ଇଏଲଏସି ବି) ପ୍ରଭାବିତ ହୋଇଛି। ଏହା ଫ୍ଲାଇଟ କଣ୍ଟ୍ରୋଲ ଡାଟା ଖରାପ କରିପାରେ। ବିମାନର ଉଚ୍ଚତା, ଦିଗ ଏବଂ ନିୟନ୍ତ୍ରଣକୁ ନେଇ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ସୂଚନା ଭୁଲ୍ ସାବ୍ୟସ୍ତ ହୋଇପାରେ। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏୟାରବସ୍ ଉଡ଼ାଣ ବନ୍ଦ କରିବା ନେଇ ଶୁକ୍ରବାର ଘୋଷଣା କରିଥିଲା। ଏହି ସମୟରେ ୩୫୦ ଏୟାର ଲାଇନ୍ସର ପ୍ରାୟ ୩ ହଜାର ଏ-୩୨୦ ବିମାନ ଆକାଶରେ ଥିଲା। ଏହି ସମସ୍ୟା ଯୋଗୁଁ ଭାରତ ସମେତ ସାରା ବିଶ୍ୱ ପ୍ରଭାବିତ ହୋଇଛି। ବିମାନ ▶ପୃଷ୍ଠା-୭

# 'ଦିତ୍ୱା' ତାଣ୍ଡବ

# ଶ୍ରୀଲଙ୍କାରେ ୧୫୩ ମୃତ

## ଫସି ରହିଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଭାରତୀୟ

■ଚେନ୍ନାଇ, ୨୯ ।୧୧ (ଏଜେନ୍ସି): ଶ୍ରୀଲଙ୍କାରେ ଧ୍ୱଂସର ତାଣ୍ଡବ ରଚିଛି ଘୂର୍ଣ୍ଣିବାତ୍ୟା 'ଦିତ୍ୱା'। ଏହି ବାତ୍ୟା କାରଣରୁ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଫଳରେ ୧୫୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୩୦ଜଣ ନିଖୋଜ ଅଛନ୍ତି। ଏବେ ଏହି ବାତ୍ୟା ଭାରତ ଆଡ଼କୁ ଦ୍ରୁତଗତିରେ ମାଡିଆସୁଛି। ବାତ୍ୟାର ପ୍ରଭାବରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ପ୍ରବଳ ବର୍ଷା ସହିତ ଜୋରରେ ପବନ ବହିବା ଆରମ୍ଭ ହୋଇଛି। ଏହା ଆହୁରି ଭୟଙ୍କର ରୂପ ନେବ ବୋଲି ଆଶାଙ୍କା କରାଯାଉଛି।

**ତାମିଲନାଡୁରେ ପ୍ରବଳ ବର୍ଷା, ୫୪ ବିମାନ ଉଡାଣ ବାତିଲ**

ତାମିଲନାଡୁରେ ପ୍ରବଳ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପୁଡୁଚେରୀ ଓ ତାମିଲନାଡୁରେ ସସମ୍ତ ଶିକ୍ଷାନୁଷ୍ଠାନ ।।ରେ ସୋମବାର ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ବିଭିନ୍ନ ସ୍କୁଲ ଓ କଲେଜରେ ହେବାକୁ ଥିବା ପରୀକ୍ଷାକୁ ବାତିଲ ମଧ୍ୟ କରାଯାଇଛି। ବାତ୍ୟାର ପ୍ରକୋପ ଭୟଙ୍କର ହେଉଥିବାରୁ ୫୪ଟି ବିମାନ ଉଡାଣକୁ ରଦ୍ଦ କରାଯାଇଛି। ଚେନ୍ନାଇରୁ ବିମାନ ଉଡ଼ାଣ ବାତିଲ ହେବା କାରଣରୁ କଲେମ୍ବୋ ବିମାନ ବନ୍ଦରରେ ୩୦୦ ଭାରତୀୟ ଯାତ୍ରୀ ଗତ ୩ ଦିନ ହେବ ଫସି ରହିଛନ୍ତି। ଏମାନେ ସମସ୍ତେ ଦୁବାଇରୁ କଲମ୍ବୋ ଦେଇ ଭାରତ ଆସିବାର କର୍ଯ୍ୟକ୍ରମ ଥିଲା। ନଭେମ୍ବର ୩୦ ଅର୍ଥାତ ରବିବାର ଏହି ବାତ୍ୟା 'ଦିତ୍ୱା' ତାମିଲନାଡୁ ଓ ପୁଡୁଚେରୀର ଉପକୂଳ ଅତିକ୍ରମ କରିବ। ଏହି କାରଣରୁ ରାଜ୍ୟରେ ଆହୁରି ପ୍ରବଳ ବର୍ଷା ହେବ। ତାମିଲନାଡୁ, ପୁଡୁଚେରୀ ଓ ଆନ୍ଧ୍ରାରେ ବନ୍ୟା ଆସିବା ଆଶଙ୍କା କରାଯାଉଛି।

ସେହିପରି ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଛି। ବାତ୍ୟାର ଭୟାଭୟତାକୁ ଦୃଷ୍ଟିରେ ରଖି ତାମିଲନାଡୁ ଉପକୂଳରେ ଥିବା ବିଭିନ୍ନ ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଞ୍ଚଳରେ ନ୍ୟାସନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ (ଏନ୍‌ଡିଆରଏଫ)ର ୧୪ଟି ଟିମ୍‌କୁ ନିୟୋଜିତ କରାଯାଇଛି। ଶୀଲଙ୍କାକୁ ସାହାଯ୍ୟ ଓ ସହଯୋଗ କରିବାକୁ ଭାରତ ଅପରେସନ ସାଗର ବନ୍ଧୁ ଆରମ୍ଭ କରିଛି।। ଏଥିପାଇଁ ଭାରତୀୟ ବାୟୁସେନାର ବିମାନ ଆଇଏଲ୍-୭୬ ବିମାନ କଲମ୍ବୋ ପହଞ୍ଚିଛି ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର 'ଏକ୍ସ'ରେ ସୂଚନା ଦେଇଛନ୍ତି। ଏନ୍‌ଡିଆରଏଫର ୮୦ଜଣ କର୍ମଚାରୀଙ୍କ ଟିମ୍ ସହିତ ବିମାନ ଓ ସମୁଦ୍ର ମାର୍ଗ ଦେଇ ପାଖାପାଖି ୨୭ ଟନ୍ ରିଲିଫ୍ ସାମଗ୍ରୀ ଶ୍ରୀଲଙ୍କା ପହଞ୍ଚିଛି।



### ଅତିରିକ୍ତ ବଜେଟ୍‌କୁ ନେଇ ନବୀନଙ୍କ ପ୍ରତିକ୍ରିୟା

## ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢୁଛି ଓଡ଼ିଶା



**ବଜେଟରେ ଦୂରଦୃଷ୍ଟି ନାହିଁ; ଓଡ଼ିଶାବାସୀଙ୍କ ଆଶାକୁ ଧୂଳିସାତ୍ କରୁଛି**

**ଅପାରଗତା ଲୁଚାଇବା ପାଇଁ ଅତିରିକ୍ତ ବଜେଟ ଆଣିଛନ୍ତି ସରକାର**

■ ଭୁବନେଶ୍ୱର, ୨୯।୧୧ (ସମିସ): ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଦୂରଦୃଷ୍ଟିହୀନ ଏବଂ ଏହା ଓଡ଼ିଶାବାସୀଙ୍କ ଅନେକ ଆଶାକୁ ଧୂଳିସାତ୍ କରିଛି। ଏହା ଆମକୁ ରାଜକୋଷୀୟ ନିଅଣ୍ଟ ଆଡ଼କୁ ଆଗକୁ ବଢ଼ାଉଛି ବୋଲି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଉପରେ ପ୍ରତିକ୍ରିୟା ରଖି ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ ଉଲ୍ଲେଖ କରିଛନ୍ତି, ନୂତନ ବିଜେପି ସରକାରର ପ୍ରଥମ ପୂର୍ଣ୍ଣ ବର୍ଷରୁ ଆଶା କରାଯାଉଥିବା କୌଣସି ବଡ଼ ଭିତ୍ତିଭୂମି ଯୋଜନା କିମ୍ବା ନୂତନ ଦୂରଦୃଷ୍ଟି ଏଥିରେ ଦେଖିବାକୁ ମିଳିନାହିଁ। ପ୍ରଶାସନିକ ବ୍ୟୟ ସଙ୍କୁଚିତ ହେଉଛି। ଓଡ଼ିଶାର ସୁଧ ବୋଝ ବଢୁଛି। ବଜେଟରେ ପୂର୍ତ୍ତ ବିଭାଗର ୯୦୦ କୋଟି ଏବଂ କିଛି ସହରାଞ୍ଚଳ ଭିତ୍ତିଭୂମିକୁ ଛାଡ଼ିଦେଲେ ଆଉ କିଛି ବି ନାହିଁ। ହ୍ରାସ ପାଉଥିବା କେନ୍ଦ୍ରୀୟ ଅନୁଦାନ ଓ ନିଜସ୍ୱ ଅପାରଗତା ଲୁଚାଇବା ପାଇଁ ଏହି ଅତିରିକ୍ତ ବଜେଟ୍ ପ୍ରସ୍ତୁତ ହୋଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ନୁହଁ; ବରଂ ସେମାନଙ୍କୁ ଭ୍ରମିତ କରିବାର ଏହା ଏକ ପ୍ରୟାସ ବୋଲି ନବୀନ କହିଛନ୍ତି।

## ଗୁଣ୍ଡିଚା ମନ୍ଦିରରେ ପଶିଲା ଜେସିବି



**ପ୍ରଶ୍ନ ଉଠାଇଲେ ସାଧାରଣ ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ**

**ପରିକ୍ରମା ପ୍ରକଳ୍ପ ବେଳେ ଚିତ୍କାର କରୁଥିବା ବୁଦ୍ଧିଜୀବୀ ଗଲେ କୁଆଡ଼େ?**

■ପୁରୀ, ୨୯।୧୧ (ସମିସ): ଡିସେମ୍ବର ୧ରୁ ଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ ବୋଲି ପରିଚାଳନା କମିଟି ବୈଠକରେ ନିଆଯାଇଥିଲା ନିଷ୍ପତ୍ତି। ଏ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ। ହେଲେ ଭକ୍ତଙ୍କ ପାଇଁ ମନ୍ଦିର ଖୋଲାଯିବାକୁ ଅଚାନକ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। କାରଣ କୁହାଯାଇଛି ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାମ ପାଇଁ ଆହୁରି ଅଧିକ ସମୟ ଲାଗିବ। ମନ୍ଦିର ମଧ୍ୟରେ ଷ୍ଟିଲ୍ ବିମ୍ ଏବଂ ଖଣ୍ଡୋଲାଇଟ୍ ପଥର ଲଗାଇବା କାମ ବାକି ଅଛି। ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତୀକରଣ କରାଯିବ। ଏଭଳି ସ୍ଥିତିରେ ଶନିବାର ଗୁଣ୍ଡିଚା ମନ୍ଦିର ଭିତରେ ମନ୍ଦିରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଅର୍ଥାତ୍ ମନ୍ଦିର ଭିତରେ ପଶି ▶ପୃଷ୍ଠା-୭


### ତୃତୀୟ ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

## ସଂସ୍କୃତିକୁ ଆମେ ପଛରେ ଛାଡ଼ି ଦେଇଛୁ: ଜାଭେଦ ଅଖତର୍



**ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନ**

■ ଭୁବନେଶ୍ୱର, ୨୯।୧୧ (ସମିସ): ଭାଷା, ସଂସ୍କୃତି, ପୁରାଣ, କବିତା ଏବଂ କଳା ଆମର ମହାନ ସଂସାଧନ। ଭାରତ ଯେତେବେଳେ ସ୍ୱାଧୀନତା ଲାଭ କଲା, ସେତେବେଳେ ଦେଶର ଗୋଟିଏ ଛୁଞ୍ଚି ମଧ୍ୟ ପ୍ରସ୍ତୁତ କରିବାର କ୍ଷମତା ନଥିଲା। କିନ୍ତୁ ବର୍ତ୍ତମାନ ଏହା ବିଶ୍ୱର ଅନ୍ୟତମ ଶିଳ୍ପ ସମୃଦ୍ଧ ରାଷ୍ଟ୍ର। ଏହି ସଫଳତା ଭିତରେ ଆମେ ଆମର କିଛି ବସ୍ତୁକୁ ବ୍ୟବହାରଯୋଗ୍ୟ ନୁହେଁ ବୋଲି ଭାବି ପ୍ଲାଟଫର୍ମରେ ଛାଡ଼ି ଦେଇ ଆସିଛୁ। ଆମେ ଭାବିବା ଆରମ୍ଭ କରିଦେଇଛୁ ଯେ ଆମେ ଆମ ସହ ସବୁ କିଛି ସାଙ୍ଗରେ ନେଇ ଚାଲିପାରିବୁ ନାହିଁ। ଏହା ମଧ୍ୟରୁ ଆମ ସଂସ୍କୃତି ▶ପୃଷ୍ଠା-୭



# ବିଧାନସଭାରେ ରାସନ କାର୍ଡ ଝଡ଼

## ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ସରକାର: ବିରୋଧୀ

**ରାସନ କାର୍ଡ ସର୍ଭେ ପାଇଁ ଧାର୍ଯ୍ୟ ମାନଦଣ୍ଡ ଗ୍ରହଣୀୟ ନୁହେଁ: ବିଜେଡି**

**ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ: ମନ୍ତ୍ରୀ**

■ଭୁବନେଶ୍ୱର, ୨୯।୧୧ (ସମିସ): କେୱାଇସି ଅପ୍‌ଡେଟ୍ ଆଳରେ ଲୋକଙ୍କ ରାସନ କାର୍ଡ କଟାଯିବା ନେଇ ବିଧାନସଭାରେ ଆଜି ମୁଲତବୀ ଆଲୋଚନାରେ ବିରୋଧୀ ସଦସ୍ୟମାନେ ସରକାରଙ୍କୁ ଘେରିଛନ୍ତି। ରାଜ୍ୟ ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ମୁଲତବୀ ଆଲୋଚନାରେ ଭାଗ ନେଇ ବିଜୁ ଜନତା ଦଳର ସଦସ୍ୟମାନେ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ିବେ, ସେନେଇ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ପୂର୍ବ ସରକାରଙ୍କ ପିଡିଏସ, ଧାନ ସଂଗ୍ରହ ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ମିଳିତ ଜାତିସଂଘ ପର୍ଯ୍ୟନ୍ତ ପ୍ରଶଂସା କରିଥିଲା। ମାତ୍ର ଏବର ବିଜେପି ସରକାର ରାସନ କାର୍ଡ ନାମରେ ଆତଙ୍କ ସୃଷ୍ଟି କରୁଛନ୍ତି। ଗରିବ ଲୋକଙ୍କ ମନରେ କାର୍ଡ କଟିବା ନେଇ ଆତଙ୍କ ଖେଳିଯାଇଛି। ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ସରକାର ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି, ତାହା ଆଶ୍ଚର୍ଯ୍ୟଜନକ। ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ। ଅପରପକ୍ଷେ ଶାସକ ଦଳର ବିଧାୟକମାନେ ପାଲଟା ▶ପୃଷ୍ଠା-୭

## ୬୮୦୧ ପଞ୍ଚାୟତରେ ପିଅନ ନିଯୁକ୍ତ ହେବେ

■ ଭୁବନେଶ୍ୱର, ୨୯ ।୧୧ (ସମିସ): ପ୍ରତି ପଞ୍ଚାୟତରେ ନିଯୁକ୍ତ ହେବେ ପିଅନ। ସରକାରୀ ଯୋଜନାର ସଫଳ ରୂପାୟନ କରିବାପାଇଁ ସରକାର ଏହି ନୂତନ ପଦ ସୃଷ୍ଟି କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିବାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ପଞ୍ଚାୟତ ସ୍ତରରେ ସେମାନେ କାର୍ଯ୍ୟ କରିବେ। ମାସକୁ ୧୩,୧୬୦ ଟଙ୍କା ଲେଖାଏଁ ଦରମା ପ୍ରଦାନ କରାଯିବ। ସେମାନଙ୍କ ପ୍ରଦର୍ଶନକୁ ଭିତ୍ତି କରି ଦରମା କମ୍ ବା ବେଶି କରାଯାଇପାରେ। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୬୮୦୧ଟି ପଞ୍ଚାୟତ ଥିବାବେଳେ ନୂତନ ନିଯୁକ୍ତି ପାଇଁ ସମାନ ସଂଖ୍ୟକ ପଦ ସୃଷ୍ଟି ହେବ।

## ପହିଲାରୁ ସଂସଦ, ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୨୯।୧୧: ଆସନ୍ତା ଡିସେମ୍ବର ପହିଲା ତାରିଖରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହାପୂର୍ବରୁ ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର। ଆସନ୍ତାକାଲି ସବୁ ଦଳର ସଂସଦୀୟ ଦଳର ନେତାମାନଙ୍କ ବୈଠକ ହେବ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବୈଠକରେ ଉପସ୍ଥିତ ରହିବେ। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ କାର୍ଯ୍ୟ ପରିଚାଳନାରେ ସରକାରଙ୍କୁ ସହଯୋଗ କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ଉପରେ ଆଲୋଚନା କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ତେବେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍ ଏବଂ ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ସଂସଦରେ ଅଚଳାବସ୍ଥା ସୃଷ୍ଟି କରିପାରନ୍ତି ବୋଲି କୁହାଯାଉଛି। ସରକାର 'ବନ୍ଦେ ମାତରମ' ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବାକୁ ଯୋଜନା କରିଛନ୍ତି ଏବଂ ଏହାକୁ ନେଇ ପରିସ୍ଥିତି ସରଗରମ ରହିବ ବୋଲି ସୂଚନା ମିଳିଛି। ସୂଚନାରଯୋଗ୍ୟ ଯେ ସରକାର ସଂସଦର ଏହି ଶୀତକାଳୀନ ଅଧିବେଶନକୁ ସଂକ୍ଷିପ୍ତ ସମୟ ପାଇଁ ଡାକିଥିବାରୁ ବିରୋଧୀ ଦଳ ଏହାର ସମାଲୋଚନା କରିଛନ୍ତି।

## ପଶ୍ଚିମବଙ୍ଗ: ବିରୋଧ ପରେ ୱାକଫ୍ ଆଇନ ଲାଗୁ

କୋଲକାତା, ୨୯।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାର ୮ ମାସ ଧରି ବିରୋଧ କରିବା ପରେ ଶେଷରେ ୱାକଫ୍ ସଂଶୋଧନ ଆଇନ ଲାଗୁ କରିବାକୁ ରାଜି ହୋଇଛନ୍ତି। ରାଜ୍ୟର ୮୦୬୩ ୱାକଫ ସମ୍ପତ୍ତିର ସୂଚନା ୨୦୨୫ ଡିସେମ୍ବର ସୁଦ୍ଧା କେନ୍ଦ୍ର ସରକାରଙ୍କ ୟୁଏମ୍ଆଇଡି ୱେବ୍ସାଇଟ୍‌ରେ ଅପଲୋଡ୍ କରିବାକୁ ରାଜ୍ୟ ସରକାର ସବୁ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୱାକଫ ସଂଶୋଧନ ଆଇନ୍ ଚଳିତବର୍ଷ ଏପ୍ରିଲ ୪ରେ ସଂସଦର ଦୁଇଟି ଗୃହରେ ପାରିତ ହୋଇଥିଲା। ସେତେବେଳେ ଏହି ଆଇନ୍‌କୁ ଲାଗୁ କରିବି ନାହିଁ ବୋଲି ପଶ୍ଚିମବଙ୍ଗ ସରକାର କହିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏପ୍ରିଲ ୮ରେ ଏକ ରାଲିରେ କହିଥିଲେ ଯେ, ଯେପର୍ଯ୍ୟନ୍ତ ମମତା ଦିଦି ଅଛି, ସେପର୍ଯ୍ୟନ୍ତ ରାଜ୍ୟରେ ମୁସ୍‌ଲିମ ସମ୍ପ୍ରଦାୟର ସମ୍ପତ୍ତିକୁ ରକ୍ଷା କରିବ। ଏଥିପାଇଁ ଆବଶ୍ୟକ ହେଲେ ଗୁଳି ଖାଇବାକୁ ପ୍ରସ୍ତୁତ ଅଛି। ଏକତାରୁ ମୋତେ ଅଲଗା କରାଯାଇପାରିବ ନାହିଁ। ପଶ୍ଚିମବଙ୍ଗରେ ଧର୍ମ ନାମରେ ଭାଗବଣ୍ଟା ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏହି ଆଇନ୍ ନେଇ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହି ଆଇନ୍ ଲାଗୁ ହେବା ନେଇ କୌଣସି ରୋକ ଲଗାଇ ନାହାନ୍ତି। ଫଳରେ ମମତା ଶେଷରେ ଏହି ନିୟମ ଲାଗୁ କରିବାକୁ ରାଜି ହେବାକୁ ବାଧ୍ୟ ହୋଇଛନ୍ତି ବୋଲି କୁହାଯାଇଛି।

## ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଚିନ୍ତା ପ୍ରକଟ କଲା ଜାତିସଂଘ

ନ୍ୟୁୟର୍କ, ୨୯।୧୧(ଏଜେନ୍ସି): ପାକିସ୍ତାନରେ ହୋଇଥିବା ସମ୍ବିଧାନ ସଂଶୋଧନ ଓ ସେନାଧ୍ୟକ୍ଷ ଆସିମ ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଜାତିସଂଘ ତରଫରୁ ଚିନ୍ତା ପ୍ରକଟ କରାଯାଇଛି। ପାକିସ୍ତାନରେ ହୋଇଥିବା ୨୭ତମ ସମ୍ବିଧାନ ସଂଶୋଧନ ନ୍ୟାପାଳିକା ତଥା କୋର୍ଟଙ୍କ କ୍ଷମତାକୁ ସଙ୍କୁଚିତ ଓ ଦୁର୍ବଳ କରିବ ବୋଲି ଜାତିସଂଘ ମାନିବକ ଅଧିକାର ଏଜେନ୍ସି (ୟୁଏନ୍ଏଚ୍ଆର) ହାଇ କମିଶନର ଭୋଲକର ଟର୍କ ସତର୍କ କରାଇଛନ୍ତି। ଏହି ସମ୍ବିଧାନିକ ପରିବର୍ତ୍ତନ ଅତ୍ୟାବଶକୀୟ ଆଇନ୍ ଓ ନିୟମକୁ ଆହୁରି ଦୁର୍ବଳ କରିବ। ଫଳରେ ପାକିସ୍ତାନରେ ଆଇନ ବ୍ୟବସ୍ଥା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ନଭେମ୍ବର ୧୨ରେ ସେନାର ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟର କ୍ଷମତା କମ୍ କରିବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ସଂସଦରେ ଅନୁମୋଦନ କରାଯାଇଥିଲା। ଏହିକ୍ରମରେ ସମ୍ବିଧାନର ୪୮ତମ ଅନୁଚ୍ଛେଦରେ ପରିବର୍ତ୍ତନ କରାଯାଇଥିଲା। ଏହା ଦ୍ୱାରା କୋର୍ଟ ଓ ଆଇନ୍ ବ୍ୟବସ୍ଥା ଉପରେ ରାଜନୀତିର ପ୍ରଭାବ ବୃଦ୍ଧିପାଇବ। ସମ୍ବିଧାନ ସଂଶୋଧନ ନେଇ ପୁଣି ଥରେ ବିଚାର କରିବାକୁ ଟର୍କ ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୨୭ରେ ମୁନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଭାବେ ଦାୟିତ୍ୱ ବହନ କରିଥିଲେ। ଏବେ ତାଙ୍କ ହାତରେ ପରମାଣୁ ଅସ୍ତ୍ର ରହିଛି।

## ତେଜସ୍ୱୀ ବିହାର ବିଧାନସଭା ବିରୋଧୀ ନେତା

ପାଟନା, ୨୯।୧୧(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ବିଧାୟକ ତେଜସ୍ୱୀ ଯାଦବ ବିହାର ବିଧାନସଭାରେ ବିରୋଧୀ ମେଣ୍ଟର ନେତା ନିର୍ବାଚିତ ହୋଇଛନ୍ତି। ଆରଜେଡି ଓ ମହାମେଣ୍ଟ ବିଧାୟକ ଦଳ ବୈଠକରେ ଏ ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆରଜେଡି, କଂଗ୍ରେସ ଓ ବାମଦଳଗୁଡ଼ିକର ବିଧାୟକମାନେ ତେଜସ୍ୱୀଙ୍କ ନାମକୁ ଅନୁମୋଦନ କରିଥିଲେ। ଗୃହରେ ସଭ୍ୟ ସଂଖ୍ୟା କମ୍ ହୋଇଥିଲେ ମଧ୍ୟ ଜନ କଲ୍ୟାଣ ଦୃଷ୍ଟିକୁ ଦୃଷ୍ଟିରେ ରଖି ଏକାଠି ହୋଇ ମେଣ୍ଟ ଦୃଢ଼ତାର ସହ ସ୍ୱର ଉତ୍ତୋଳନ କରିବ ବୋଲି ସମସ୍ତେ ଏକ ସ୍ୱରରେ ବୈଠକରେ କହିଥିଲେ। ଡିସେମ୍ବର ୧ରେ ବିଧାନସଭାବର ଅଧିବେଶନ ଆରମ୍ଭ ହେବ। ଏହାପୂର୍ବରୁ ତେଜସ୍ୱୀ ଯାଦବଙ୍କ ବାସଭବନରେ ମହାମେଣ୍ଟର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେବାକୁ ତେଜସ୍ୱୀ ଶନିବାର ଦିଲ୍ଲୀରୁ ପାଟନା ପହଞ୍ଚିଥିଲେ। ବିଧାନ ସଭାବେ ଶାସକ ଏନ୍‌ଡିଏର ୨୦୨ ବିଧାୟକ ଥିବା ବେଳେ ବିରୋଧୀ ମେଣ୍ଟର ୩୫ ଜଣ ବିଧାୟକ ରହିଛନ୍ତି। ଏଥିରେ ଆରଜେଡିର ୨୫, କଂଗ୍ରେସର ୬ ଓ ବାମ ଦଳର ୪ ଜଣ ବିଧାୟକ ସାମିଲ ରହିଛନ୍ତି।

## ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବ ନ୍ୟୁଜିଲାଣ୍ଡ



ନୂଆଦିଲ୍ଲୀ, ୨୯।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡ ସରକାର ୨୦୫୦ ପର୍ଯ୍ୟନ୍ତ ଦେଶର ପାଖାପାଖି ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ଦୁର୍ବଳ ଜୀବ- ଜନ୍ତୁ ଓ ପକ୍ଷୀଙ୍କୁ ବଞ୍ଚାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ବିଲେଇମାନେ ଏମାନଙ୍କର ଶିକାର କରୁଛନ୍ତି। ଏହି ଜଙ୍ଗଲୀ ବିଲେଇଗୁଡିକ ବେଶ୍ ଘାତକ ବୋଲି ନ୍ୟୁଜିଲାଣ୍ଡ ସଂରକ୍ଷଣ ମନ୍ତ୍ରୀ ତାମା ପୋଟାକା କହିଛନ୍ତି। ଏହି ବିଲେଇଗୁଡ଼ିକୁ ଏବେ 'ପ୍ରିଡେଟର ଫ୍ରି ୨୦୫୦' ପ୍ରୋଗାମ୍‌ରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦୧୬ରେ ପକ୍ଷୀ, ବାଦୁଡି, ଝିଟିପିଟି ଓ କିଡାଙ୍କୁ ପ୍ରତି ବିପଦ ସୃଷ୍ଟିକରୁଥିବା ଆକ୍ରମଣାତ୍ମକ ପ୍ରଜାତିକୁ ଶେଷ କରିବା ପାଇଁ ଆରମ୍ଭ କରାଯାଇଛି। ଏହି ଜଙ୍ଗଲୀ ବିଲେଇ ପୋଷା ବିଲେଇମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏମାନେ ଶିକାର କରି ବଞ୍ଚି ରହିଥାନ୍ତି। ଏହି ବିଲେଇଗୁଡିକ ନ୍ୟୁଜିଲାଣ୍ଡର ଜଙ୍ଗଲ ଓ ଦୂର ଦୂରାନ୍ତ ସ୍ଥାନରେ ରହିଥାନ୍ତି। ଏମାନଙ୍କ ସଂଖ୍ୟା ଏବେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ପୋଟାକା କହିଛନ୍ତି। ଏହି ବିଲେଇଗୁଡିକର ଲମ୍ବ ୧ ମିଟର ହୋଇଥିବା ବେଳେ ଓଜନ ୭ କେଜି। ଏହି ବିଲେଇମାନଙ୍କ ଯୋଗୁଁ ବହୁ ଜୀବଜନ୍ତୁଙ୍କ ଅସ୍ତିତ୍ୱ ବିପଦରେ ପଡ଼ିଛି। ଷ୍ଟିୱାର୍ଟ ଦୀପରେ ରହୁଥିବା ଦକ୍ଷିଣୀ ଡୋଟେରେଲ ପକ୍ଷୀ ଏବେ ବିଲୁପ୍ତ ହେବାକୁ ବସିଲେଣି ବୋଲି ସେ କହିଛନ୍ତି। ପୁଣି ଏହି ବିଲେଇଙ୍କ କାରଣରୁ ଟୋକ୍ସୋପ୍ଲାସମୋସିସ୍ ଭଳି ରୋଗ ବ୍ୟାପୁଛି ଓ ଏହି କାରଣରୁ ଡଲଫିନ୍, ମଣିଷ ଓ ଅନ୍ୟ ଜୀବଜନ୍ତୁ ବିପଦରେ ପଡୁଛନ୍ତି।

## ଶାହିନ୍ ଫ୍ଲାଟ୍‌ରୁ ମିଳିଲା ୧୮ .୫୦ ଲକ୍ଷ ଟଙ୍କା



ଫରିଦାବାଦ୍, ୨୯।୧୧(ଏଜେନ୍ସି): ଦିଲ୍ଲୀର ଲାଲ୍‌କିଲ୍ଲାରେ ହୋଇଥିବା ବୋମା ବିସ୍ଫୋରଣର ଯାଞ୍ଚ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍ଆଇଏ) କରୁଛି। ଏହି ମାମଲାରେ ଆତଙ୍କବାଦ ମଡ୍ୟୁଲ୍‌ରେ ସାମିଲ ଥିବା ମହିଳା ଡାକ୍ତର ଶାହିନ ସହିଦର ଫରିଦାବାଦ୍‌ସ୍ଥିତ ଅଲ- ଫଲାହ ବିଶ୍ୱବିଦ୍ୟାଳୟର ଫ୍ଲାଟ୍‌ରୁ ୧୮ .୫୦ ଲକ୍ଷ ଟଙ୍କା ସହ ସୁନାର ବିସ୍କୁଟ ଓ ଗହଣା ମିଳିଛି। ତାଙ୍କ ଆଲମାରୀରୁ ଆରବ ଦେଶରେ ମୁଦ୍ରା ମଧ୍ୟ ମିଳିଛି। ଗୁରୁବାର ରାତିରେ ଏନ୍ଆଇଏ ଶାହିନଙ୍କୁ ନେଇ ଅଲ-ଫଲହା ବିଶ୍ୱବିଦ୍ୟାଳୟ ପହଞ୍ଚିଥିଲା। ଟିମ ସେଠାରେ ଶାହିନର ଗତିବିଧିକୁ ନେଇ ଯାଞ୍ଚ କରିଥିଲେ। ବିଶ୍ୱବିଦ୍ୟାଳୟ ଭିତରେ ଶାହିନର ଫ୍ଲାଟ୍ ନଂ ୨୨ ଥିଲା ବୋଲି ଏନ୍ଆଇଏ ଜାଣିବାକୁ ପାଇଛି। ଏହି ଫ୍ଲାଟ୍‌ରେ ବହୁ ସମୟ ଧରି ରହୁଥିଲା। ଫ୍ଲାଟ୍‌ର ଆଲମାରୀ ଖୋଲିବା ପରେ ଭିତରେ ଏକ ସିକ୍ରେଟ ଲକର ମିଳିଥିଲା। ତାଙ୍କୁ ଖୋଲାଯାଇଥିଲା ଓ ସେଥିରେ ଏକ ପକେଟ ରଖାଯାଇଥିଲା ଓ ଏଥିରେ ୫୦୦ ଟଙ୍କିଆ ନୋଟ ଥିଲା। ଗଣିବା ପରେ ଏହା ୧୮.୫୦ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଥିଲା। ଅଲମାରୀର ଦ୍ୱିତୀୟ ଲକରରୁ ସୁନାର ଦୁଇଟି ବିସ୍କୁଟ ଓ ୩୦୦ ଗ୍ରାମର ସୁନା ଗହଣା ମିଳିଥିଲା। ଏହି ଆଲମାରୀରେ ଆରବ ଦେଶର ମୁଦ୍ରା ମଧ୍ୟ ମିଳିଥିଲା। ଏଥିସହ ବିଶ୍ୱବିଦ୍ୟାଳୟର ଆଡମିଶନ ବ୍ଲକରୁ ଶାହିନର କିଛି କାଗଜପତ୍ରକୁ ମଧ୍ୟ ଏଜେନ୍ସି ଜବତ କରିଥିଲା। ଏଜେନ୍ସି ଶାହିନକୁ କେବିନ ଓ କ୍ଲାସରୁମ ନେଇ ପହଞ୍ଚିଥିଲା। ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସଲରଙ୍କ ନିକଟକୁ ମଧ୍ୟ ତାଙ୍କୁ ନିଆଯାଇଥିଲା। ଉଲ୍ଲେଖଥାଉ କି, ଲାଲକିଲ୍ଲା ବିସ୍ଫୋରଣରେ ଶାହିନ ସମେତ ୭ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୩ ଜଣ ଡାକ୍ତର ସାମିଲ ରହିଛନ୍ତି।

# ତୁଟୁନି କର୍ଣ୍ଣାଟକ ଅଡୁଆ



■ ଏକାଠି ଜଳଖିଆ କଲେ ସିଦ୍ଧରମେୟା-ଶିବକୁମାର
■ ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ମତଭେଦ ନ ଥିବା କହିଲେ

ବେଙ୍ଗାଲୁରୁ, ୨୯।୧୧ (ଏଜେନ୍ସି): କର୍ଣ୍ଣାଟକରେ କଂଗ୍ରେସ ସରକାରକୁ ଅଢ଼େଇ ବର୍ଷ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଆରମ୍ଭ ହୋଇଥିବା କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ଚୌକିକୁ ନେଇ ଲାଗିଥିବା ଏହି ଟଣା ଓଟରା ଖୋଲାଖୋଲି ଭାବେ ସାମ୍ନାକୁ ଆସି ଯାଇଛି। ଜଣେ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବାବେଳେ ଆଉ ଜଣେ ଚୌକି ନ ଛାଡ଼ିବାକୁ ଅଡ଼ି ବସିଛନ୍ତି। ଏହି ବିବାଦ ସାଇବର ସହରରୁ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ପଦବୀ ବିବାଦ ଏତେ ବଢ଼ି ଯାଇଥିଲା ଯେ କଂଗ୍ରେସ ହାଇକମାଣ୍ଡଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ଉଭୟ ଗୋଷ୍ଠୀର କର୍ମୀ ନିଜ ନିଜ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରିନ୍ତି। ଅଢ଼େଇ ବର୍ଷ ପୂରଣ ହୋଇଥିବାରୁ ଗାଦି ଛାଡ଼ ବୋଲି ଡିକେଙ୍କ ସମର୍ଥକ ଦାବି କରିଛନ୍ତି। କିନ୍ତୁ ଏଭଳି କୌଣସି ଚୁକ୍ତି ହୋଇ ନ ଥିବା ସିଦ୍ଧରମେୟା ଗୋଷ୍ଠୀ ମତ ଦେଉଛନ୍ତି। ତେବେ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସିଦ୍ଧରମେୟା ନିଜ ସହଯୋଗୀ ତଥା କଂଗ୍ରେସ ଅଧ୍ୟକ୍ଷ ଡିକେ ଶିବକୁମାରଙ୍କୁ ଜଳଖିଆ ପାଇଁ ଡକାଇଛନ୍ତି। ଆଉ ଏହାକୁ ରକ୍ଷା କରି ଶନିବାର ସକାଳ ୧୦ଟା ୧୫ରେ ଡିକେ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଏହି ଭେଟଘାଟକୁ କଂଗ୍ରେସରେ ଚାଲିଥିବା କ୍ଷମତା କଳିର ସମାଧାନ ଭାବେ ଦେଖାଯାଉଛି। ଉଭୟ ନେତା ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଜଳଖିଆ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହା ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ।

ସିଦ୍ଧରମେୟା କହିଥିଲେ ଯେ ଆମ ଭିତରେ କୌଣସି ମତଭେଦ ନାହିଁ ଏବଂ ଭବିଷ୍ୟତରେ ମଧ୍ୟ ହେବ ନାହିଁ। ଉଭୟେ ଏକାଠି କାମ କରିବୁ। ବିଜେପି ଏବଂ ଜେଡିଏସ ମିଥ୍ୟା ଅଭିଯୋଗ ଲଗାଇଥିବା କହିଥିଲେ। ଉଭୟ ଦଳ କଂଗ୍ରେସ ସାମ୍ନାରେ ତିଷ୍ଠି ପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଡିକେ କହିଥିଲେ ଯେ ଜନତାଙ୍କ ସମର୍ଥନରେ ସରକାର ଗଢ଼ିଛୁ। ଯାହା ପ୍ରତିଶ୍ରୁତି ଦେଇଛୁ ତାହା କରିବା ପାଇଁ କାମ କରୁଛୁ। ହାଇକମାଣ୍ଡ ଯାହା କହିବେ ଆମେ ତାହା ପାଳନ କରିବୁ। କୌଣସି ଗୋଷ୍ଠୀ କନ୍ଦଳ ନାହିଁ। ମୁଁ ମୁଖ୍ୟମନ୍ତ୍ରୀଙ୍କ ସହ ରହିଛି। କର୍ଣ୍ଣାଟକରେ ବିକାଶକୁ ପ୍ରାଧାନ୍ୟ ଦେବୁ। ପୁଣି ଥରେ ୨୦୨୮ରେ ସରକାର ଗଠନ କରିବୁ।

ସୂଚନା ଅନୁଯାୟୀ ଏହି ବୈଠକରେ ୨୦୨୮ରୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ଡିକେଙ୍କୁ ଶିବକୁମାର କହିଥିଲେ। ଆଉ କିଛି ରିପୋର୍ଟରେ ମୁଖ୍ୟମନ୍ତ୍ରୀ ବଦଳାଇବା ମାମଲାକୁ ମାର୍ଚ୍ଚ-ଏପ୍ରିଲ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି। ଏହା ପରେ ଶିବକୁମାର ସରକାରର ମୁଖ୍ୟ ହୋଇପାରନ୍ତି। ସହଜରେ କ୍ଷମତା ପରିବର୍ତ୍ତନ ପାଇଁ ଶିବକୁମାରଙ୍କୁ ଶାନ୍ତ ରହି ନିଜ କାମ କରିବାକୁ ହାଇକମାଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

# ବାଇଡେନଙ୍କ ୯୨% ନିର୍ଦ୍ଦେଶ ରଦ୍ଦ କଲେ ଟ୍ରମ୍ପ

ୱାଶିଂଟନ, ୨୯।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ଚକିତ କଲା ଭଳି ପଦକ୍ଷେପ ନେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଜାରି କରାଯାଇଥିବା ୯୨ ପ୍ରତିଶତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ଟ୍ରମ୍ପ ରଦ୍ଦ କରିଦେଇଛନ୍ତି। ସେ ନିଜ ସାମାଜିକ ଗଣମାଧ୍ୟମ ସାଇଟ୍ 'ଟ୍ରୁଥ୍ ସୋସିଆଲ'ରେ ଏହାର ସୂଚନା ଦେଇଛନ୍ତି। ଟ୍ରମ୍ପ ଏହି ନିର୍ଦ୍ଦେଶକୁ ନେଇ ବଡ଼ ଦାବି ମଧ୍ୟ କରିଛନ୍ତି। ସେ କହିଛନ୍ତି ଯେ ଏହି ସବୁ ନିର୍ଦ୍ଦେଶରେ ଅଟୋପେନ୍ ତଥା ମେସିନରେ ଦସ୍ତଖତ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିଲେ ଏହା ବୈଧ ହୋଇଥାଏ। ବାଇଡେନଙ୍କ ମଞ୍ଜୁରି ନ ନେଇ ଏପରି କରାଯାଇଥିବାରୁ ତାହାକୁ ରଦ୍ଦ କରିଦିଆଯାଇଛି। କାରଣ ସେ ଅଟୋପେନ ପ୍ରକ୍ରିୟାରେ ସାମିଲ ନ ଥିଲେ। ଏହି ସବୁ ନିର୍ଦ୍ଦେଶକୁ ଆଉ କେବେ ବି କାର୍ଯ୍ୟକାରୀ କରାଯିବ ନାହିଁ।



■ ମେସିନରେ ଦସ୍ତଖତ ହୋଇଥିବା ଦାବି
■ ପୂର୍ବତନ ରାଷ୍ଟ୍ରପତିଙ୍କୁ ମଞ୍ଜୁର ନ ଥିବାରୁ ବେଆଇନ

ଟ୍ରମ୍ପଙ୍କ ଏହି ପଦକ୍ଷେପ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏଥିରେ ସ୍ୱାସ୍ଥ୍ୟ ପରିବେଶ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମ୍ବନ୍ଧିତ ନିୟମ ସାମିଲ ରହିଛି। ବାଇଡେନଙ୍କୁ ଟ୍ରମ୍ପ ନିଦ୍ରାଳୁ ଜୋ ଏବଂ ଚାଲାକ ଜୋ କହି ଧମକ ଦେଇଛନ୍ତି। ଯଦି ବାଇଡେନ ଏହି ନିର୍ଦ୍ଦେଶରେ ନିଜ ସହମତି ଥିବା ଦାବି କରନ୍ତି ତେବେ ତାଙ୍କ ବିରୋଧରେ ମିଥ୍ୟା ବୟାନ ଦେଇଥିବାରୁ ଅଭିଯୋଗ ଲଗାଯିବ ବୋଲି କହିଛନ୍ତି। ହ୍ୱାଇଟ ହାଉସ ନିକଟରେ ନ୍ୟାସନାଲ ଗାର୍ଡଙ୍କ ଉପରେ ଆକ୍ରମଣ ହେବା ପରେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି।

ବାଇଡେନ ଚାରି ବର୍ଷ (୨୦୨୧-୨୫) ମଧ୍ୟରେ ମୋଟ ୧୬୨ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଥିଲେ। ଏହା ସହିତ ଅନେକ ମେମୋରାଣ୍ଡମ ଏବଂ ନୋଟିସରେ ମଧ୍ୟ ସ୍ୱାକ୍ଷର କରିଥିଲେ। ଗତ ଜାନୁଆରୀରେ ଟ୍ରମ୍ପ ପଦ ସମ୍ଭାଳିବା ପରଠାରୁ ବାଇଡେନ ଯୁଗର ୮୦ ନିର୍ଦ୍ଦେଶକୁ ରଦ୍ଦ କରି ସାରିଲେଣି। କିନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏବେ ବି କାର୍ଯ୍ୟକାରୀ ହେଉଛି। ଏବେ ଏହା ମଧ୍ୟରୁ କିଛି ରଦ୍ଦ ହୋଇପାରେ। ଟ୍ରମ୍ପଙ୍କ ଏଭଳି ମନମୁଖୀ ନୀତି ଯୋଗୁଁ ସ୍ୱାସ୍ଥ୍ୟ, ପରିବେଶ, ସଂଖ୍ୟାଲଘୁ, ଏଆଇର ବିକାଶ ଏବଂ ଉପଯୋଗ ସମ୍ବନ୍ଧିତ ଆଇନ ଉପରେ ପ୍ରଭାବ ପଡ଼ିପାରେ। ତେବେ ବିଶେଷଜ୍ଞଙ୍କ ଅନୁଯାୟୀ, ସବୁ ନିର୍ଦ୍ଦେଶର ବୈଧତାର ପ୍ରମାଣ ଦେବା ସମ୍ଭବ ହୋଇ ନ ପାରେ। ମାତ୍ର ବାଇଡେନଙ୍କ ଏହି ସ୍ୱାକ୍ଷରର କିଏ ଯାଞ୍ଚ କରିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେରିକାର ନିୟମ ଅନୁଯାୟୀ, କୌଣସି ରାଷ୍ଟ୍ରପତି ନିଜ ପୂର୍ବତନ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ ସଂଶୋଧନ, ରଦ୍ଦ ଏବଂ ପାଳନ କରିବାକୁ ମନା କରିଦେଇପାରିବେ। ତେବେ ଏହାର କିଛି ସୀମା ରହିଛି।

## ରୁଷିଆର ଦୁଇ ତୈଳ ଟ୍ୟାଙ୍କରରେ ବିସ୍ଫୋରଣ

ମସ୍କୋ, ୨୯।୧୧(ଏଜେନ୍ସି): କୃଷ୍ଣ ସାଗରରେ ରୁଷିଆର ଦୁଇଟି ତୈଳ ଟ୍ୟାଙ୍କର କାଇରୋସ ଓ ବିରାଟରେ ଭୟଙ୍କର ବିସ୍ଫୋରଣ ହୋଇଛି। ଦୁଇଟି ଜାହଜର କ୍ରୁ ମେମ୍ବରଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଛି। ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି କ୍ରୁ ମେମ୍ବରମାନେ କହିଛନ୍ତି। ୟୁକ୍ରେନ ଏହି ଆକ୍ରମଣ କରିଛି ବୋଲି



କହିଛି। ପାଣି ଭିତରେ ଚାଲୁଥିବା ୟୁକ୍ରେନର ଡ୍ରୋନ ଦ୍ୱାରା ଏହି ବିସ୍ଫୋରଣ ହୋଇଛି। ଏହି ଅପରେସନ ଏସ୍‌ବିୟୁ ଓ ନୌସେନା ସାଥି ହୋଇ କରିଛନ୍ତି ବୋଲି ୟୁକ୍ରେନର ସୁରକ୍ଷା ଏଜେନ୍ସି ତରଫରୁ କୁହାଯାଇଛି। ଏବେ ଏହି ଦୁଇଟି ଜାହାଜର ବ୍ୟବହାର ଯୋଗ୍ୟ ହୋଇ ରହିବା ନାହିଁ ବୋଲି ୟୁକ୍ରେନ କହିଛି। ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବାକୁ ୟୁକ୍ରେନ ଉପରେ ଆମେରିକା ଚାପ ପକାଉଥିବା ବେଳେ ଏହି ଘଟଣା ଘଟିଛି। ଦୁଇଟି ଟ୍ୟାଙ୍କରରେ ଗାମ୍ବିଆର ପତାକା ଲାଗିଥିଲା। ପୂର୍ବରୁ ବିରାଟ ତୈଳ ଟ୍ୟାଙ୍କର ଶୁକ୍ରବାର କ୍ଷତିଗ୍ରସ୍ତ ହୋଇଥିଲା। ନିଆଁର ସ୍ଥିତି ଉପରେ ନଜର ରଖାଯାଇଛି ବୋଲି କୁହାଯାଇଛି। ବିରାଟର ୨୦ଜଣ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି। କିନ୍ତୁ ଜାହାଜର ଇଞ୍ଜିନରେ କଳା ଧୂଆଁ ଦେଖିବାକୁ ମିଳିଛି। ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ତେବେ ରୁଷ୍ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

# ତାଜିକିସ୍ତାନର ସୁନା ଖଣିରେ ଚୀନ୍‌ର ୩ ଇଞ୍ଜିନିୟରଙ୍କୁ ହତ୍ୟା

କାବୁଲ୍, ୨୯।୧୧(ଏଜେନ୍ସି): ତାଜିକିସ୍ତାନର ଖାତଲୋନ ରାଜ୍ୟର ଏକ ସୁନା ଖଣିରେ ଉପରେ ହୋଇଥିବା ଡ୍ରୋନ ଆକ୍ରମଣରେ ୩ ଜଣ ଚୀନ୍ ଇଞ୍ଜିନିୟର ମୃତ୍ୟୁବରଣ କରିଛନ୍ତି। ନଭେମ୍ବର ୨୬ରେ ଏହି ଡ୍ରୋନ ଆକ୍ରମଣ ହୋଇଥିଲା। ଆଫଗାନିସ୍ତାନରୁ ହିଁ ଏହି ଡ୍ରୋନ ଆସିଥିଲା ବୋଲି ତାଜିକିସ୍ତାନ ଦାବି କରିଛି। ଏବେ ଏହି ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଆଫଗାନିସ୍ତାନର ଅପରାଧିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ତାଜିକିସ୍ତାନ ତରଫରୁ କୁହାଯାଇଛି। ଏଭଳି ଘଟଣାକୁ ରୋକିବା ପାଇଁ ତାଲିବାନ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ତାଜିକିସ୍ତାନ କହିଛି। ତେବେ ତାଲିବାନ ଏହି ଡ୍ରୋନ ଆକ୍ରମଣରେ ସମ୍ପୃକ୍ତ ନାହିଁ ବୋଲି ସ୍ପଷ୍ଟ କରିଛି। ପାକିସ୍ତାନରେ ଅରାଜକତା ସୃଷ୍ଟିକରିବାକୁ ଚାହୁଁଥିବା ଏକ ସଂଗଠନ ଅର୍ଥାତ ଗୋଷ୍ଠୀ ଏହି ଆକ୍ରମଣ କରିଛି ବୋଲି ତାଲିବାନ କହିଛି। ତାଲିବାନର ଏହି ଦାବି ପରେ ଚୀନ୍‌ର ଏହି ୩ ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ପଛରେ କାହାର ହାତ ଅଛି ତାହା ଜଣାପଡ଼ିନାହିଁ। ସେପଟେ ଚୀନ୍ ଏହି ଘଟଣା ନେଇ ପ୍ରବଳ ଅସନ୍ତୋଷ ଜାହିର କରିଛି। ଏହି ଘଟଣାକୁ ଚୀନ୍ ନିନ୍ଦା କରିଛି ଓ ସୀମାବର୍ତ୍ତୀ ଅଞ୍ଚଳ ଛାଡ଼ିବାକୁ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ପୂର୍ବରୁ ମଧ୍ୟ ଚୀନ୍ ଇଞ୍ଜିନିୟରଙ୍କ ଉପରେ ଏଭଳି ଆକ୍ରମଣ ହୋଇଛି। ପାକିସ୍ତାନ ଆଫଗାନିସ୍ତାନକୁ ପରୋକ୍ଷରେ ଦାୟୀ କରିଛି। ଆତଙ୍କବାଦୀଙ୍କ ଉପରେ ଆଫଗାନିସ୍ତାନ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ପାକିସ୍ତାନ କହିଛି। ତାଲିବାନ ମଧ୍ୟ ପାକିସ୍ତାନକୁ ଏହି ଘଟଣା ପାଇଁ ଦାୟୀ କରିଛି। ଚୀନ୍ ଇଞ୍ଜିନିୟରଙ୍କ ଉପରେ ଡ୍ରୋନ ଆକ୍ରମଣକୁ ଆଫଗାନିସ୍ତାନ ମଧ୍ୟ ନିନ୍ଦା କରିଛି।

## ଦକ୍ଷିଣ ପୂର୍ବ ଏସିଆରେ ଝଡ଼ ଓ ବନ୍ୟା ବିପ୍ରାତ

# ଇଣ୍ଡୋନେସିଆରେ ୨୪୮ , ଥାଇଲାଣ୍ଡରେ ୧୬୨ ମୃତ

ଜାକର୍ତ୍ତା, ବ୍ୟାଙ୍କକ/କଲମ୍ବୋ, ୨୯।୧୧(ଏଜେନ୍ସି): 'ସେନିୟାର' ଝଡ଼ ଥାଇଲାଣ୍ଡ, ଇଣ୍ଡୋନେସିଆ, ମାଲେସିଆ, ଭିଏତନାମରେ ବିପର୍ଯ୍ୟୟ ସୃଷ୍ଟି କରିଛି। ପ୍ରବଳ ବର୍ଷା ଯୋଗୁଁଆସିଥିବା ବନ୍ୟା ବିପ୍ରାତ ଆଣିଛି। ଏହା ଜନ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବର୍ଷା ଜନିତ ଅଘଟଣରେ ଥାଇଲାଣ୍ଡରେ ୧୬୨ ଜଣ ପ୍ରାଣ ହରାଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଶ୍ରୀଲଙ୍କାରେ ବାତ୍ୟା ଦିତୱା ୧୫୩ ଜଣଙ୍କ ଜୀବନ ନେଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି। ଥାଇଲାଣ୍ଡ ପ୍ରଶାସନର ସୂଚନା ଅନୁଯାୟୀ, ଝଡ଼ ସେନିୟାରା ଯୋଗୁ ଆସିଥିବା ବନ୍ୟା ୧୨ ପ୍ରଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ ୧୨ ଲକ୍ଷରୁ ଅଧିକ ପରିବାର ଏବଂ ୩୬ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଥାଇଲାଣ୍ଡରେ କ୍ଷୁଦ୍ର କୋଠା ଏବଂ ଗାଡ଼ିଗୁଡିକ ପାଣିରେ ବୁଡ଼ି ଯାଇଛି। ଉଦ୍ଧାରକାରୀ ଦଳ ପାଣି ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ଅନେକ ଜିଲ୍ଲାରେ ଜଳସ୍ତର ଖସିବାରେ ଲାଗିଛି। ବର୍ଷା କମିଥିବାବେଳେ ଝଡ଼ତୋଫାନର ବିପଦ ରହିଛି। ମାଲେସିଆ ସୀମାରେ ଥିବା ସୋଙ୍ଗଖାଲା ଅଞ୍ଚଳ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି।



ଇଣ୍ଡୋନେସିଆରେ ସୁମାତ୍ରା ଦୀପରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନ କାରଣରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଏହି ପ୍ରାକୃତିକ ବିପତ୍ତିରେ ଏପର୍ଯ୍ୟନ୍ତ ୨୪୮ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। କେତେକ ପ୍ରଭାବିତ ଅଞ୍ଚଳରେ ବିମାନ ମାଧ୍ୟମରେ ରିଲିଫ ସାମଗ୍ରୀ ପହଞ୍ଚାଇବାକୁ ପ୍ରୟାସ କରାଯାଉଛି। ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ କାରଣରୁ ସଡ଼କଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି ଓ ବହୁ ଅଞ୍ଚଳ ମୁଖ୍ୟସ୍ରୋତରୁ ଅଲଗା ହୋଇଛି। ଉତ୍ତର ସୁମାତ୍ରାର ମଧ୍ୟ ଟପାନୁଲି ଜିଲ୍ଲା ସମେତ ଅନ୍ୟ ଜିଲ୍ଲାଗୁଡିକରେ ବିମାନ ସାହାଯ୍ୟରେ ରିଲିଫ ସାମଗ୍ରୀ ପହଞ୍ଚାଯାଉଛି। ଏପର୍ଯ୍ୟନ୍ତ ୮୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ସଡ଼କ ପଥ କ୍ଷତିଗ୍ରସ୍ତ ହେବା କାରଣରୁ ହେଲିକପ୍ଟର ଦ୍ୱାରା ଅତ୍ୟାବଶକୀୟ ସାମଗ୍ରୀ ପହଞ୍ଚାଯାଉଛି। ସିବୋଲ୍ଗା ଓ କେନ୍ଦ୍ରୀୟ ଟାପାନୁଲୀ ଭଳି ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। କେବଳ ଉତ୍ତର ସୁମାତ୍ରା ନୁହେଁ ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ଓ ଆସେହ ରାଜ୍ୟରେ ମଧ୍ୟ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ଆସେହର ୨୩ରୁ ୧୦ଟି ଜିଲ୍ଲାରେ ପାଣି ଭରି ରହିଛି। ଇଣ୍ଡୋନେସିଆ କେତେକ ଅଞ୍ଚଳରେ ଏବେ ମଧ୍ୟ ବର୍ଷା ଜାରି ରହିଛି।

### କାର୍ଯ୍ୟକ୍ଷମ ହେଉନି ଓଏଭି ହଷ୍ଟେଲ୍

# ଅଭିଭାବକଙ୍କ ମୁଣ୍ଡରେ ଆର୍ଥିକ ବୋଝ

■ ଭୂତକୋଠିରେ ପରିଣତ ହେଲାଣି ଅବ୍ୟବହୃତ କୋଠା
■ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ ୧୦୬ ହଷ୍ଟେଲ୍

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ପଢୁଥିବା ପିଲାଙ୍କ ରହିବା ପାଇଁ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ନିର୍ମାଣ ସରିଥିବା କୋଠାଗୁଡ଼ିକ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ବହୁ ଦୂରଦୂରାନ୍ତରୁ ପ୍ରତିଦିନ ଯିବାଆସିବା କରୁଥିବା ଛାତ୍ରଛାତ୍ରୀମାନେ ଆର୍ଥିକ ବୋଝ ମୁଣ୍ଡାଉଛନ୍ତି। ଅପରପକ୍ଷରେ ଆଦର୍ଶ ବିଦ୍ୟାଳୟ ପାଖରେ ହଷ୍ଟେଲ୍ ଓ ପରିବହନ ବ୍ୟବସ୍ଥା ଖୋଲି ଘରୋଇ ମାଲିକମାନେ ମୁନାଫା କମାଉଛନ୍ତି। ଫଳରେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷାଦାନ ପାଇଁ ପରିକଳ୍ପନା ହୋଇଥିବା ଓଏଭି ଲକ୍ଷ୍ୟଚ୍ୟୁତ ହେଉଛି।

ରାଜ୍ୟର ସମସ୍ତ ବ୍ଲକ୍ ସମେତ ଗୋଟିଏ ଆଇକନିକ୍ ଓଏଭିକୁ ମିଶାଇ ମୋଟ୍ ୩୧୫ଟି ଆଦର୍ଶ ବିଦ୍ୟାଳୟ ରହିଛି। ସେହିପରି ଆଉ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍ଏଭି) ରହିଛି। ପ୍ରାୟ ୧ଲକ୍ଷ ୧୦ ହଜାର ଛାତ୍ରଛାତ୍ରୀ ତହିଁରେ ଅଧ୍ୟୟନ କରୁଛନ୍ତି। ସମସ୍ତ ବିଦ୍ୟାଳୟରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ସହ ପିଲାଙ୍କ ରହିବା ପାଇଁ ହଷ୍ଟେଲ୍‌ର ପ୍ରାବଧାନ ରହିଛି। ପ୍ରାୟ ସମସ୍ତ ବିଦ୍ୟାଳୟରେ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ପ୍ରାୟ ଦେଢ଼ବର୍ଷ ହେଲା ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନି। ନୂତନ କୋଠାଗୁଡ଼ିକ ବ୍ୟବହୃତ ହେଉ ନଥିବାରୁ ଭୂତକୋଠିରେ ପରିଣତ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୩୦ରୁ ୩୫ କି.ମି ଯାଏଁ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଆଉ କିଛି ପିଲା ନିକଟରେ ଥିବା ଘରୋଇ ହଷ୍ଟେଲ୍‌ରେ ରହୁଛନ୍ତି। ବିକଳ୍ପ ନଥିବାରୁ ଘରୋଇ ହଷ୍ଟେଲ୍ ଇଚ୍ଛା ମୁତାବକ ଫି’ ନେଉଥିବାରୁ ପିଲା ଓ ସେମାନଙ୍କ ଅଭିଭାବକମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି।

କିଛି ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ କୋଠାକୁ ଓଏଭିକୁ ହସ୍ତାନ୍ତର କରାଯାଇନଥିବା ମଧ୍ୟ ଜଣାପଡ଼ିଛି। ଆଉ କିଛି ସ୍ଥାନରେ ହଷ୍ଟେଲ ପରିଚାଳନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ କହିଛନ୍ତି ଯେ ହଷ୍ଟେଲ୍ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆସବାବପତ୍ର ଏବଂ ପରିଚାଳନା ପାଇଁ ଆବଶ୍ୟକ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଟେଣ୍ଡର ସରିଛି। ଏପରିକି ୧୦୬ଟି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ଏସବୁ ହଷ୍ଟେଲ୍ କାର୍ଯ୍ୟକ୍ଷମ ହେବ। ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ସମସ୍ତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକ୍ଷମ ହେବ ବୋଲି ଶ୍ରୀମତୀ ରାଉତ କହିଛନ୍ତି।

# ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ

## ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଆବଶ୍ୟକସ୍ଥଳେ ଜାଗା କିଣିବେ ସରକାର

■ ରାଜ୍ୟର ସମସ୍ତ ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ ନେଇ ଦୃଢ଼ୋକ୍ତି
■ ୧୦ ହଜାର ୯୦୦ ଘର ଲାଗି ଅତିରିକ୍ତ ବଜେଟ୍‌ରେ ବ୍ୟବସ୍ଥା

ଭୁବନେଶ୍ୱର, ୨୯।୧୧ (ସମିସ): ରାଜ୍ୟରେ ସମୁଦାୟ ୭୪୨୨୪ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ୨୦୧୫୦ଟିର ନିଜସ୍ୱ ଗୃହ ନାହିଁ। ୪୫୭୪ ଅଙ୍ଗନବାଡ଼ି ସ୍କୁଲ ଘରେ ଚାଲୁଥିବା ବେଳେ ୧୦୪୬୯ଟି ଅଙ୍ଗନବାଡ଼ି କମ୍ୟୁନିଟି ସେଣ୍ଟର୍‌ରେ ଚାଲୁଛି। ସେହିପରି, ୩୮୯୦ଟି ଅଙ୍ଗନବାଡି ଭଡ଼ାଘରେ ଚାଲୁଛି। ୭୩୮୯ଟି ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣାଧୀନ ଥିବା ବେଳେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନିର୍ମାଣ ହେବ। ଏନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଯଦି କୌଣସି ସ୍ଥାନରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ଲାଗି ଜାଗା ନଥିବ, ପଞ୍ଚାୟତିରାଜ ବିଭାଗ ସହଯୋଗରେ ସରକାର ଜାଗା କିଣି ଗୃହ ନିର୍ମାଣ କରିବେ। ଏନେଇ ବିଧାନସଭାରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ଶନିବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଅଶ୍ୱିନୀ ପାତ୍ରଙ୍କ ସମେତ ବହୁ ବିଧାୟକ ନିଜନିଜ ଅଞ୍ଚଳରେ ଅସମ୍ପୂର୍ଣ୍ଣ ନିର୍ମାଣଧୀନ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଭଡ଼ାଘରେ କିମ୍ବା ଅନ୍ୟତ୍ର ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ର ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ଉତ୍ତର ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଯଦି କୌଣସି ଅଞ୍ଚଳରେ ସରକାରୀ ଜାଗା ଉପଲବ୍ଧ ନ ହେବ, ସେହିଠାରେ ବିଭାଗ ଜାଗା କିଣି ନିଜସ୍ୱ ଅଙ୍ଗନବାଡ଼ି ଗୃହ ନିର୍ମାଣ କରାଯିବ। ଏଥିଲାଗି ୨୫ଲକ୍ଷ ଟଙ୍କାର ଅର୍ଥ ପ୍ରାବଧାନ ରଖାଯିବ। ବିଜେଡି ବିଧାୟକ ପ୍ରତାପ ଦେବ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଅର୍ଥ ଅନୁମୋଦନ ସମସ୍ୟା ପ୍ରସଙ୍ଗ ଉଠାଇ ପ୍ରଶ୍ନ କରିଥିଲେ।

ଏହାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ଗୃହ ନିର୍ମାଣ ଲାଗି ଅର୍ଥ ସମସ୍ୟା ଥିଲେ ବିଭାଗ ନିଜସ୍ୱ ପାଣ୍ଠି ବ୍ୟବସ୍ଥା କରିବ। ବିଜେପି ବିଧାୟକ ସନାତନ ବିଜୁଳି ଓ କଂଗ୍ରେସ ବିଧାୟକ ସି.ଏସ୍ ରାଜନ୍ ଏକ୍କା ପ୍ରମୁଖ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଟେଣ୍ଡର୍ ନେଇଥିବା କଣ୍ଟ୍ରାକ୍ଟର୍ କାମ କରିନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବିଜେଡି ବିଧାୟକ ସାରଦା ନାୟକ, ପବିତ୍ର ସାଉନ୍ତା ପ୍ରମୁଖ ନିଜ ଅଞ୍ଚଳରେ ଅଙ୍ଗନବାଡ଼ି କେନ୍ଦ୍ର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

ମନ୍ତ୍ରୀ ଉତ୍ତରରେ କହିଥିଲେ ଯେ ରାଜ୍ୟରେ୧୦ହଜାର ୪୧୬ ମିନି ଅଙ୍ଗନବାଡ଼ି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନବାଡ଼ିକୁ ରୂପାନ୍ତର ହୋଇଛି। ସେହିପରି ୧୨୧୪୪ଟି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ପରିବର୍ତ୍ତନ କରାଯାଇଛି। କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ୫୦୫୬ଟି ସକ୍ଷମ ଅଙ୍ଗନବାଡି ସୃଷ୍ଟି ହୋଇଛି। ସବୁ ଅଙ୍ଗନବାଡ଼ି ପାଇଁ ନିଜସ୍ୱ ଗୃହ ହେବ। ସକ୍ଷମ ଅଙ୍ଗନବାଡ଼ି ଜରିଆରେ ଗୃହ ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ, ପଞ୍ଚାୟତିରାଜ ବିଭାଗଠାରୁ ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। କୌଣସି ସ୍ଥାନରେ ସମସ୍ୟା ଥିଲେ, ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନବାଡ଼ି ନିର୍ମାଣ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଗୃହରେ ଅତିରିକ୍ତ ବଜେଟ୍ ପାରିତ ହେବା ପରେ ବିଭାଗ ପାଖରେ ୧୦୯୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକ ପାଣ୍ଠି ଥିବ ବୋଲି ସେ କହିଥିଲେ।

# ନୂଆବର୍ଷରେ ନୂଆ ହିତାଧିକାରୀଙ୍କୁ ଏକାଥରକେ ୨ଟି କିସ୍ତି ‘ସୁଭଦ୍ରା’ ଟଙ୍କା

ଭୁବନେଶ୍ୱର, ୨୯।୧୧(ସମିସ): ନୂଆ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର। ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ଟଙ୍କା ପାଇବେ ଯୋଗ୍ୟ ହିତାଧିକାରୀ। ଏ ସଂପର୍କରେ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି, ଯେଉଁମାନଙ୍କୁ ୨୧ ବର୍ଷ ହେଲା, ସେମାନେ ଆପେଆପେ ଏହି ଯୋଜନାରେ ଯୋଡ଼ି ହେଉଛନ୍ତି। ସମସ୍ତେ ଯେପରି ସୁଭଦ୍ରା ଟଙ୍କା ପାଇବେ, ସେଥିପାଇଁ ବିଭାଗ କାମ କରୁଛି। କ୍ଷେତ୍ର ପରିଦର୍ଶନ ପରେ ସୁଭଦ୍ରା ଯୋଜନାରେ ୧୭ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯୋଡ଼ି ହେଲେଣି। ବର୍ତ୍ତମାନ ୧କୋଟି ୩ଲକ୍ଷ ୮୯ହଜାର ୮୦୧ମହିଳା ପ୍ରଥମ/ଦ୍ୱିତୀୟ କିସ୍ତି ପାଇଛନ୍ତି। ସେଥିମଧ୍ୟରୁ ୯୭ଲକ୍ଷ ୫୧ ହଜାର ୪୭୯ଜଣ ମହିଳା ସୁଭଦ୍ରା ଟଙ୍କା ପାଇଛନ୍ତି। ବୟସ କମ୍ ହୋଇଥିବା କାରଣରୁ ଗତଥର ଯେଉଁମାନେ ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିନଥିଲେ, ସେମାନେ ଆବେଦନ କରୁଛନ୍ତି। ଏଥିପାଇଁ ଅବେଦନକାରୀଙ୍କ ବୟସ ୧ ଏପ୍ରିଲ, ୨୦୨୫ ସୁଦ୍ଧା ୨୧ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ଏବଂ ଏହି ଯୋଜନା ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ସେମାନେ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

### ୧୦ ଦିନ ସମୟ ନେଲେ ଜିଲ୍ଲାପାଳ

# ଦ୍ୱିତୀୟ ଶ୍ରୀକ୍ଷେତ୍ର ସେବାୟତଙ୍କ ଆନ୍ଦୋଳନ ସ୍ଥଗିତ

ବାରିପଦା, ୨୯ ।୧୧(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ସମ୍ପତ୍ତିର ପୁନରୁଦ୍ଧାର ହେଉନଥିବାରୁ ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହ ସେମାନେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଡିସେମ୍ବର ପହିଲାରୁ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାତରେ ଦୀପ ଜାଳି ଆଣ୍ଠେଇ ଆଣ୍ଠେଇ ଅହିଂସାତ୍ମକ ପ୍ରତିବାଦ ପ୍ରଦର୍ଶନ କରିବେ ବୋଲି କହିଥିଲେ। ତେବେ ଆଜି ଜିଲ୍ଲାପାଳ ହେମକାନ୍ତ ସଏ ସେବାୟତଙ୍କ ସହ ନିଜ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ୧୦ ଦିନ ସମୟ ମାଗିଥିବାରୁ ସେବାୟତମାନେ ସେମାନଙ୍କ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି।



ବଡ଼ ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ରାଜାରାଜୁଡ଼ା ସମୟରେ ପ୍ରଦତ୍ତ ଜମିର ସଠିକ୍ ପରିଚାଳନା, ମନ୍ଦିର ପରିଚାଳନାରେ ଆର୍ଥିକ ସମସ୍ୟା ଦୂର, ୧ ହଜାର ଏକର ଜମିରେ କାଜୁ ଚାଷ ପାଇଁ ନିଲାମର ଲିଜ୍‌କୁ ନବୀକରଣ, ଦେବତ୍ତୋର ବିଭାଗରେ ଦେଢ଼ କୋଟି ଟଙ୍କା ଅଭାବ ପାଇଁ ବାରମ୍ବାର ଠାକୁରଙ୍କ ରୀତିନୀତିରେ ବାଧା ଉପୁଜିବା, ଦେବତ୍ତୋର ବିଭାଗର ଜମିରୁ ଜବରଦଖଲ ଉଚ୍ଛେଦ, ମନ୍ଦିର ପାଇଁ ସ୍ଥାୟୀ ଅଫିସର ଓ ଅଧିକ ସେବାୟତ ନିଯୁକ୍ତି, ମନ୍ଦିର ପରିଚାଳନା ପାଇଁ ୫୦କୋଟିର ଅନୁଦାନ ପ୍ରଦାନ ଆଦି ଦାବି ସମ୍ବନ୍ଧରେ ସେବାୟତମାନେ ଜିଲ୍ଲାପାଳ ଶ୍ରୀ ସଏଙ୍କ ସହ ଆଲୋଚନା କରିଥିଲେ।

ଏହି ଆଲୋଚନାରେ ଦେବୋତ୍ତର ଅଧିକାରୀ ତଥା ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ, ପୂଜକ ଅରୁଣ କୁମାର ମିଶ୍ର, ଦେବକାନ୍ତ ପଣ୍ଡା, ଚଣ୍ଡୀ ପ୍ରସାଦ ଦାଶ, ପ୍ରଦୀପ କୁମାର ପଣ୍ଡା, ସେବାୟତ ଅମିତ କୁମାର ମିଶ୍ର ଓ ଶଶିଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗିଦେଲେ

କଣ୍ଟାବାଞ୍ଜି,୨୯ ।୧୧(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ବୁରୋମାଳ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକଙ୍କୁ ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗି ଦିଆଯାଇଛି। ମୃତକ ହେଲେ ସୁରେନ୍ଦ୍ର ଭାଟି।ପୁଲିସ ପହଞ୍ଚି ଶବ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



ଗାଁର ଏକ ଚାଷ ଜମିରେ ଥିବା କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ସୁରେନ୍ଦ୍ର ସକାଳେ ଗାଁରେ ଗାଈ ଚରାଉଥିବା ସମସ୍ତେ ଦେଖିଥିଲେ। କିଛି ସମୟ ପରେ ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ କଣ୍ଟାବାଞ୍ଜି ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖୋଜାଖୋଜି ବେଳେ ପରିବାର ଲୋକ ଗାଁର ଜଣକ ଚାଷ ଜମିରେ ଥିବା କୂଅରେ ସୁରେନ୍ଦ୍ରଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁରେନ୍ଦ୍ରଙ୍କ ଶବ ଉଦ୍ଧାର କରିଥିଲା। ତେବେ ତାଙ୍କ ଦୁଇ ହାତକୁ ଦୌଡ଼ିରେ ବନ୍ଧା ଯାଇଥିବା ସହ ଏକ ପଥର ଝୁଲୁଥିବା ଦେଖିବାକୁ ମିଳିଥିଲା। ଏଣୁ ତାଙ୍କୁ ହତ୍ୟା ପରେ କୂଅକୁ ଫିଙ୍ଗି ଦିଆଯାଇଥିବା ସ୍ପଷ୍ଟ ହୋଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୨୯।୧୧(ସମିସ): ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପକସୋ କୋର୍ଟରେ ଶନିବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଶିମିଳିଡାହି ଗ୍ରାମର ଉମେଶ୍ୱର ସିଂ(୨୫)କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫୦ ହଜାର ଟଙ୍କା ଜରିମାନା, ଅନାଦେୟ ହେଲେ ଅତିରିକ୍ତ ୩ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନା ମୁତାବକ, ୨୦୨୧ ଫେବୃଆରୀ ୧୬ ତାରିଖରେ ଜଣେ ନାବାଳିକାକୁ ଷ୍ଟେସନାରୀ ଜିନିଷ କିଣିବା ପାଇଁ ନିକଟସ୍ଥ ବଜାରକୁ ଅଭିଯୁକ୍ତ ଜଣକ ବାଇକରେ ବସାଇ ନେଇଥିଲା। ଫେରିବା ବାଟରେ ଏକ ନିର୍ଜନ ସ୍ଥାନରେ ନାବାଳିକାକୁ ଦୁଷ୍କର୍ମ କରିବା ସହିତ ଘଟଣା ସମ୍ପର୍କରେ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ନାବାଳିକା ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଫୋନ କରିବା ପରେ ଘରକୁ ଫେରିଥିଲା। ଘଟଣା ସମ୍ପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ପୀଡ଼ିତାର ପିତା ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ପୁଲିସ ପକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ୧୧ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

### ଅନିଶ୍ଚିତତା ଭିତରେ ପୁରୀ ବିମାନବନ୍ଦର

# ବନ୍ଦ କରିଦେବା ପାଇଁ ଚାଲିଛି କି ଚକ୍ରାନ୍ତ?

ପୁରୀ,୨୯।୧୧(ସମିସ): ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି ପ୍ରସ୍ତାବିତ ପୁରୀ ଶ୍ରୀଜଗନ୍ନାଥ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରକଳ୍ପ। ଏହାର ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରିବେଶ ମଞ୍ଜୁରୀ ମିଳି ନ ଥିବାବେଳେ ନ୍ୟାସ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା ଏହି ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି। ପୂର୍ବ ସରକାର ସମୟର ଏହି ବିମାନ ବନ୍ଦର କିପରି ନିର୍ମାଣ ନ ହେଉ ସେ ନେଇ ଚକ୍ରାନ୍ତର ଗନ୍ଧ ବାରିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ କିଛି ବିଶିଷ୍ଟ ବ୍ୟକ୍ତି। ପ୍ରସ୍ତାବିତ ବିମାନ ବନ୍ଦର ପ୍ରକଳ୍ପ ବନ୍ଦ କରିବା ପାଇଁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଏନ୍‌ଜିଟିର ଆଳ ନେଇ ଲୋକଙ୍କୁ ଧୋକ୍କା ଦେଇଥିବା ମତ ରଖିଛନ୍ତି। ତେବେ ପରିବେଶ ମଞ୍ଜୁରୀ ପାଇଁ ସରକାରଙ୍କ ନିକଟରେ ପ୍ରକ୍ରିୟା ଜାରି ରହିଥିବା ବେଳେ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ଆଇନ ଅନୁସାରେ କରାଯିବା ବୋଲି ପ୍ରତିକ୍ରିୟା ରଖିଛନ୍ତି ପୁରୀ ସାଂସଦ। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଏନ୍‌ଜିଟିରେ ଯେଉଁ ସତ୍ୟପାଠ ଦାଖଲ କରାଯାଇଛି ସେଥିରେ ମିଛ କୁହାଯାଇଥିବା ଅଭିଯୋଗ କରିଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)।

ଆକାଶ ପଥରେ ପୁରୀକୁ ଦେଶ ବିଦେଶର ପ୍ରମୁଖ ସହର ସହିତ ଯୋଡ଼ିବା ପାଇଁ ପୂର୍ବର ବିଜେଡି ସରକାର ବିମାନବନ୍ଦରର ପରିକଳ୍ପନା କରିଥିଲେ। ଏହାକୁ କିପରି ବାସ୍ତବତାର ରୂପ ଦିଆଯିବ ସେ ନେଇ ତ୍ୱରିତ୍ ପ୍ରକ୍ରିୟା ବି ଆରମ୍ଭ କରିଥିଲେ। ପୂର୍ବ ସରକାରଙ୍କ ସମୟରେ ଗୋରୁଆ ପଞ୍ଚାୟତର ସିପସରୁବାଲି ଓ ଷଣ୍ଢପୁର ମୌଜାରେ ପ୍ରସ୍ତାବିତ ବିମାନବନ୍ଦର ନିର୍ମାଣକୁ ଅନୁମୋଦନ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଏପରି କି ବେସାମରିକ ବିମାନ ଚଳାଚଳ ବିଭାଗ ମଧ୍ୟ ଅନୁମତି ପ୍ରଦାନ କରିଥିବାବେଳେ ପରିବେଶ ମଞ୍ଜୁରୀ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ବିମାନବନ୍ଦର ନିର୍ମାଣ ହେଲେ ପୂର୍ବ ସରକାର ବାହାବା ନେଇଯିବେ ଏଭଳି ଆଶଙ୍କା କରି ପ୍ରକଳ୍ପକୁ ବନ୍ଦ ପାଇଁ ଚକ୍ରାନ୍ତ କରାଯାଇଥିବା ଚର୍ଚ୍ଚା ହେଉଛି। ପ୍ରସ୍ତାବିତ ବିମାନବନ୍ଦରକୁ ନେଇ ପରିବେଶବିତ୍ ଏନ୍‌ଜିଟିରେ ମାମଲା ରୁଜୁ କରିଥିବାବେଳେ ଏବେ ପ୍ରକଳ୍ପ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଡବଲ ଇଞ୍ଜିନ ସରକାର ଲୋକଙ୍କୁ ଧୋକ୍କା ଦେଇଥିବାବେଳେ ସଲାସୁତରା ହୋଇ ପ୍ରକଳ୍ପକୁ ନ କରିବା ପାଇଁ ଯୋଜନା କରୁଥିବା ସେବାୟତ ଗୌରହରି ପ୍ରଧାନ ଅଭିଯୋଗ କରିଥିବାବେଳେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହା ପଛରେ ସରକାରଙ୍କର ଚାଲ୍ ରହିଛି। ଅଧପନ୍ତରିଆ ପ୍ରକଳ୍ପକୁ ଡବଲ ଇଞ୍ଜିନ ସରକାର ବନ୍ଦ ନ କରି ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଲେ ଲୋକଙ୍କ ଭରସା ଜିତିପାରିବେ ବୋଲି କହିଛନ୍ତି। ସେହିପରି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ମଧ୍ୟ ଏହି ପ୍ରକଳ୍ପ ବନ୍ଦ କରିଦେବା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି। ସେ କହିଛନ୍ତି, ସରକାରଙ୍କ ପକ୍ଷରୁ ଏନ୍‌ଜିଟିରେ ଦାଖଲ ସତ୍ୟପାଠରେ ମିଛ କୁହାଯାଇଛି। ବିମାନବନ୍ଦର ପାଇଁ ଅସ୍ଥାୟୀ ପାଚେରିକୁ ଭାଙ୍ଗି ଦିଆଯାଇଛି ବୋଲି ଦର୍ଶାଯାଇଛି। ହେଲେ ଏହା ଭଙ୍ଗା ଯାଇ ନ ଥିବାବେଳେ ଏହାକୁ ସ୍ଥାୟୀ ଭାବେ ନିର୍ମାଣ କରାଯାଇଛି।

ଅନ୍ୟପକ୍ଷରେ ପୁରୀ ଡିଏଫ୍‌ଓ ମଗର ଧନଜୀ ରାଓସୋ କହିଛନ୍ତି, ବିମାନବନ୍ଦର ପାଇଁ ଆବଶ୍ୟକ ଜମି ମଧ୍ୟରେ ୨୭.୮୮ ହେକ୍ଟର ଜଙ୍ଗଲ ଜମି ରହିଛି। ତା’ ବଦଳରେ ସେତିକି ଜଙ୍ଗଲ ଜମି ସରକାର ଜଙ୍ଗଲ ବିଭାଗକୁ ଦେବେ। ଏଥିସହ ସମୁଦ୍ର ଉପକୂଳ ଅଞ୍ଚଳ ହୋଇଥିବା ହେତୁ ଅଲିଭ୍ ରିଡ୍‌ଲେ କଇଁଛ ତଥା ଜଙ୍ଗଲରେ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ବିକଳ୍ପ ଚିନ୍ତା କରିବା ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବନ୍ୟଜନ୍ତୁ ପ୍ରତିଷ୍ଠାନ ଓ ଜିଓଲୋଜିକାଲ ବିଭାଗ ବିଶେଷଜ୍ଞ ଟିମ୍ ରିପୋର୍ଟ ମିଳିବା ପରେ ବିମାନବନ୍ଦର ପାଇଁ ପରିବେଶ ମଞ୍ଜୁରୀ ମିଳିବାକୁ ଅପେକ୍ଷା ରହିଛି। ଅନ୍ୟପକ୍ଷରେ ବିମାନବନ୍ଦର ପ୍ରତିଷ୍ଠା ନେଇ କାର୍ଯ୍ୟ ଆଇନ ଅନୁସାରେ କରାଯିବ ବୋଲି ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ମତ ରଖିଛନ୍ତି।

# ନିୟନ୍ତ୍ରଣ ବାହାରେ ଟମାଟୋ ଦର

## ୧୫ ଦିନରେ ୫୦ ପ୍ରତିଶତ ବଢ଼ିଲାଣି ଦର

### ଖୁଚୁରା ବଜାରରେ କିଲୋ ୮୦ ଟଙ୍କା

### ଅକ୍ଟୋବରରେ ପ୍ରବଳ ବର୍ଷା ଯୋଗୁ ଫସଲ ନଷ୍ଟ

### କର୍ଣ୍ଣାଟକ, ମହାରାଷ୍ଟ୍ରରୁ ଯୋଗାଣ ଅଧା

ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ପୁଣି ଥରେ ଟମାଟୋ ଦର ରୋଷେଇ ଘରର ବଜେଟ୍ ବିଗାଡିଛି। ଗତ ୧୫ ଦିନ ମଧ୍ୟରେ ସାରା ଦେଶରେ ଟମାଟୋ ଦର ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ଏମିତିକି ଅନେକ ସହରରେ ଦର ଦ୍ୱିଗୁଣ ହୋଇଯାଇଛି। ଗତ ଅକ୍ଟୋବର ମାସରେ ହୋଇଥିବା ପ୍ରବଳ ବର୍ଷା ଏହାର ମୁଖ୍ୟ କାରଣ। ଦେଶର ଅନେକ ରାଜ୍ୟରେ ଟମାଟୋ ଫସଲ ନଷ୍ଟ ହୋଇଯାଇଛି। ଏଥିଯୋଗୁ ବର୍ତ୍ତମାନ ବଜାରରେ ଯୋଗାଣ ହ୍ରାସ ପାଇଛି। ବର୍ତ୍ତମାନ ଖୁଚୁରା ବଜାରରେ ଟମାଟୋ କିଲୋ ପିଛା ୭୦-୮୦ ଟଙ୍କା ରହିଛି। ସାଧାରଣତଃ ବର୍ଷର ଏହି ସମୟରେ ବଜାରରେ ଟମାଟୋ ଶସ୍ତା ହୋଇଥାଏ, କିନ୍ତୁ ସମ୍ପ୍ରତି ପ୍ରତିକୂଳ ଜଳବାୟୁ ଫସଲକୁ ଏଭଳି କ୍ଷତି ପହଞ୍ଚାଇଛି।




ଏକ ସରକାରୀ ତଥ୍ୟ ଦର୍ଶାଉଛି ଯେ ଗତ ମାସରେ ଖୁଚୁରା ମୂଲ୍ୟ ୨୫ରୁ ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ଗ୍ରାହକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ନଭେମ୍ବର ୧୯ରେ ଟମାଟୋର ସର୍ବଭାରତୀୟ ହାରାହାରି ମୂଲ୍ୟ କିଲୋଗ୍ରାମ ପ୍ରତି ୪୬ ଟଙ୍କାରେ ପହଞ୍ଚିଥିଲା, ଯାହା ଏକ ମାସ ପୂର୍ବରୁ ପ୍ରତି କିଲୋଗ୍ରାମ ୩୬ ଟଙ୍କା ଥିଲା। ଏହା ପ୍ରାୟ ୨୭ ପ୍ରତିଶତ ହାରାହାରି ମୂଲ୍ୟ ବୃଦ୍ଧିକୁ ଦର୍ଶାଉଛି। ଦେଶରେ ଚଣ୍ଡିଗଡ଼ରେ ଟମାଟୋ ମୂଲ୍ୟ ସବୁଠାରୁ ଅଧିକ ୧୧୨ ପ୍ରତିଶତ ବୃଦ୍ଧି ପାଇଛି। ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ ଏବଂ କର୍ଣ୍ଣାଟକରେ ମଧ୍ୟ ଦର ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ରାଜଧାନୀ ଭୁବନେଶ୍ୱରରେ ଟମାଟୋ କିଲୋ ପିଛା ୮୦ ଟଙ୍କାରେ ବିକ୍ରି ହେଉଛି।

ଅପରପକ୍ଷେ ବ୍ୟବସାୟୀମାନେ କହିଛନ୍ତି ଯେ ବର୍ତ୍ତମାନ ଟମାଟୋ ଦର ବୃଦ୍ଧିରୁ ଆଶ୍ୱସ୍ତି ମିଳିବାର ଆଶା କମ୍। ଆଗକୁ ବିବାହ ଋତୁ ଏବଂ ନବବର୍ଷ ପାଳନ ଯୋଗୁଁ ଚାହିଦା ଅଧିକ ରହିଛି। ପ୍ରବଳ ବର୍ଷା ଯୋଗୁଁ ଫସଲ କ୍ଷତି ହେବାରୁ ଯୋଗାଣ ଆହୁରି ହ୍ରାସ ପାଇଛି। ଗତ ସପ୍ତାହରେ କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଗୁଜରାଟରୁ ଆସୁଥିବା ଟ୍ରକ ସଂଖ୍ୟା ପ୍ରାୟ ଅଧା ହୋଇଯାଇଛି, ଯାହା ବଜାରରେ ଉପଲବ୍ଧତା ହ୍ରାସ କରିଛି। ଟମାଟୋର ଏକ ବଡ଼ ଅଂଶ ଯୋଗାଣ କରୁଥିବା ମହାରାଷ୍ଟ୍ରରେ, ନଭେମ୍ବରରେ ପାଇକାରୀ ମୂଲ୍ୟ ୪୫% ବୃଦ୍ଧି ପାଇଛି। ଯେତେବେଳେ କି ରାଜଧାନୀ ଦିଲ୍ଲୀରେ ପାଇକାରୀ ମୂଲ୍ୟ ୨୬ ପ୍ରତିଶତ ବୃଦ୍ଧି ପାଇଛି।

ସେପ୍ଟେମ୍ବର-ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୦.୨୫% ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୧୩ ପରଠାରୁ ସର୍ବନିମ୍ନ ସ୍ତର। ଟମାଟୋ, ପିଆଜ ଏବଂ ଆଳୁ ମୂଲ୍ୟରେ ହ୍ରାସ ଏହାର ମୁଖ୍ୟ କାରଣ। ଅକ୍ଟୋବରରେ ଟମାଟୋ ମୁଦ୍ରାସ୍ଫୀତି ବିଯୁକ୍ତ ୪୨.୯% ଥିଲା, ଅର୍ଥାତ୍ ମୂଲ୍ୟ ବହୁତ କମ୍ ଥିଲା। ହେଲେ ନଭେମ୍ବରରେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ବିପରୀତ ରହିଛି।

### ଆଦର୍ଶ ବିଦ୍ୟାଳୟ ପିଲାଙ୍କୁ ବୃତ୍ତି ପ୍ରଦାନରୁ ବାଦ୍ ଦେବା ପ୍ରସଙ୍ଗ

# ଗାନ୍ଧିମାର୍ଗରେ ଗର୍ଜିଲା ଛାତ୍ର ସଂଗଠନ ଏଆଇଏସ୍ଏଫ୍

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରୀୟ ଛାତ୍ରବୃତ୍ତି ଏନ୍ଏମ୍ଏମ୍ଏସ୍‌ରୁ ବାଦ୍ ଦେବା ପରେ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍) ରାସ୍ତାକୁ ଓହ୍ଲାଇଛି। ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ବିଧାନସଭା ସମ୍ମୁଖରେ ଧାରଣା ଦେଇଛନ୍ତି। ପୂର୍ବ ସୂଚନା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶିରୁ ବାଦ୍ ଦିଆଯାଇଥିବାରୁ ବହୁ ଗରିବ ମେଧାବୀ ପିଲାଙ୍କ ଭାଗ୍ୟ ଭବିଷ୍ୟ ଅନ୍ଧାରକୁ ଠେଲି ହୋଇ ଯାଇଥିବା ଅଭିଯୋଗ ହୋଇଛି।

ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ୍ ସରକାର ଅଛି। ହେଲେ ଓଏଭିରେ ସିବିଏସ୍‌ଇ ପାଠ୍ୟକ୍ରମ ପଢୁଥିବା ରାଜ୍ୟର ଗରୀବ ମେଧାବୀ ପିଲାଙ୍କ ବୃତ୍ତିରାଶି ଦ୍ୱିଗୁଣିତ ହେବା ପରିବର୍ତ୍ତେ ଶୂନ କରିଦେବା ଦୁର୍ଭାଗ୍ୟଜନକ। ଏହା ସରକାରଙ୍କ ଛାତ୍ର ବିରୋଧି ନୀତିକୁ ପଦାରେ ପକାଇଥିବା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଜେନା ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରବୃତ୍ତି ପ୍ରସଙ୍ଗରେ ସରକାର ସ୍ପଷ୍ଟିକରଣ ଦିଅନ୍ତୁ। କାରଣ ଦେଶର ସମସ୍ତ ସିବିଏସ୍‌ଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପାଇଁ ଆବେଦନ କରୁଥିବାବେଳେ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହା ଉଦ୍ଦେଶ୍ୟମୂଳକ। ପ୍ରାଥମିକ ଭାବେ ବୃତ୍ତି ଆବେଦନରୁ ବାଦ୍ ଦିଆଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଓଏଭିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏହା ସୁଚିନ୍ତିତ ଷଡଯନ୍ତ୍ର। ଚଳିତ ଶିକ୍ଷାବର୍ଷରୁ ହିଁ ଛାତ୍ରଛାତ୍ରୀଙ୍କୁ ଆବେଦନ ପାଇଁ ସୁଯୋଗଦେବାକୁ ଦାବି କରିବା ସହ ଖାରଜର କାରଣ ସମ୍ପର୍କରେ ମଧ୍ୟ ସ୍ପଷ୍ଟିକରଣ ରଖିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏକ ୫ ଜଣିଆ ପ୍ରତିନିଧି ଦଳ ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିପ୍ରତି ତ୍ୱରିତ ପଦକ୍ଷେପ ନିଆ ନ ଗଲେ ରାଜ୍ୟରେ ଛାତ୍ର ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଧାରଣାରେ ଛାତ୍ର ନେତା ପପୁ ରାଉତଙ୍କ ସମେତ ଏକତା ଚୌଧୁରୀ, ଲିଲି ସାମଲ, ସାଗର ପ୍ରଧାନ ଓ ଅମିତ ସାମନ୍ତରାୟଙ୍କ ସହ ବହୁ ଛାତ୍ରଛାତ୍ରୀ ସାମିଲ ଥିଲେ।



### ବାଜବାଟି ଖାଦାନରେ ବେଆଇନ ଖନନ ନେଇ ଏନ୍‌ଜିଟିଙ୍କ ଛାଟ

# ଜିଲ୍ଲାପାଳଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ

ଯାଜପୁର,୨୯।୧୧(ସମିସ): ଧର୍ମଶାଳା ତହସିଲ ଅନ୍ତର୍ଗତ ବାଜବାଟି ଖାଦାନରେ ବ୍ୟାପକ ମାତ୍ରାରେ ବେଆଇନ ପଥର ଖନନ ନେଇ ନ୍ୟାସନାଲ ଗ୍ରୀନ ଟ୍ରାଇବ୍ୟୁନାଲରେ ଦୁଇଟି ମାମଲା ରହିଛି। ଏହି ପାହାଡ଼ର ଉଭୟ୨ ଏବଂ ୬ ନଂ କ୍ୱାରିରେ ବ୍ୟାପକ ଅନିୟମିତତା ନେଇ ଦୁଇଟି ମାମଲା (୧୮୦/୨୦୨୫ ଏବଂ ୧୮୩/୨୦୨୫)ର ଶୁଣାଣି ଚାଲିଛି। ଏହି ଖାଦାନରେ ବ୍ୟାପକ ମାତ୍ରାରେ ବେଆଇନ ଖନନ ସହିତ ନାନା ପରିବେଶ ଆଇନର ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ହେବା ପରେ ଏହାର ଏକ ତଦନ୍ତ କରି ରିପୋର୍ଟ ଦେବାକୁ ଏନ୍‌ଜିଟି ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦୁଇଟି ପୃଥକ ପୃଥକ କମିଟି ଏହି ଅନିୟମିତତା ସଂପର୍କରେ ତଦନ୍ତ କରି ଯୁଗ୍ମ ରିପୋର୍ଟ ପ୍ରଦାନ କରିବାକୁ ଏନଜିଟିକୁ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟମଧ୍ୟରେ ଜିଲ୍ଲାପାଳ ଯୁଗ୍ମ କମିଟିର ରିପୋର୍ଟ ଏନ୍‌ଜିଟିକୁ ପ୍ରଦାନ ନ କରିବା କିମ୍ବା ଏଥିପାଇଁ ସମୟ ନ ମାଗିବା ଘଟଣାକୁ ଗୁରୁତର ଭାବେ ନେଇଛନ୍ତି ଏନ୍‌ଜିଟି। ଯାହାର ପରିଣାମ ସ୍ୱରୁପ ଏନ୍‌ଜିଟି ଉଭୟ ମାମଲାରେ ଜିଲ୍ଲାପାଳଙ୍କ ଅବହେଳା ପାଇଁ ମାମଲା ବିଚାରରେ ବିଳମ୍ବ ହେଉଥିବା ଦର୍ଶାଇ ୧୦ ହଜାର ଟଙ୍କା ଲେଖାଏଁ ଦୁଇଟି ମାମଲାରେ ୨୦ ହଜାର ଟଙ୍କା ଜରିମାନା ଆସନ୍ତା ୧୫ ଦିନ ମଧ୍ୟରେ ଏନଜିଟିର ଇଷ୍ଟର୍ଣ୍ଣ ଜୋନର ରେଜିଷ୍ଟରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆସନ୍ତା ୪ ସପ୍ତାହ ମଧ୍ୟରେ ଯୁଗ୍ମ କମିଟି ରିପୋର୍ଟ ଏନଜିଟିରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏଥିରେ ବିଫଳ ହେଲେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ମଧ୍ୟ ଏନ୍‌ଜିଟି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

# ରୋକିହେଉନି ବାଲି ଚୋରାଚାଲାଣ



ବିଞ୍ଝାରପୁର,୨୯।୧୧(ସମିସ): ବିଞ୍ଝାରପୁର ତହସିଲ ଅଞ୍ଚଳରେ ବେଧଡ଼କ ଭାବରେ ଚାଲିଛି ବେଆଇନ ବାଲି ପରିବହନ। ଏହି ବେଆଇନ ବାଲି ପରିବହନ ଉପରେ ଅଙ୍କୁଶ ଲଗାଇବାରେ ସମ୍ପୂର୍ଣ୍ଣ ବିଫଳ ହେଉଥିବା ଦେଖାଯାଉଛି। ଏପରିକି ଏହି ବେଆଇନ ବାଲି ପରିବହନ ପ୍ରଶାସନ, ପୁଲିସ ଜାଣତରେ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଶନିବାର ଦେଖିବାକୁ ମିଳିଛି। ଘଟଣା ଅନୁସାରେ ବିଞ୍ଝାରପୁର ତହସିଲର ଭାରପ୍ରାପ୍ତ ତହସିଲଦାର ପ୍ରଦିପ୍ତ ସେଠୀ ଶନିବାର ସକାଳେ କଲ୍ୟାଣପୁର ସଂଲଗ୍ନ ଖରସ୍ରୋତା ନଦୀ ବନ୍ଧରୁ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରି ବିଞ୍ଝାରପୁର ଥାନାରେ ଜିମା ଦେଇଥିଲେ। କିନ୍ତୁ ମାତ୍ର ୬ ଘଣ୍ଟା ପରେ ସେହି ଦୁଇଟି ଟ୍ରାକ୍ଟରରୁ ନାମକୁ ମାତ୍ର ଜରିମାନା ଆଦାୟ କରି ଛାଡି ଦେଇଥିବା ଜଣା ପଡିଛି। ଏହି ବେଆଇନ ଭାବରେ ପରିବହନ କରୁଥିବା ବାଲି ଗାଡି ଜବତ କରି ପର ମୁହୂର୍ତ୍ତରେ ନାମକୁ ମାତ୍ର ଜରିମାନା ଆଦାୟ କରି ଛାଡ଼ି ଦେବା ଘଟଣା ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପରିକି ବିଞ୍ଝାରପୁର ଅଞ୍ଚଳରେ ଦୈନିକ ଶହଶହ ହାଇୱା ମାଧ୍ୟମରେ ବେଆଇନ ବାଲି ପରିବହନ ହେଉଥିଲାବେଳେ ପ୍ରଶାସନ କେବଳ ଛୋଟ ଛୋଟ ଗାଡି ଧରି ବାହା ବାହା ନେବାକୁ ଅପଚେଷ୍ଟା କରୁଛି। କେବଳ ଧର୍ମକୁ ଆଖି ଠାର ମାରୁଛି ଢ଼ ଅନ୍ୟ ପକ୍ଷରେ ମୋଟା ଅଙ୍କରେ ଅର୍ଥ ନେଇ ନିଘୋଡ ନିଦରେ ମାଇନ୍ସ ବିଭାଗ ଶୋଇପଡ଼ିଥିବା କଥା ଚର୍ଚ୍ଚା ଜୋର ଧରିଛି।

# ୨ ଶିଶୁ ଶ୍ରମିକ ଉଦ୍ଧାର

କର୍ପୁଁଗୋଲା,୨୯।୧୧(ସମିସ): ଦଶରଥପୁର ବ୍ଲକ ଅଞ୍ଚଳରୁ ୨ ଜଣ ଶିଶୁ ଶ୍ରମିକଙ୍କୁ ମଙ୍ଗଳପୁର ପୋଲିସ ସହାୟତାରେ ଉଦ୍ଧାର କରିଛି ରୁଚିକା ସାମାଜିକ ସେବା ସଂସ୍ଥା। ମଙ୍ଗଳପୁର ଥାନା ଏଏସ୍‌ଆଇ ସଂଯୁକ୍ତା ପଣ୍ଡାଙ୍କ ସୂଚନା ମୁତାବକ ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁସାରେ ଆମ ଥାନା ପକ୍ଷରୁ ସୁରକ୍ଷା ସହାୟତା ଯୋଗାଇ ଦିଆଯାଇଥିଲା। କାଟିଆ ଓ ମଙ୍ଗଳପୁର ବଜାରରୁ ୨ ଜଣ ଶିଶୁ ଶ୍ରମିକଙ୍କୁ ରୁଚିକା ସାମାଜିକ ସେବା ସଂସ୍ଥା ଉଦ୍ଧାର କରିଥିଲା। ଜଣକଙ୍କ ଘର ବିହାର ରାଜ୍ୟରେ ହୋଇଥିବା ବେଳେ ଅନ୍ୟ ଜଣକ ଦଶରଥପୁର ଥାନା କାଟିଆ ଅଞ୍ଚଳର। ଉଭୟ ଗୁପ୍‌ଚୁପ୍ ଦୋକାନ ଓ ଅନ୍ୟ ଜଣେ ଫୁଲ ସଜ୍ଜା ଦୋକାନରେ କାମ କରୁଥିଲେ। ରୁଚିକା ସାମାଜିକ ସେବା ସଂସ୍ଥାର ଜିଲା ସଂଯୋଜକ ଦେବ ପ୍ରସାଦ ପାଠକଙ୍କ ସୂଚନା ମୁତାବକ ସେ ଓ ତାଙ୍କ ସହ ଅରୁଣା ଦାସ, ପ୍ରତାପ ନାୟକଙ୍କ ସମେତ ଏକ ୪ ଜଣିଆ ଟିମ୍ ମଙ୍ଗଳପୁର ପୋଲିସ୍ ସହାୟତାରେ ୨ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲୁ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି ପାଖରେ ଜିମା ଦେଲୁ ବୋଲି ପାଠକ କହିଛନ୍ତି।

# ମୋବାଇଲ କିଣି ବୁଲେଟ ଜିତିଲେ ଗ୍ରାହକ



ଯାଜପୁର,୨୯।୧୧(ସମିସ): ଗୋଟିଏ ମୋବାଇଲ ରେ ଗୋଟିଏ ବୁଲେଟ ଗାଡ଼ି ମାଗଣା। ଆପଣଙ୍କୁ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥା ଟି ସତ। ମାତ୍ର ୧୭ହଜାର ଟଙ୍କାର ସାମ୍‌ସଙ୍ଗ ମୋବାଇଲ କିଣି ଜଣେ ଗ୍ରାହକ ୨.୫୦ଲକ୍ଷ ଟଙ୍କାର ବୁଲେଟ ଜିତିଛନ୍ତି। ଯାଜପୁର ସହରର ଜ୍ଞାନମନ୍ଦିରରୁ ଜାଲପୁର ଅଞ୍ଚଳର ସନ୍ତୋଷ କୁମାର ମାଝୀ ଏକ ସାମ୍‌ସଙ୍ଗ ମୋବାଇଲ କିଣିଥିଲେ। କିନ୍ତୁ ଲଟେରୀରେ ଏକ ବୁଲେଟ ଗାଡ଼ି ଉଠିଥିଲା। ସେ ଲଟେରୀ ମାଧ୍ୟମରେ ଭାଗ୍ୟଶାଳୀ ବିଜେତା ହିସାବରେ ଏକ ବୁଲେଟ୍ ଗାଡି ପୁରସ୍କାର ସ୍ୱରୁପ ପାଇଛନ୍ତି। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସାମସଙ୍ଗ କମ୍ପାନୀ ତରଫରୁ ଜେଡଏସଏମ ଆର୍‌ଭି ସାଇକୁମାର, ଜ୍ଞାନମନ୍ଦିର ପ୍ରତିଷ୍ଠାନ ତତ୍ତ୍ୱାବଧାରକ ଜ୍ଞାନରଞ୍ଜନ ସାହୁ, ନରେନ୍ଦ୍ର ସାହୁ, ରତ୍ନାକର ସାହୁ, କମ୍ପାନୀ ଏଏସ୍‌ଏମ୍ ବିକ୍ରମ କୁମାର ସାହୁଙ୍କ ସମେତ ସାମସଙ୍ଗ କମ୍ପାନୀ ଡିଷ୍ଟ୍ରିବ୍ୟୁଟର ଶ୍ୟାମସୁନ୍ଦର ନାୟକ ଉପସ୍ଥିତ ରହି ବିଜେତା ଶ୍ରୀ ମାଝୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଯାଜପୁର ସହରସ୍ଥ ଅନ୍ୱେଷଣ ଗ୍ରୁପର କର୍ମକର୍ତ୍ତା, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି, କୁଆଁସରପୁର ବଣିକ ସଂଘର ସଭାପତି ଆଲୋକ ରଞ୍ଜନ ନାୟକ, ଲକ୍ଷ୍ମୀନାରାୟଣ ପୂଜା କମିଟିର ସଭାପତି ରୂପକ କୁମାର ରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୪୩୩ ଜଣ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା

ଯାଜପୁର,୨୯।୧୧(ସମିସ): ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ବାବଦରେ ୪୯ ଜଣଙ୍କୁ ୧ କୋଟି ୩୯ ଲକ୍ଷ ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୪୮ ଜଣଙ୍କୁ ୨ ଲକ୍ଷ ୪୦ ହଜାର ଟଙ୍କା, ଶିକ୍ଷା ସହାୟତା ବାବଦରେ ୨୧୮ ଜଣଙ୍କୁ ୧୯ ଲକ୍ଷ ୬୬ ହଜାର ଟଙ୍କା ବିବାହ ସହାୟତା ବାବଦରେ ୧୧୨ ଜଣଙ୍କୁ ୫୬ ଲକ୍ଷ ଟଙ୍କା ଏବଂ ପ୍ରସୂତୀ କାଳୀନ ସହାୟତା ବାବଦରେ୬ ଜଣଙ୍କୁ ୬୦ ହଜାର ଟଙ୍କାର ସହାୟତା ରାଶି ବୋର୍ଡ ତରଫରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ଅନଲାଇନ ମାଧ୍ୟମରେ ପ୍ରଦାନ କରାଯାଇଛି।

### ● ଠିକା କମ୍ପାନୀର କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

# ପ୍ରତିବାଦରେ ଧାରଣା ଓ ଉତ୍ତେଜନା



ବରୀ,୨୯।୧୧(ସମିସ): ବରୀ ବ୍ଲକ ନେଉଳାଠାରେ ପାଣିପ୍ରକଳ୍ପ ଠିକା କମ୍ପାନୀ କଳ୍ପତରୁ ପ୍ରାଇଭେଟ୍ ଲିମିଟେଡରେ କାର୍ଯ୍ୟରତ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶ୍ରମିକ ଜଣକ ସ୍ଥାନୀୟ ଅରଙ୍ଗାବାଦ ଗ୍ରାମର ହରି ମଲିକଙ୍କ ପୁଅ ରାମକୃଷ୍ଣ ମଲିକ ବୋଲି ଜଣାପଡିଛି। ମୃତ ଶ୍ରମିକ ଜଣକ କିଛି ଦିନ ଧରି ଏହି ଠିକା କମ୍ପାନୀରେ କାର୍ଯ୍ୟକରୁଥିଲେ। ଗତକାଲି ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଶ୍ରମିକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା ପ୍ରଦାନ, ପ୍ରତିପୋଷଣ ପାଇଁ ମାସିକ ୧୫ ହଜାର ଟଙ୍କା ପ୍ରଦାନ ସହିତ ତାଙ୍କ ପିଲାମାନଙ୍କ ପାଠ ପଢ଼ା ପାଇଁ ସ୍ୱତନ୍ତ୍ର ସହାୟତା ରାଶି ପ୍ରଦାନ ଦାବିରେ ଗ୍ରାମବାସୀ ଓ ଶ୍ରମିକଙ୍କ ପରିବାର ପକ୍ଷରୁ ଧାରଣା ଦିଆଯାଇଥିଲା। ମୃତ ରାମକୃଷ୍ଣଙ୍କର ବିଧବା ପତ୍ନୀ ଓ ଗୋଟିଏ ଛୋଟ ଝିଅ ଗୋଟିଏ ଛୋଟ ପୁଅ ରହିଛନ୍ତି। ଆଜି ମଧ୍ୟାହ୍ନରେ ଠିକା ସଂସ୍ଥାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ଓ ମୃତକଙ୍କ ପତ୍ନୀଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଏବେ ବି ନାନା କଥା ଶୁଣିବାକୁ ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସ୍ଥାନୀୟ ପୁଲିସ କହିଛି।

### ■ ବିଧାୟିକାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

# ଥାନାର ଦ୍ୱାରସ୍ଥ ହେଲା ବିଜେଡି



ବିଞ୍ଝାରପୁର,୨୯।୧୧(ସମିସ): ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସାମାଜିକ ଗଣମାଧ୍ୟମରେ ଜଣେ ବ୍ୟକ୍ତି ଅଶାଳୀନ ମନ୍ତବ୍ୟକୁ ପ୍ରତିବାଦ କରି ବିଜୁ ଯୁବ ଜନତା ସଭାପତି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଜୁ ଯୁବ ଜନତା ଦଳ ସଭାପତି ଦିଲ୍ଲିପ ରାଉଳ ଥାନାରେ ଦେଇଥିବା ଅଭିଯୋଗ ମୁତାବକ ସାମାଜିକ ଗଣମାଧ୍ୟମରେ ପିଡିଏସ୍ ଗହମ ବଣ୍ଟନ ସମ୍ପର୍କିତ ଏକ ଖବର ପ୍ରସାରିତ ହୋଇଥିବା ବେଳେ ସେଥିରେ ବିଶ୍ୱଜିତ ପ୍ରଧାନ ନାମକ ଜଣେ ବ୍ୟକ୍ତି ନିଜର ମତ ରଖିବାକୁ ଯାଇ ବିଞ୍ଝାରପୁର ବିଧାୟିକା ତଥା ବିଧାନସଭାର ବିରୋଧୀ ଦଳର ସଚେତକ ପ୍ରମିଳା ମଲ୍ଲିକଙ୍କୁ ସିଧାସଳଖ ଭାବରେ ତାଙ୍କ ପ୍ରତି ଅସଭ୍ୟ ଭାଷା ପ୍ରୟୋଗ କରି କଟୁ ମନ୍ତବ୍ୟ ଦେଇଥିଲେ। ଶତାଧିକ ଯୁବ ବିଜେଡି ସମର୍ଥକଙ୍କ ସହ ଶନିବାର ପୂର୍ବାହ୍ନରେ ବିଞ୍ଝାରପୁର ଥାନାରେ ବିଧାୟିକାଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିବା ବିଶ୍ୱଜିତ ପ୍ରଧାନଙ୍କ ବିରୋଧ ଆଇନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ କରାଯାଇଛି। ଏହି ଅଭିଯୋଗକୁ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଗ୍ରହଣ କରିବା ସହିତ ଏକ ସୂଚନା ପ୍ରସାରଣ କେଶ ନଂ୫୬୭/୨୫ରେ ମାମଲା ରୁଜୁ କରି ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ ବିଜେଡିକୁ ପ୍ରତିଶ୍ରୁତି ଦେଇଛନ୍ତି।

# ବଜ୍ରପାତ ଓ କାଳ ବୈଶାଖୀ ସଚେତନା

ଦଶରଥପୁର,୨୯।୧୧(ସମିସ): ଦଶରଥପୁର ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବଜ୍ରପାତ ଓ କାଳବୈଶାଖୀରୁ ରକ୍ଷା ପାଇବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ଲକ ସମ୍ମିଳନୀ କକ୍ଷରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ଅଗ୍ନିଶମ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ, ଅଙ୍ଗନବାଡି ସୁପର ଭାଇଜର, କର୍ମୀ, ଆଶା ଦିଦି, ସିଆରପି, ଏମ୍‌ବିକେ ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରିଣୀ ବନିତା ଦାଶ ନିଜ ଅଭିଭାଷଣରେ ସଚେତନତା ଓ ସତର୍କତା ହିଁ ସୁରକ୍ଷା ବୋଲି କହିଥିଲେ। ବଜ୍ରପାତ ଓ କାଳ ବୈଶାଖୀ ସମୟରେ ଆମେ କ'ଣ କରିବା ଓ ନ କରିବା ଓ କି ଉପାୟ ଅବଲମ୍ବନ କରିବା ନେଇ ଶ୍ରୀମତୀ ଦାଶଙ୍କ ସମେତ ଅନ୍ୟ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ସୁପର ଭାଇଜର ଶୁଭଶ୍ରୀ ମହଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଧାୟିକା ପ୍ରତିନିଧିଙ୍କ ପିତୃ ବିୟୋଗ

ମଙ୍ଗଳପୁର,୨୯।୧୧(ସମିସ): ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଅବିଭକ୍ତ ଦୁଦୁରାଅନ୍ତା ପଞ୍ଚାୟତର ବରିଷ୍ଠ ମୁରବି ଶଶିଭୂଷଣ ମହାନ୍ତି (୮୧) ଶୁକ୍ରବାର ରାତିରେ ତାଙ୍କ ଦଉପୁରସ୍ଥ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ନାରୀଗାଁ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରିଥିବା ବେଳେ ହେମନ୍ତପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୨୦୦୪ରେ ଅବସର ନେଇ ବାକି ଜୀବନ ନିଜ ଗ୍ରାମ ଦଉପୁରରେ ଅତିବାହିତ କରିଥିଲେ। ତାଙ୍କ ପୁଅ ପ୍ରଶାନ୍ତ କୁମାର ମହାନ୍ତି ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ହୋଇଥିବା ବେଳେ ବୋହୂ ସୂଚିସ୍ମିତା ମହାନ୍ତି ଦଉପୁର ପଞ୍ଚାୟତ ସରପଞ୍ଚ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ନିକଟରେ ବଡ଼ ପୁଅ ପ୍ରଶାନ୍ତ, ସାନ ପୁଅ ପ୍ରଭାତ, ଦୁଇ ଝିଅ, ଦୁଇ ଜ୍ୱାଇଁ, ପୁତ୍ରବଧୂ, ସମସ୍ତ ନାତିନାତୁଣୀ ଉପସ୍ଥିତ ଥିବା ବେଳେ ବଡ଼ ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ।

# ପ୍ରଧାନଶିକ୍ଷକଙ୍କ ସମ୍ଭବ ପ୍ରଶିକ୍ଷଣ ଶିବିର



ବଡ଼ଚଣା,୨୯।୧୧(ସମିସ): ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ୫ ଦିନ ବ୍ୟାପୀ ବ୍ଲକ୍‌ସ୍ତରୀୟ ପ୍ରଧାନ ଶିକ୍ଷକଙ୍କ 'ସମ୍ଭବ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଉଦ୍‌ଘାଟନ ସଭାରେ ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଡ଼ଚଣା ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ପୃଷ୍ଟି ଯୋଗଦେଇଥିବା ବେଳେ ପ୍ରଶିକ୍ଷକ ଭାବରେ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍ଖଚିଲାର ପ୍ରଧାନ ଶିକ୍ଷକ ଅଭିଜିତ ବାରିକ, ବୀଣାପାଣି ବିଦ୍ୟାପୀଠ ନଛିପୁରାର ପ୍ରଧାନ ଶିକ୍ଷୟିତ୍ରୀ ଯୁବପ୍ରଭା ସାବତ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପିଙ୍ଗଳର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନାୟକ, ବିଞ୍ଝାରପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସଂଯୁକ୍ତ ଦାସ, ସମେତ ବଡ଼ଚଣା ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଆଲୋଚନା କରିଥିଲେ।

# ବିଦ୍ୟୁତ ଆଘାତରେ ଯୁବକ ମୃତ

ଧର୍ମଶାଳା,୨୯।୧୧(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୋସ୍ତା ଗ୍ରାମର ବନମାଳୀ ମହାନ୍ତିଙ୍କ ସାନପୁଅ ରାକେଶ କୁମାର ମହାନ୍ତି (ବଳିଆ, ୩୨)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି। ସେ କଟକର ଏକ ଘରୋଇ କମ୍ପାନୀରେ ଇଞ୍ଜିନିୟର ଭାବେ ଚାକିରି କରୁଥିଲେ। ଗତ ଗୁରୁବାର କୌଣସି କାରଣରୁ ତାଙ୍କୁ ବିଦ୍ୟୁତ ଆଘାତ ଲାଗିବା ଫଳରେ ସେ ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛଦ ପରେ ପରିବାରଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ତାଙ୍କ ମରଶରୀରକୁ ଗତକାଲି ଏକ ଶୋଭାଯାତ୍ରାରେ ରମାପୁରଠାରୁ ନୋସ୍ତା ଗ୍ରାମକୁ ନିଆଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଜାତୀୟସ୍ତରୀୟ ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



ଧର୍ମଶାଳା,୨୯।୧୧(ସମିସ): ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ଜାତୀୟସ୍ତରୀୟ ଭିନ୍ନକ୍ଷମ କ୍ରିକେଟ ପ୍ରତିଯେଗିତା ଆଜି ଉଦ୍‌ଘାଟିତ ହୋଇଯାଇଛି। ଦେବରାଜ ମିଶ୍ରଙ୍କ ସଭାପତିତ୍ୱରେ ଅୟୋଜିତ ଉଦଘାଟନୀ ଉତ୍ସବରେ ସମାଜସେବୀ ମିନତୀ ସାହୁ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ ଓ ସାଂସଦଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି କ୍ରିକେଟ ପ୍ରତିଯୋଗିତାରେ ଭାରତ ବର୍ଷର ଓଡ଼ିଶା, ଗୋଆ ସମେତ ୬ ଗୋଟି ରାଜ୍ୟର ଖେଳାଳି ଅଂଶଗ୍ରହଣ କରିଛନ୍ତି। ଆଜି ଉଦଘାଟନୀ ମ୍ୟାଚ ଓଡିଶା ଏବଂ ଗୋଆ ମଧ୍ୟରେ ଫ୍ଲଡଲାଇଟ ମ୍ୟାଚ ଅନୁଷ୍ଠିତ ହୋଇଛି।

# ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ବିଞ୍ଝାରପୁର/ମଇଁନ୍ଦା,୨୯।୧୧(ସମିସ): ବିଞ୍ଝାରପୁର ବ୍ଲକ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଠୀଙ୍କୁ ଶନିବାର ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଶିକ୍ଷୟିତ୍ରୀ ସାଗରିକା ସାମଲଙ୍କ ସଭାପତିତ୍ୱରେ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ମୁଖ୍ୟବକ୍ତା ଡ. ଶ୍ରୀହରି ଧଳ ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ମଣ୍ଡଳ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉଦୟଭାନୁ ନାୟକ ଏବଂ ସମିତିସଭ୍ୟା ଲଭଲୀରାଣୀ ନାୟକ ସମେତ ବିଦ୍ୟାଳୟର ପୂର୍ବରୁ ଅବସର ନେଇଥିବା ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର, ଅଭିରାମ ସାମଲ ଏବଂ ଅବସରପ୍ରାପ୍ତ ଶିକ୍ଷକ ଅଦ୍ୱୈତ ପ୍ରସାଦ ପଣ୍ଡା, କୈଳାସ ଚନ୍ଦ୍ର ବେହେରା, ଦିଗମ୍ବର ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ପାଠୀଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଶିକ୍ଷକ ସଦାଶିବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମସୁଦପୁର ବଜାର ଉଚ୍ଛେଦ ପାଇଁ ହେଲା ମାପଚୁପ



ପାଣିକୋଇଲି,୨୯।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ମସୁଦପୁର ବଜାର ଜବରଦଖଲରେ ରହିଛି। ଗୋଚର ଜମିରେ ଅବସ୍ଥିତ ଏହି ବଜାରକୁ ରାସ୍ତା ସମ୍ପ୍ରସାରଣ ପାଇଁ ୨୦୨୦ ନଭେମ୍ବର ମାସରେ ଉଚ୍ଛେଦ କରାଯାଇଥିଲା। ସେତେବେଳେ ଏଭରଗ୍ରୀନ କ୍ଲବ, ପୋଷ୍ଟ ଅଫିସ ଗୃହ, ହାଇସ୍କୁଲ ବାଉଣ୍ଡ୍ରି ସମେତ ୨୯ଟି ଦୋକାନ ଉଚ୍ଛେଦ ହୋଇଥିଲା। କିନ୍ତୁ ଆଉ ୧୭ଟି ଦୋକାନଗୃହ ସମେତ ମହାବୀର କ୍ଲବକୁ ଭଙ୍ଗାଯାଇନଥିଲା। ଜାତୀୟ ରାଜପଥ ୧୬ ଠାରୁ ନଦୀବନ୍ଧ ଚୁଡ଼ା ପରିଡ଼ାବାଦ ପର୍ଯ୍ୟନ୍ତ ଓ ଜାତୀୟ ରାଜପଥ ୧୬ରୁ ଜହଳ ଭାୟା ଜମୁନା ପୂର୍ତ୍ତବିଭାଗ ରାସ୍ତା ସମ୍ପ୍ରସାରଣ ପାଇଁ ଏହି ଜବରଦଖଲ ଉଚ୍ଛେଦ କରାଯାଉଥିଲା। ମାତ୍ର ୨ ଦିନ ଭାଙ୍ଗି ୨୯ଟି ଦୋକାନ ଉଚ୍ଛେଦ ପରେ ଆଉ ୧୭ଟିକୁ ଛାଡି ଦିଆଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଅଭିଯୋଗ ପରେ ଆଉ ୧୭ଟି ଗୃହକୁ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ତାହା ଭଙ୍ଗା ଯାଉନଥିଲା କି ରାସ୍ତା ସମ୍ପ୍ରସାରଣ କରାଯାଉନଥିଲା। ଏନେଇ ଭଙ୍ଗାଯାଇଥିବା ବ୍ୟବସାୟୀମାନଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଡିଥିଲା। ଯାଜପୁର ଜିଲ୍ଲାପାଳ ଓ ଆର୍‌ଡିସିଙ୍କ ରିପୋର୍ଟ ତଲବ କରାଯାଇଥିଲା। ଶେଷରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କମିଶନରଙ୍କ ଉପସ୍ଥିତିରେ ଆଜି ମସୁଦପୁର ବଜାର ଜବରଦଖଲର ମାପ କରାଯାଇଛି। ସରକାରୀ ଜମି ଗୋଚର ଓ ମେଡିକାଲ ଜମିରେ କିପରି ଭାବେ ଜବରଦଖଲ ହୋଇଛି ତାହା ମାପରେ ଜଣାପଡିଛି। ରିପୋର୍ଟ ଦାଖଲ ପରେ ଉଚ୍ଛେଦ ପାଇଁ କାର୍ଯ୍ୟକ୍ରମ ପ୍ରକାଶ ପାଇବ। କେବେ ଓ କେଉଁଦିନ ଉଚ୍ଛେଦ କରାଯିବ ତାହାକୁ ସମସ୍ତେ ଉତ୍କଣ୍ଠାର ସହିତ ଅନାଇ ରହିଛନ୍ତି। ଆଜିର ଏହି ମାପ କାର୍ଯ୍ୟକ୍ରମରେ କୋର୍ଟ କମିଶନର ଆକାଂଶ ଆଚାର୍ଯ୍ୟଙ୍କ ସମେତ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଏପିଡି ଲମ୍ବୋଦର ପଣ୍ଡା, ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ କାଟେ ପୂର୍ତ୍ତୀ, ଧନେଶ୍ୱର ଆରଆଇ ସରୋଜ କୁମାର ମଲ୍ଲିକ, ପଚ୍ଛିକୋଟ ଆରଆଇ ସୁଧିର କୁମାର ମଲ୍ଲିକ, ବ୍ୟାସନଗର ତହସିଲ ଅମିନ ବିକଶ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ଜରାଜୀର୍ଣ୍ଣ ମଦନମୋହନଜୀଉ ମନ୍ଦିର



**ଧର୍ମଶାଳା, ୨୯।୧୧(ସମିସ)**

ଧର୍ମଶାଳା ବ୍ଲକ କାଏମା ଦାସସାହି ଗ୍ରାମସ୍ଥିତ ମଦନମୋହନଜୀଉ ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ପରିସର ପୁନର୍ଗଠନ ନିମନ୍ତେ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ଅଭିଷେକ ରାଉତ ଜାରକା ମଣ୍ଡଳ ସଭାପତି ଦେବବ୍ରତ ପଣ୍ଡା, କାଏମା ପ୍ରଭାରୀ ସୁରେଶ ଚନ୍ଦ୍ର ନାୟକ, ଶିଶିର ମାହାଣା ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଯୋଗଦାନ କରି ମନ୍ଦିର ଉନ୍ନତୀକରଣ ତଥା ପୁନର୍ଗଠନ ନିମନ୍ତେ ଆଲୋଚନା କରିଥିଲେ। ସଦସ୍ୟ ଜଗନ୍ନାଥ ସାହୁ ମଦନମୋହନଜୀଉ ମନ୍ଦିରର କଳା, ଭାସ୍କର୍ଯ୍ୟ, ଐତିହ୍ୟ ଓ ସଂସ୍କୃତି ବିଷୟରେ ଅନେକ କଥା କହି ଏହା ଅତୀତର ମୁକ ସାକ୍ଷୀ ବୋଲି କହିଥିଲେ। ମନ୍ଦିରର ରୋଷଘର, ନାଟମଣ୍ଡପ, ବିମାନ ଗୃହ ଓ ଅନୁସାଙ୍ଗିକ ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ମନ୍ଦିର ପଛ ପାର୍ଶ୍ୱରେ ଥିବା ପୋଖରୀ ସମ୍ପୂର୍ଣ୍ଣ ଦଳମୟ ହୋଇ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଏତଦବ୍ୟତୀତ ବିବାହ ଓ ବ୍ରତ ପାଇଁ ଏକ କଲ୍ୟାଣ ମଣ୍ଡପ, ନାମ ସଂକୀର୍ତ୍ତନ ପାଇଁ ଏକ ମଣ୍ଡପ ଓ ମନ୍ଦିର ସମ୍ମୁଖରେ ଥିବା ବଗିଚାର ସୌନ୍ଦର୍ଯ୍ୟ କରଣ ପାଇଁ ଏକ ପାଚେରିର ଆବଶ୍ୟକତା ରହିଛି। ମାତ୍ର ମନ୍ଦିରର ଏଭଳି ଜରାଜୀର୍ଣ୍ଣ ଅବସ୍ଥା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗରେ ଗଭୀର ଆଘାତ ଦେଉଛି ବୋଲି ମତ ବ୍ୟକ୍ତ କରିଥିଲେ। ସେହିପରି ବୈଜେଷ୍ଠ ବ୍ୟକ୍ତି ବ୍ରଜବନ୍ଧୁ ମିଶ୍ର ମଧ ମନ୍ଦିରର ଅତୀତ ଓ ବର୍ତ୍ତମାନର ସ୍ଥିତି ବିଷୟରେ ଅନେକ କଥା କହିଥିଲେ। ଏ ବିଷୟରେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ, ସାଂସଦ ରବି ନାରାୟଣ ବେହେରା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ମାଧ୍ୟମରେ ସମସ୍ୟା ସମ୍ପର୍କରେ ଅବଗତ କରାଇବା ପାଇଁ ବୈଠକରେ ଆଲୋଚନା

### ଉନ୍ନତୀକରଣ ସମ୍ପର୍କରେ ଆଲୋଚନା

ହୋଇଥିଲା। ବୈଠକର ଆଲୋଚନା ବିଷୟରେ ଅଭିଷେକ ବିଧାୟକଙ୍କୁ ଅବଗତ କରାଇବେ ବୋଲି ସ୍ଥିର ହୋଇଥିଲା। କମିଟି ସଦସ୍ୟବମାନଙ୍କ ମଧ୍ୟରେ ବିଶ୍ୱନାଥ ଦାସ, ପରମେଶ୍ୱର ଦାସ, ରାଜୀବ ଲୋଚନ ଦାସ, ମଦନମୋହନ ମିଶ୍ର, ସୂର୍ଯ୍ୟକାନ୍ତ ଦାସ, କୁଞ୍ଜ ବିହାରୀ ବେହେରା, ଶିବୁ କୁମାର ଦାସ, ବଳରାମ ସାହୁ, ଜୟକୃଷ୍ଣ ବେହେରା, ଶ୍ୟାମ ସୁନ୍ଦର ସାହୁ, ଶୁଭ୍ରଜିତ ମିଶ୍ର, ବିଶ୍ୱଜିତ ସାହୁ, ଲକ୍ଷ୍ମୀଧର ମଲ୍ଲିକ, ସାମ୍ବାଦିକ ଶିବପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।

# ଫାଇଲେରିଆ ନିରାକରଣ ସମନ୍ୱୟ ସମିତି ବୈଠକ

**ଯାଜପୁର, ୨୯।୧୧(ସମିସ):** ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ପ୍ରଥମ ଜିଲ୍ଲା ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ କର ଖଣି ପ୍ରଭାବିତ ଏବଂ ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଗ୍ରାମୀଣ ଇଲାକାରେ ମ୍ୟାଲେରିଆ ଭଳି ବିଭିନ୍ନ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଔଷଧ ସେବନ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବିଭାଗର ସୁପରଭାଇଜରମାନେ ତଦାରଖ ସହ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ଅଧିକାରୀଙ୍କୁ ଅବଗତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଗତ ଅଗଷ୍ଟ ମାସରେ ହୋଇଥିବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡା. ନିଶିଥ ରଞ୍ଜନ ଫାଇଲେରିଆ ରୋଗର କାରଣ, ଲକ୍ଷଣ ଓ



ଆଗାମୀ ଫେବୃଆରୀରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ଅଧକ୍ଷ ତଥା ଡିନ୍ ଡା. ସୀତାରାମ ମହାପାତ୍ର ଏକ ନିରୀକ୍ଷଣ ରିପୋର୍ଟ ଉପସ୍ଥାପନ କରିଥିଲେ, ଯେଉଁଥିରେ ଆଶା ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରାମର୍ଶଦାତା ବଳଦେବ ନନ୍ଦ ସହଯୋଗ କରିଥିବା ବେଳେ ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ ବିଶ୍ୱରଞ୍ଜନ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ରସୁଲପୁର ବ୍ଲକର ଅଧିକାରୀମାନେ ଯୋଗ ଦେଇଥିଲେ।

# ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ



**ଯାଜପୁର, ୨୯।୧୧(ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗ ଆଦେଶ ଅନୁଯାୟୀ ସତ୍ୟବ୍ରତ ପାଣିଗ୍ରାହୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଯାଜପୁରରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବରିଷ୍ଠ ରାଜସ୍ୱ ସହାୟକ ଅମିୟ କୁମାର ତ୍ରିପାଠୀ, ଷ୍ଟୋର କିପର ସତ୍ୟଜିତ ନାୟକ, ସଞ୍ଚଳକ ଶାନ୍ତନୁ କୁମାର ସାହୁ, ରତିକାନ୍ତ ମହାନ୍ତି, ସାଗର ନାୟକ ଶ୍ରୀ ପାଣିଗ୍ରାହୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପାଣିଗ୍ରାହୀଙ୍କୁ ତାଙ୍କର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ପରେ ଶ୍ରୀ ପାଣିଗ୍ରାହୀ ଜିଲ୍ଲାପାଳ ଅମ୍ବର କୁମାର କର ଓ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ସାକ୍ଷାତ କରିଥିଲେ।

# ଧୂଳିଧୂଆଁ ପ୍ରତିବାଦରେ ରାସ୍ତାରୋକ

**ଧର୍ମଶାଳା, ୨୯।୧୧(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ- ପାରାଦ୍ୱୀପ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନୀୟ ଅଞ୍ଚଳ ଧୂଳି ଧୂଆଁରେ ଭର୍ତ୍ତି ହେଉଥିବା ପ୍ରତିବାଦରେ କଣ୍ଟିଗଡ଼ିଆ ଛକରେ ଆଜି ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ଉକ୍ତ ରାସ୍ତାରେ ଯାଉଥିବା ଗାଡ଼ି ଅଟକାଇ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ସଂସ୍ଥାର ମନମୁଖୀ କାର୍ଯ୍ୟକୁ ବିରୋଧ କରିବା ସହ ରାଜପଥରେ ଯାତାୟତ କରୁଥିବା ଜନସାଧାରଣ କିପରି ଧୂଳିଧୂଆଁରୁ ସୁରକ୍ଷା ପାଇବେ ସେଥିପାଇଁ ପ୍ରତିବାଦ କରିଥିଲେ। ସୂଚନା ମୁତାବକ ଚଣ୍ଡିଖୋଲ -ପାରାଦ୍ୱୀପ ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକା କମ୍ପାନୀ ଏଆଇପିଏଲ ରାସ୍ତା ନିର୍ମାଣ କରୁଥିବା ବେଳେ ରାସ୍ତା ଉପରେ ପାଣି ଛିଞ୍ଚନ କରୁନାହିଁ। ଯାହା ଫଳରେ ଏହି ରାସ୍ତା ଦେଇ ପ୍ରତିଦିନ ଠିକା କମ୍ପାନୀର ଗାଡ଼ି ମୋଟର ସହ ଶତାଧିକ ଗାଡି ଯାତାୟତ କରୁଛି। ରାସ୍ତାରେ ଧୂଳି, ବାଲି ଜମାହୋଇ ରହୁଥିବାରୁ ପାଣି ଛିଞ୍ଚନ ନହେବାରୁ ରାସ୍ତା ଧୂଳିଧୂଆଁମୟ ହେଉଛି। ତତସହିତ କଣ୍ଟିଗଡ଼ିଆ ଛକରେ ଏଆଇପିଏଲ କମ୍ପାନୀର ଦୁଇଟି କ୍ରସର ରହିଥିବାରୁ ସେଥିରୁ ନିର୍ଗତ ଧୂଳିଧୂଆଁ



ରାଜପଥ ସହ ସ୍ଥାନୀୟ ଗ୍ରାମ ଗୁଡିକ ମଧ ଧୂଳିଧୂଆଁମୟ ହେଉଛି। ଦିନରୁ ରାତିଯାଏ ଏହି ରାସ୍ତା ଧୂଳିଧୂଆଁମୟ ଯୋଗୁଁ ରାସ୍ତାରେ ଯାତାୟତ କରୁଥିବା ବାଇକ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିସହ ନିକଟରେ ଥିବା ଗ୍ରାମ ଗୁଡିକର ଜନସାଧାରଣ ଧୂଳି ଧୂଆଁ ଯୋଗୁଁ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କଲେ ବି କିଛି ସୁଫଳ ମିଳୁନଥିବା ବେଳେ ଜନସାଧାରଣଙ୍କ ସମସ୍ୟାକୁ ନେଇ ଆଜି ମଧ୍ୟାହ୍ନ ସମୟରେ କଣ୍ଟିଗଡ଼ିଆ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ଓ ସ୍ଥାନୀୟ ଅଞ୍ଚଳବାସୀ ଲୋକଙ୍କୁ ସୁରକ୍ଷା ପ୍ରଦାନ ପାଇଁ ରାସ୍ତାରେ ପାଣି ଛିଞ୍ଚନ କରିବା ଓ ନିକଟରେ ଥିବା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ ବ୍ୟବସ୍ଥା କରିବା ଆଦି ଦାବି ନେଇ ରାଜପଥରେ ଯାତାୟତ କରୁଥିବା ଗାଡିମୋଟର ବନ୍ଦ କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଏଆଇପିଏଲ କମ୍ପାନୀର ଅଧିକାରୀ ଓ ସରପଞ୍ଚ ଶ୍ରୀ ରାଉତଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ସୁକିନ୍ଦା, ୨୯।୧୧(ସମିସ): ସୁକିନ୍ଦା ସଦର ମହକୁମା ବେହୁରା ସାହିର ଜଣେ ଧର୍ମପରାୟଣ ମହିଳା ଫୁଲ ବେହୁରାଙ୍କ ୯୫ବର୍ଷ ବୟସରେ ପରଲୋକ ଘଟିଛି। ଗତ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ସୁକିନ୍ଦା ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ ଫୁଲ ବେହୁରା ସୁକିନ୍ଦା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ଜୟକୃଷ୍ଣ ବେହୁରାଙ୍କ ଖୁଡ଼ି ଅଟନ୍ତି। ସେ ଜଣେ ଧର୍ମପରାୟଣ ଓ ମେଳାପି ମହିଳା ଥିଲେ। ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟ ଶଯ୍ୟା ନିକଟରେ ଚାରି ପୁଅ ବସନ୍ତ, ଚିତ୍ତ, ସନ୍ତୋଷ, ପ୍ରଶାନ୍ତ, ଝିଅ କବିତା ଓ ସବିତା ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ସୁକିନ୍ଦା ଅଞ୍ଚଳର ଅନେକ ଲୋକ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ପୋଷ୍ୟ ସନ୍ତାନ ଗ୍ରହଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଯାଜପୁର, ୨୯।୧୧(ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପ୍ରତ୍ୟେକ ଶିଶୁ ପାଇଁ ପରିବାର ହେଉଛି ଏକ ସୁରକ୍ଷା ବଳୟ ଏବଂ ଏଥିପାଇଁ ତାର ପିତାମାତା, ବନ୍ଧୁ ପରିଜନ ଓ ସମାଜ ଯଥେଷ୍ଟ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଅନ୍ୟତମ ଅତିଥି ଭାବେ ଯାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ ଯୋଗ ଦେଇ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ମାମଲାରେ ଥିବା ନ୍ୟାୟିକ ପ୍ରକ୍ରିୟା ଏବଂ ପୁଲିସ ଅଧିକାରୀଙ୍କ ଦାୟିତ୍ୱବୋଧ ଉପରେ ଆଲୋକପାତ କରିବା ସହ ଏହାର ଆଇନଗତ ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ହେଲେ ସମନ୍ୱିତ ସହଯୋଗର ଆବଶ୍ୟକତା ରହିଛି ବୋଲି ଶ୍ରୀ ମାଝୀ କହିଥିଲେ। ଆଡପ୍ସନ୍ ବିଶେଷଜ୍ଞ ତଥା ଲିଗାଲ ଅଫିସର ଅକ୍ଷୟ କୁମାର ସ୍ୱାଇଁ ବିଶେଷ ଆବଶ୍ୟକତା ଥିବା ଶିଶୁଙ୍କୁ ପୋଷ୍ୟ ରୂପେ ଗ୍ରହଣ କରିବା ପ୍ରକ୍ରିୟା, ଆଡପ୍ସନ୍ ରେଗୁଲେସନ-୨୦୨୨ ଏବଂ ମିଶନ ବାତ୍ସଲ୍ୟ ପୋର୍ଟାଲ ଉପରେ ବିଭିନ୍ନ ଉଦାହରଣ ଓ କେସଷ୍ଟଡି ମାଧ୍ୟମରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କିଛି ଶିଶୁ ପିତାମାତାଙ୍କୁ ହରାଇ ନାନା ଅସୁବିଧାକୁ ସାମ୍ନା କରୁଛନ୍ତି, ତେଣୁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ମଧ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ, ଯାହା ପିଲାଙ୍କୁ ଏକ ପରିବାର ଭିତରେ ରହିବାର ସୁଯୋଗ ଦେଇଥାଏ। ଏହି ଅବସରରେ ପୂର୍ବରୁ ପୋଷ୍ୟ ସନ୍ତାନ



ଗ୍ରହଣ କରିଥିବା ଅଭିଭାବକମାନେ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଶିଶୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସିଡିପିଓ ଶାନ୍ତିଲତା ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ଡିସିପିଓ ନିରଞ୍ଜନ କର, ଶିଶୁ ମଙ୍ଗଳ କମିଟି ସଦସ୍ୟ ତୃପ୍ତି ଜେନା ଓ ଜୟନ୍ତ ଗୋସ୍ୱାମୀ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର ମିହିର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅର୍ଚ୍ଚନା କୁମାରୀ ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରେମରେ ଧୋକ୍କା ଖାଇ ପ୍ରେମିକର ଆତ୍ମହତ୍ୟା

# ପ୍ରେମିକାକୁ ଗିରଫ ଦାବିରେ ଶୋଭାଯାତ୍ରା

**କୁଆଖିଆ, ୨୯।୧୧(ସମିସ)**

କୁଆଖିଆ ଥାନା ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ କୋଳଥଳ ଗ୍ରାମର ରମାକାନ୍ତ ଦାଶଙ୍କ ପୁଅ ରିଣ୍ଟୁ ଓରଫ ଚତୁର୍ଭୁଜ ଦାଶଙ୍କୁ ନିଜ ପ୍ରେମିକା ଧୋକ୍କା ଦେବା ଫଳରେ ସେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ସେହି ଗ୍ରାମର ପ୍ରେମିକା ଜଣକ ଶିକ୍ଷୟିତ୍ରୀ ଚାକିରି ପାଇବା ପରେ ରିଣ୍ଟୁଙ୍କୁ ଧୋକ୍କା ଦେଇଥିଲେ। ଏ ନେଇ ଯୁବକର ବାପା କୁଆଖିଆ ଥାନାରେ ପ୍ରେମିକାଙ୍କୁ ଏଥିପାଇଁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗ କରିଛନ୍ତି। କିନ୍ତୁ ଅଭିଯୋଗ ପାଇବା ସତ୍ତ୍ୱେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ କରି ପରିବାର ଲୋକେ, ଗ୍ରାମବାସୀ, ଯୁବକର ସାଙ୍ଗସାଥିମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମୃତ ଯୁବକକୁ ନ୍ୟାୟ ଦାବିରେ କୋଳଥଳ ଗ୍ରାମର ଯୁବକମାନେ ଶନିବାର ସନ୍ଧ୍ୟାରେ ଏକ ମହମବତି ଶୋଭାଯାତ୍ରା ଜରିଆରେ ପ୍ରତିବାଦ ଜଣାଇଛନ୍ତି। ଶୋଭାଯାତ୍ରାକାରୀ କୁଆଖିଆ ବଜାରରେ ଶୋଭାଯାତ୍ରା କରି ନ୍ୟାୟ ଭିକ୍ଷା କରିଥିଲେ। ଶୋଭାଯାତ୍ରାକାରୀ ଚଣ୍ଡିପୁର, ନଡିପୁର, କୋଳଥଳ ଆଦି ଗ୍ରାମ ପରିକ୍ରମା କରି ଗ୍ରାମର ମା' କ୍ଷେତ୍ରପାଳିନୀ ପଡ଼ିଆରେ ଏକତ୍ରିତ ହୋଇ ଆଗାମୀ ଦିନରେ ମୃତ ରିଣ୍ଟୁ ପାଇଁ ଲଢେଇ କରିବାକୁ ବଜ୍ର ଶପଥ କରିଥିଲେ।

ଘଟଣାରୁ ପ୍ରକାଶ ଯେ ରିଣ୍ଟୁ ୧୪ବର୍ଷ ଧରି ସେହି ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରେମ କରୁଥିଲେ। ଉଭୟ ବିବାହ କରିବାକୁ ମନସ୍ଥ କରିଥିଲେ। ରିଣ୍ଟୁ ପ୍ରେମିକାକୁ ପାଠ ପଢ଼ିବା ଠାରୁ ଚାକିରି କରିବାରେ ଆର୍ଥିକ ସହାୟତା ଯୋଗାଇ ଦେଇଆସୁଥିଲେ। ପରିବାର ଲୋକଙ୍କ କହିବା ମୁତାବକ ତାଙ୍କ ପୁଅ ଯୁବତୀର ପଢ଼ା ଖର୍ଚ୍ଚ ବାବଦକୁ ବିଭିନ୍ନ ସମୟରେ ପ୍ରାୟତଃ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି। ଉଭୟଙ୍କ ପ୍ରେମ ସମ୍ପର୍କ ବହୁ ପୁରୁଣା ଓ ସେମାନେ ଉଭୟ ବିବାହ କରିବାକୁ ମନସ୍ଥ କରିଥିଲେ। ଯୁବତୀ ଜଣକ ଚାକିରି କରିବା ପରେ ପ୍ରେମ ସମ୍ପର୍କକୁ କୁଆଡେ ଅଗ୍ରାହ୍ୟ କରିବା ସହ ବିବାହ କରିବାକୁ ମନା କରିଦେଇଥିଲେ। ଏପରିକି ମୋବାଇଲରେ ଯୁବକକୁ ବାଧିବା ଭଳି ମତ ବିନିମୟ କରିଥିଲେ। ପ୍ରେମିକାର କଟୁ କଥାକୁ ସହ୍ୟ କରିନପାରି ଯୁବକ ଜଣକ ଘାସମରା ଔଷଧ ପିଇ ଦେଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ତାକୁ ସ୍ଥାନୀୟ ସରକାରୀ ଡାକ୍ତରଖାନା ପରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସା କରିବାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କର ମୃତ୍ୟୁ ହୋଇଥିଲା। ଯୁବକର ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ଘଟଣାକୁ ନେଇ ଗାଁର ଯୁବକମାନେ ଥାନା ଦୁଆରେ ପହଞ୍ଚି ହୋହଲ୍ଲା କରିଥିଲେ। ପୁଲିସ ମୃତ ଯୁବକର ବାପାର ଅଭିଯୋଗକୁ ନେଇ ୪୯୮/୨୫ରେ ଏକ ମାମଲା ରୁଜୁ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।




'ନନ୍ଦିଘୋଷ ଟିଭି'

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୭୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ଯାଜପୁର, ୨୯।୧୧(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ଖଇରାବାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ଓଝାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଚଇନପୁର କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଆୟୋଜିତ ବିଦାୟକାଳୀନ ସଭାରେ ଚଇନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପଦ୍ମନାଭ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗୌତମ ରାୟ, ସମ୍ମାନିତ ଅତିଥି ଭାବେ ସାମାଜ ସେବୀ ସୁରେନ୍ଦ୍ର କୁମାର ରାୟ, ଗୋକୁଳାନନ୍ଦ ରାଉତ, ସୁରେଶ ଚନ୍ଦ୍ର ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ଦେବୀଲାଲ୍ ମଲ୍ଲିକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିର୍ମଳ ଚନ୍ଦ୍ର ଜେନା, ପୂର୍ବତନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ମାତାଜୀ ଜେନା, ପୂର୍ବତନ ସରପଞ୍ଚ ରଶ୍ମିପ୍ରଭା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିବା ବେଳେ, ଚଇନପୁର କ୍ଲଷ୍ଟରର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିଲେ।



ସୃଜନିକା

ସକାଳ THE SAKALA
www.sakalaepaper.com

# ମେଳାରେ ହଜିଥିବା ପିଲାଟି



ମୂଳ ଇଂରାଜୀ : ମୁଲ୍‌କ ରାଜ୍ ଆନନ୍ଦ
ଅନୁବାଦ : ପୁଷ୍ପାରାଣୀ ପଟେଲ


ବସନ୍ତ ଉତ୍ସବର ସମୟ। ଗାଁ ଗାଁରେ ମେଳା। ଗାଁକୁ ଲମ୍ବିଥିବା ସେଇ ପତଳା ସରୁ ଗଳି ରାସ୍ତାଟିରେ ଲୋକଙ୍କର ପ୍ରବଳ ଭିଡ଼। କିଛି ଲୋକ ପାଦରେ ଚାଲି ଚାଲି ଆସୁଥିବା ବେଳେ, ବେଶ୍ କିଛି ଥିଲାବାଲା ଲୋକ ଆସୁଥିଲେ ଘୋଡ଼ା ଗାଡ଼ିରେ, ଆଉ କିଛି ପୁଣି ସେଇ ବାଉଁଶ ତିଆରି ଶଗଡ଼ ଗାଡ଼ିରେ। ଲୋକଙ୍କର ଏଇ ମେଳା ପାଇଁ ଆକର୍ଷଣର ଦୃଶ୍ୟ ବେଶ୍ ହୃଦଗ୍ରାହୀ ଥିଲା। ତା'ଠାରୁ ଆହୁରି ଅଧିକ ଆକର୍ଷଣୀୟ ଥିଲା ସେଇ ପିଲାଟିର ଚଞ୍ଚଳତା। ନିଜ ମାଆ, ବାବାଙ୍କ ସାଥିରେ ମେଳା ଦେଖି ଯିବାର ଚରମ ଖୁସି ବାରି ହେଇ ପଡୁଥିଲା ତା' ପାଦର ଛନ୍ଦରୁ, ମୁହଁର ହସରୁ!

ମାଆ ଡାକିଲେ, "ଏପଟେ ଆସ୍ ବାବା! ଆସିଲୁ ...ଆସିଲୁ...ଶୀଘ୍ର ଆସ୍!" ତା' ନଜର କିନ୍ତୁ ଲାଖି ରହିଥିଲା ସେଇ ରାସ୍ତା କଡ଼ର ଖେଳଣା ଦୋକାନର ଖେଳଣାଗୁଡ଼ିକ ଉପରେ। ସେ ଭାବିଲା - ବାପାଙ୍କୁ କହିବ କି, ଖେଳଣାଟିଏ କିଣି ଦେବା ପାଇଁ। ତେବେ ବାପାଙ୍କର କଟମଟ ଚାହିଁଥିବା ନାଲି ଆଖିକୁ ଦେଖି ଅଟକିଗଲା, କହିଲାନି କିଛି।

ମାଆ ତା'ର ମନ ଭୁଲାଇବା ପାଇଁ ତାକୁ କହିଲେ, "ହେଇ ଦେଖ୍... ସେପଟେ ଦେଖ୍ ...କି ସୁନ୍ଦର ଦିଶୁଛି, ଦେଖ୍!" ସେ ଆଖି ଉଠାଇ ଚାହିଁଲା ତ ଦିଶିଗଲା ମାଇଲ ମାଇଲ ଦୂର ଯାଏ ଲମ୍ବିଥିବା ସୁନାରଙ୍ଗ ଫୁଲର ସୋରିଷ କ୍ଷେତ। ତା' ଉପରେ ଉଡ଼ି ବୁଲୁଥିଲେ ବାଇଗଣୀ ରଙ୍ଗର ପ୍ରଜାପତି। ସେ ଫୁଲ ଓ ପ୍ରଜାପତି ଏତେ ସୌନ୍ଦର୍ଯ୍ୟରେ ଭରପୂର ଥିଲେ ଯେ କେହି ବି ଟାଣି ହେଇଯିବ ସେମାନଙ୍କ ଆଡ଼କୁ। ପିଲାଟି ବି ଅବାକ୍ ହୋଇ ଚାହିଁ ରହିଥିଲା।

ଏତିକି ବେଳେ ମାଆ ପୁଣି ଡାକିଲେ ତାକୁ "ଆ...ଆ.... ଏଇପଟେ ଆ! ଶୀଘ୍ର ଆ, ଏଇ ଛାଇ କଡ଼କୁ!" ସେଇ ରାସ୍ତାକଡ଼ର ନଳକୂଅର ଛାଇ ପାଖରେ ଜମିଥିବା ପାଣିରେ ଦୃଶ୍ୟ ହେଉଥିଲେ ଅସଂଖ୍ୟ ଛୋଟ ଛୋଟ ପୋକ ଜୋକ। ସେମାନେ ବି ତା' ଦୃଷ୍ଟି ଆକର୍ଷଣ କରିନେଲେ ସେମାନଙ୍କ ନିଜ ଆଡ଼କୁ। ନଳକୂପ ଉପରେ ଥିବା ଏକ ବଡ଼ ଗଛଟିରେ ଥିଲା ଗୋଟିଏ ଫୁଲ କୁଞ୍ଜ। ତାକୁ ଛୁଉଁ ଛୁଉଁ ତା' ଉପରେ ଲଦି ହୋଇପଡ଼ିଲେ ବେଶ୍ କିଛି ଫୁଲ। ସେଇ ଭିତରୁ ଡାକିଲା ବି କୋଇଲି ଟିଏ ତା' ସୁନ୍ଦର ସ୍ୱରରେ କୁହୁ ...କୁ...ହୁ...! ପିଲାଟି ପାଟି କରି ଉଠିଲା, "ବାବା...ଶୁଣ...ଶୁଣ...କୋଇଲିଟିଏ ଡାକୁଛି...କୁହୁ...କୁ...ହୁ...!" ଅନ୍ୟମନସ୍କତାରେ ତା' ହାତରୁ ଗଳି ପଡ଼ିଥିଲା ସେ ସାଉଁଟିଥିବା ଫୁଲକୁ।

"ବାବା... ଶୀଘ୍ର ଆସେ... ଏଇପଟେ...।" ମାଆ ଓ ବାବା ତା'ର ଲୁଚି ଯାଉଥିଲେ ସୋରିଷ କ୍ଷେତର ଆଢୁଆଳରେ। ସେ ଧାଇଁଲା ଦ୍ରୁତଗତିରେ ତା' ମାଆ, ବାବାଙ୍କ ନିକଟକୁ । ଏବେ ନିକଟବର୍ତ୍ତୀ ହୋଇ ଆସୁଥିଲା ମେଳାର ମୁଖ୍ୟ ଜାଗା, ଦିଶୁଥିଲା ପ୍ରବଳ ଭିଡ଼, ଲୋକଙ୍କର ହଜିଯିବା ଭଳି ଗହଳି।



ମେଳା ଭିତରେ ପଶୁ ପଶୁ ତା' କାନରେ ପଡ଼ିଲା ମିଠେଇ ବାଲାର ଡାକ, "ଏପଟେ ଆସ...ନିଅ...ନିଅ...ମିଠା... ମିଠା... ଗୁଲାବ୍ ଜାମୁନ୍, ରସଗୋଲା, ବର୍‌ଫି, ଜିଲାପି... ସୁଆଦିଆ...ସୁଆଦିଆ...ଜିଲାପି !" ବର୍‌ଫି ତାର ଖୁବ୍ ପ୍ରିୟ ! ବର୍‌ଫି ନାଁ ଶୁଣି ତା' ପାଟିରୁ ଲାଳ ଗଡ଼ି ଆସିଲା। ସେ କିନ୍ତୁ ଭଲରେ ଜାଣେ ଏବେ ବର୍‌ଫି କିଣିବାକୁ ଜିଦ୍ କଲେ ବାପା ତା'ର ଖୁବ୍ ରାଗିବେ। ସେ ତେଣୁ ବଢ଼ିଗଲା ଆଗକୁ। ଦୋକାନୀଟିଏ ଡାକୁଥିଲା, "ନିଅ...ନିଅ...ଫୁଲର ହାର ନିଅ!" ପିଲାଟି କହିଲା, "ଆଃ...କେତେ ସୁନ୍ଦର ଏ ଫୁଲର ହାର, ମୋତେ ଗୋଟାଏ ଲୋଡ଼ା।" ତେବେ ମାଆ,ବାପା ତ କିଣିଦେବେନି ଫୁଲମାଳ। ତେଣୁ ସେ ଚୁପ୍ ରହି ପୁଣି ଦୌଡ଼ିଲା ମାଆ ବାପାଙ୍କ ପଛରେ। ବେଲୁନ୍‌ବାଲାର ବଡ଼ ବାଡ଼ିଟିରୁ ଉଡ଼ି ବୁଲୁଥିଲେ ହଳଦିଆ, ନାଲି, ନେଳି,ବାଇଗଣୀ ରଙ୍ଗର ଭଳିକି ଭଳି ଆକର୍ଷଣ ବେଲୁନ୍। ସେମାନଙ୍କୁ ଦେଖି ତା' ପାଦ ଦୁଇଟି ଅଟକି ଗଲେ ସେଇଠି। ମନ ତା'ର କହୁଥିଲା, "ଏ ସବୁତକ ବେଲୁନ୍ ନେଇ ଯାଆନ୍ତା କି ତା'ର !" ମାଆ, ବାପାଙ୍କୁ କହିବ କି କିଣିଦେବା ପାଇଁ – ସେ ଭାବିଲା ଘଡ଼ିଏ। ତା' ପରେ ପୁଣି ମନକୁ ମନ, ନିଜକୁ ନିଜେ କହିଲା – ହେଃ ...ମନା କରିବେ ବାପା। କହିବେ- କେତ୍ତୁଟେ ହେଲୁଣି ବେଲୁନ୍ ଗୋଟାଏ କ'ଣ।

ଅଳ୍ପ ଦୂରରେ ସାପୁଆ କେଳାଟି ଖୁବ୍ ତନ୍ମୟତାର ସହ ତା'ର ବିନ୍ ବଜାଉଥିଲା ଓ ତା' ସ୍ୱରର ତାଳେ ତାଳେ ଫଣା ଟେକି ନାଚ ଦେଖାଉଥିଲା ସେଇ ବିଷଧର ନାଗ ସାପଟି। ତା'ର ମନେ ହେଲା ଠିଆହୋଇ ଘଡ଼ିଏ ସେଇଠି ଦେଖିବ ନାଚ। ତେବେ ମାଆ, ବାପା ଆଗକୁ ବଢ଼ିଯାଉଥିବା ଦେଖି ଧାଇଁଲା ସେମାନଙ୍କ ପଛରେ। କିଛି ଦୂର ଆଗରେ ଦୃଶ୍ୟ ହେଉଥିଲା ବଡ଼ ବଡ଼ ଦୋଳି। ସେ ଦେଖିଲା ସତୃଷ୍ଣ ନୟନରେ ସେଇ ଦୋଳିରେ ବସିଥିବା ସ୍ତ୍ରୀ, ପୁରୁଷ ଓ ଛୋଟ ଛୋଟ ଛୁଆମାନଙ୍କୁ। ସେମାନେ ହସୁଥିଲେ ଖୁସିରେ। ତା'ର ମଧ ବହୁତ ଇଚ୍ଛା ହେଲା ସେ ବି ମାଆ ,ବାପାଙ୍କ ସାଥିରେ ତା'ର ଦୋଳିରେ ବସିବ ଓ ହସିବ। ଖୁସି ହେବ ସେମାନଙ୍କ ପରିକା। ସେ ସେଇ ଦୋଳିକୁ ଚାହିଁ ଚାହିଁ ଡାକିଲା: "ମାମା...ମାମା...ବାବା...ବାବା... ।

ଫେରିଲାନି କୌଣସି ପ୍ରତ୍ୟୁତ୍ତର। ଏବେ ଭୟରେ ସେ ଫେରି ଚାହିଁଲା ପଛକୁ। ଦେଖି ପାରିଲାନି ମାଆ, ବାବାଙ୍କୁ ତା'ର। ତା' ମନରେ ଛନକା ପଶିଲା। ଗଳି ପାଖକୁ ଯାଇ, ଭିଡ଼ ପାଖକୁ ଯାଇ ଖୋଜିଲା ମାଆ, ବାବାଙ୍କୁ ତା'ର। କାହିଁ କେଉଁଠି ବି ନ ଥିଲେ ସେମାନେ। ଏବେ ଭୟରେ କାନ୍ଦିବାକୁ ଆରମ୍ଭ କରିଥିଲା ସେ। ଏପାଖସେପାଖ ଦୌଡୁଥିଲା ଭୟରେ। ପାଟିରୁ ଶୁଭୁଥିଲା ମାମା...ମାମା...ବାବା... ବାବା...। ପଡ଼ି ଉଠି ଧାଇଁବାବେଳେ ଦେହସାରା ଲାଗି ସାରିଥିଲା କାଦୁଅର ଛିଟା। ମୁହଁଟି ଲୁହରେ, ଭୟରେ, ଦୁଃଖରେ ଓଦା ଜୁଡୁବୁଡୁ। କାକୁସ୍ଥ ରୂପ।

ଦୂରରେ ଦିଶିଲା ମନ୍ଦିରଟିଏ। ଲୋକଙ୍କର ପ୍ରବଳ ଭିଡ଼। ସେ କେଉଁ ଏକ ଆଶାରେ ଦୌଡ଼ିଗଲା ସେଇ ମନ୍ଦିର ଯାଏ। ଲୋକଟିଏ ତା'ର ଅବସ୍ଥା ଦେଖି କୋଳେଇ ନେଲା ତାକୁ। ପଚାରିଲା କ'ଣ ହୋଇଛି ପୁଅ। କାହାକୁ ଖୋଜୁଛୁ।

ପିଲାଟି କହିଲା "ମୋ' ମାଆ ...ବାବା...ମା...ମା...ବା...ବା।" ପୁଣି ଶୁଭିଲା ତା'ର କାନ୍ଦ।

ଲୋକଟି ପିଲାର ଅବସ୍ଥା ଦେଖି ତା' ମନ ଭୁଲାଇବା ପାଇଁ ନେଇଗଲା ତାକୁ ସେଇ ବଡ଼ ଚକ୍ରି ଦୋଳି ପାଖକୁ। କହିଲା, "ଦୋଳି ବସିବୁ ପୁଅ?" ପିଲାଟି ସେମିତି କାନ୍ଦି କାନ୍ଦି ମୁହଁ ବୁଲାଇ ଆଣିଲା ପଛକୁ। ତା'ପରେ ସେ ତାକୁ ଭୁଲାଇବା ପାଇଁ ନେଇଗଲେ ସେଇ ସାପ ଖେଳାଉଥିବା ସାପୁଆ କେଳା ପାଖକୁ। ସେପଟେ ତା'ର ଦୃଷ୍ଟି ଆକର୍ଷଣ କରିବାକୁ କହିଲା, "ଏଇ ଦେଖ୍.... ଦେଖ୍.... ସାପଟି କେମିତି ବେକ ହଲାଇ ନାଚୁଛି ଦେଖ୍!" ପିଲାଟି କିନ୍ତୁ ଆଖି , ନାକ, କାନ ବନ୍ଦ କରିନେଲା ତା'ର। ତାକୁ ଆଉ ଟିକେ ଆଗକୁ ନେଇ ସେ ଯାଚିଲେ ଫୁଲମାଳ, ଯାହାକି ଏଇ ଘଡ଼ିଏ ପୂର୍ବରୁ ତାକୁ ଖୁବ୍ ଆକର୍ଷିତ କରିଥିଲା। ଏବେ କିନ୍ତୁ ପିଲାଟି ସେପଟକୁ ମୁହଁ ବୁଲାଇ ଚାହିଁଲାନି ମଧ। ଲୋକଟି ଅନ୍ୟ ଉପାୟ ନ ପାଇ ତାକୁ ନେଇଗଲା ସେଇ ବେଲୁନବାଲା ପାଖକୁ। କହିଲା "ଦେଖିଲୁ ଏଇ ଇନ୍ଦ୍ରଧନୁ ପରି ରଙ୍ଗିନ୍ ବେଲୁନ୍‌କୁ ତୋ ପାଇଁ କିଣିବା ନା?" ଏ ପ୍ରଶ୍ନର ଉତ୍ତରରେ ପିଲାଟି କାନ୍ଦି ଉଠିଲା। ଆହୁରି ଅଧିକ ଜୋର୍‌ରେ କହିଲା "...ନା ...ନା ମୋର କିଛି ବି ଲୋଡ଼ା ନାହିଁ। କିଛି ଭଲ ଲାଗେନା ମୋତେ। ମୋତେ କେବଳ ମୋର ମାଆ,ବାପା ଲୋଡ଼ା। ମୋତେ ମୋ ମାମା,ବାବାଙ୍କୁ ଆଣିଦିଅ। ମୋ ମାଆ,...ମୋ ବାପାଙ୍କୁ...!"

ଲୋକଟି କିଛି ଭାବିପାରିଲା ନାହିଁ, କ'ଣ କରିବା ଉଚିତ୍। କେମିତି ତୁନି ହବ ପିଲାଟି। ତାକୁ ମିଠେଇ ଦୋକାନ ପାଖକୁ ନେଇ ପଚାରିଲା, "ଆମ ପୁଅ ମିଠା ଖାଇବ ନା ? କ'ଣ ଖାଇବ? ଗୁଲାବ ଜାମୁନ? ଜିଲାପି? ବର୍‌ଫି?" ପିଲାଟି ବୁଲେଇ ଆଣିଲା ତା'ର ମୁହଁ ସେଇ ତାକୁ ଖାଇବାକୁ ମିଳୁଥିବା ବର୍‌ଫଟି ପାଖରୁ ମଧ ଏବଂ କାନ୍ଦି କାନ୍ଦି ବାରମ୍ବାର କେବଳ ଏତିକି ହିଁ କହୁଥିଲା, "ମୋ ମାମା.... ମୋ...ବାବା...। ମୋ ମାଆଙ୍କୁ ଆଣିଦିଅ। ଆଣିଦିଅ ମୋ ବାବାଙ୍କୁ... ବାବା... ମାମା...ମା...ମା!" ■

ସହକାରୀ ଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ସେକ୍ଟର ୧୬, ରାଉରକେଲା
ମୋ: ୯୪୩୮୨୫୮୦୬୩

## କ'ଣ ଜାଣିଛ ତୁମେ ?



ମୂଳ ହିନ୍ଦୀ : ନିର୍ମଳା ପୁତୁଲ୍
ଅନୁସୃଜନ : ଡ.ସଂଘମିତ୍ରା ରାଏଗୁରୁ

ଜାଣିଛ!
ପୁରୁଷଠୁ ଭିନ୍ନ ଗୋଟେ ସ୍ତ୍ରୀର ଏକାନ୍ତ ?
ଘର, ପ୍ରେମ ଆଉ ଜାତିଠୁ ଅଲଗା ଗୋଟେ ସ୍ତ୍ରୀକୁ ଜାଣିଛ ?
ତା' ନିଜସ୍ୱ ଜାଗା ବିଷୟରେ କହିପାରିବ ତୁମେ ?
ବତେଇ ପାରିବ,କାହିଁ କେଉଁ ଯୁଗରୁ ନିଜ ଘର ଖୋଜୁଥିବା ଅସ୍ତବ୍ୟସ୍ତ ସ୍ତ୍ରୀକୁ ତା' ଘରର ଠିକଣା ?

ଜାଣିଛ !
କଳ୍ପନା କଳ୍ପନାରେ କେମିତି
ଗୋଟିଏ ମୁହୂର୍ତ୍ତରେ
ନିଜକୁ ସ୍ଥାପିତ ଆଉ ବିସ୍ଥାପିତ କରେ ଜଣେ ସ୍ତ୍ରୀ ?
ସ୍ୱପ୍ନରେ ଦଉଡୁଥିବା ଗୋଟେ ସ୍ତ୍ରୀର ପଛେ ପଛେ ଯାଇ
ସମ୍ପର୍କର କୁରୁକ୍ଷେତ୍ରରେ ତାକୁ ନିଜ ସହ ନିଜେ
ଲଢୁଥିବାର ଦେଖିଛ କେବେ ?


ଦେହର ଭୂଗୋଳକୁ ବାଦ୍ ଦେଇ
ସ୍ତ୍ରୀ ମନର ଗଣ୍ଠିଲି ଖୋଲି
କେବେ ପଢ଼ିଛ ତା' ଭିତରର
ଜଳନ୍ତା ଇତିହାସ ?
ପଢ଼ିଛ କେବେ, ନିରବତାର ଏରୁଣ୍ଡିବନ୍ଧରେ ବସି
ଶବ୍ଦର ପ୍ରତୀକ୍ଷାରେ ଥିବା

ତା' ଚେହେରା ?
ତା' ଭିତରେ ବଂଶ ବୀଜ ବୁଣି କେବେ ବି ଅନୁଭବିଛ
ତା' ବିସ୍ତରୁ ଥିବା ଚେରକୁ ନିଜ ଭିତରେ ?

ସ୍ତ୍ରୀର ସମସ୍ତ ସମ୍ପର୍କର
ବ୍ୟାକରଣକୁ ଜାଣିଛ ?
କହିପାରିବ, ସ୍ତ୍ରୀ ଦୃଷ୍ଟିରେ ସ୍ତ୍ରୀକୁ ଦେଖି ସ୍ତ୍ରୀତ୍ୱର ପରିଭାଷା ?

ଯଦି ନା , ତା' ହେଲେ
ରୋଷେଇ ଆଉ ବିଛଣାର ଗଣିତ ଛଡ଼ା
ଗୋଟେ ସ୍ତ୍ରୀ ବିଷୟରେ କ'ଣ ଜାଣିଛ ତୁମେ ? ■

## ତାଙ୍କ ନଜରରେ...



ସେମାନେ ଘୃଣା କରନ୍ତି ମୋତେ
ମୋ' କଳାରଙ୍ଗକୁ ନାକ ଟେକନ୍ତି
ଶରୀର ଗଠନ ଦେଖି ଖୁଣ୍ଟା ଦିଅନ୍ତି
ହସନ୍ତି ମୋ' କଥାବାର୍ତ୍ତା ଶୁଣି

ଆମ ଚାଲିଚଳଣ, ରୀତିନୀତି, ପିନ୍ଧାପିନ୍ଧି...
କିଛି ବି ପସନ୍ଦ ନୁହେଁ ସେମାନଙ୍କୁ
ଜଙ୍ଗଲି,ଅସଭ୍ୟ ପଛୁଆ କହି ତିରସ୍କାର କରନ୍ତି
ଆମର
ଆଉ
ନିଜକୁ ସଭ୍ୟ ଶ୍ରେଷ୍ଠ ଭାବି
ଅସ୍ୱୀକାର କରନ୍ତି ଆମକୁ

ଆମେ ଛୁଇଁଥିବା ପାଣି ପିଅନ୍ତିନି ସେମାନେ
ଆମ ହାତ ତିଆରି ଖାଦ୍ୟ
ରୁଚେ ନାହିଁ ତାଙ୍କୁ
ସେମାନଙ୍କ ଘରେ ଆମ ପ୍ରବେଶ ନିଷେଧ

ଆମ ସହ ରହି ଆମ ଭାଷା ଶିଖିବା ମଞ୍ଜୁର ନୁହେଁ
ତାଙ୍କୁ
ସେମାନେ ଚାହାନ୍ତି,
ତାଙ୍କ ଭାଷା ଶିଖି ଆମେ ତାଙ୍କ ସହ ତାଙ୍କ
ଭାଷାରେ କଥା ହେଉ

ସେମାନେ ତର୍କ ବାଢ଼ନ୍ତି-
ସଭ୍ୟ ହେବା ଲାଗି ଜରୁରି
ତାଙ୍କ ଭାଷାରେ ତାଙ୍କ ପରି କଥାବାର୍ତ୍ତା
କରିବା, ଉଠିବା-ବସିବା, ପିନ୍ଧିବା-
ଲଗେଇବା
ମୋର ସବୁକିଛି ଅରୁଚିକର ତାଙ୍କୁ
ମୁଁ ତାଙ୍କ ଅପ୍ରିୟରେ ଗଣା

ସେମାନଙ୍କୁ କେବଳ ପସନ୍ଦ
ମୋ ଝାଳରେ ଲହଲହଉଥିବା ଫସଲ
ଖେତର ପନିପରିବା
ଜଙ୍ଗଲର ଫୁଲ, ଫଳ, କାଠ
ମୁଁ ପୋଷିଥିବା କୁକୁଡ଼ା ଖୁବ୍ ପ୍ରିୟ ତାଙ୍କର
ମୋ ସୁସ୍ଥ ସବଳ ଦେହ
ମୋ ମାଂସ ପସନ୍ଦ ତାଙ୍କୁ
କିନ୍ତୁ ମୁଁ ତାଙ୍କ ଅପ୍ରିୟରେ ଗଣା । ■

ରାଞ୍ଚି, ଝାରଖଣ୍ଡ
ମୋ: ୭୬୯୩୮୮୬୩୫୫

## ପୁସ୍ତକ ଓ ପତ୍ରିକା ପରିଚୟ

### ଉପକଥା

ଚିତ୍ତରଞ୍ଜନ ଚିରଞ୍ଜିତ




ବିଜୟିନୀ ପବ୍ଲିକେସନ୍ସ
ଶଙ୍କରପୁର, ଅରୁଣୋଦୟ ମର୍କେଟ
କଟକ-୧୨
ପ୍ରଥମ ପ୍ରକାଶନ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

ତାଙ୍କ ଗପ ଭିତରେ ପ୍ରସ୍ଫୁଟିତ ହୋଇଉଠିଥାଏ ଜୀବନର ଦର୍ଶନ। ସାଧାରଣ କାହାଣୀ ଭିତରେ ଥାଏ ଅସାଧାରଣ କଥା। ଏଭଳି ମଣିଷ ଜୀବନ ଓ ଚେତନାର ସୂକ୍ଷ୍ମ ଦିଗ ପ୍ରତିଫଳିତ ହୋଇଛି ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଉପକଥା' ପୁସ୍ତକର ଗପଗୁଡ଼ିକରେ। ଏହି ପୁସ୍ତକରେ ତେରଟି ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗପ ରୋମାଞ୍ଚକର ଓ ନିଆରା ହୋଇଛି। 'ଦଶହାଣ୍ଡି', 'ଜୋତା', 'ବୀଟଂସ', 'ଚାରୁ ଚିତ୍ରପଟ', 'ଅଜନ୍ତା', 'ଉପକଥା', 'ସ୍ୱପ୍ନ ପାଇଁ...', 'ଛାୟାଚିତ୍ର', 'ଦୃଶ୍ୟକାବ୍ୟ', 'ଅଦୃଶ୍ୟ ଈଶ୍ୱର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି ଗପର ଭାବ ଓ ଆବେଦନ ସ୍ୱତନ୍ତ୍ର। ଅନେକ ସମୟରେ ମନର ଭାବନା ରହିଯାଏ ମନ ଭିତରେ। ମନ ଭିତରର ଅସୁମାରୀ ଭାବପ୍ରବଣତା ଅନେକ ସମୟରେ କିଭଳି ପ୍ରକାଶ କରିହୁଏ ନାହିଁ, ତାହା ବେଶ୍ ଚମତ୍କାର ଭାବେ ଫୁଟି ଉଠିଛି 'ଚାରୁ ଚିତ୍ରପଟ' ଗପରେ। ସୁନ୍ନାମୀର ସୌନ୍ଦର୍ଯ୍ୟ, ପ୍ରେମର ମାଦକତାକୁ ଭୁଲି ପାରିନାହିଁ ଚିନ୍ମୟ। ଏହିପରି ଭାବେ ଏହି ଗପର କାହାଣୀ ଗତିଶୀଳ ହୋଇଛି। ମାନବୀୟ ପ୍ରେମ, ଜୀବନର ସୂକ୍ଷ୍ମ ଅନୁଭବ ଓ ଅନୁଭୂତି, ଜୀବନ ଦର୍ଶନର ଚିତ୍ର ବେଶ୍ ଆକର୍ଷଣୀୟ ବେଶ୍ ଭାବେ ଚିତ୍ରିତ ହୋଇଛି 'ଉପକଥା' ପୁସ୍ତକର ଅନେକ ଗପରେ। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ରେବତୀ

ସଂପାଦିକା: ସୁବାସିନୀ ଜେନା




ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ : ୭୦ ଟଙ୍କା

ସାହିତ୍ୟ ଓ ଫିଚରଧର୍ମୀ ମାସିକ ପତ୍ରିକା 'ରେବତୀ'ର ନଭେମ୍ବର ସଂଖ୍ୟା ବେଶ୍ ଆକର୍ଷଣୀୟ ହୋଇଛି। ସଂପାଦିକା ସୁବାସିନୀ ଜେନାଙ୍କ 'ସଂପାଦକୀୟ'ଠାରୁ ଆରମ୍ଭ କରି ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ଲେଖା ଭାବଗର୍ଭକ ଓ ହୃଦୟସ୍ପର୍ଶୀ ହୋଇଛି। ଏହି ସଂଖ୍ୟାରେ ପ୍ରଜ୍ଞାଶ୍ରୀ ରଥଙ୍କ 'କଲ୍ୟାଣମୟୀ କାଳୀ', ଅଜିତ୍ ପାତ୍ରଙ୍କ 'ପବିତ୍ର ପ୍ୟୁଠାନ୍', ବିଜୟ କୁମାର ଜେନାଙ୍କ 'ନିଆରା ନୁବ୍ରା', ଦେବଯାନୀ ରାୟଙ୍କ 'ବନ୍ଦନୀୟା ବୈଷ୍ଣବୀ', ଚୈତ୍ରନ୍ୟ ପ୍ରସାଦ ବେହେରାଙ୍କ 'କାଇପଦରର କୀର୍ତ୍ତି', ସୁବ୍ରତ ପ୍ରିୟବ୍ରତ ମହାନ୍ତିଙ୍କ 'ଓଡ଼ିଶୀ କୀର୍ତ୍ତନ' ଆଦି ଆଲେଖ୍ୟଗୁଡ଼ିକ ତଥ୍ୟଭିତ୍ତିକ, ଭାବମୟ ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି। ସେହିପରି ନିରାକାର ଦାସ, ଡକ୍ଟର ନୃସିଂହ ଷଡ଼ଙ୍ଗୀ, ଗଙ୍ଗାଧର ବିଶ୍ୱାଳ, ଶକ୍ତି ମହାନ୍ତି, ଗାୟତ୍ରୀବାଳା ପଣ୍ଡା, ଚକ୍ରପାଣି ପରିଚ୍ଛା, ପୂରବୀ ଶତପଥୀ, ଚିତ୍ତରଞ୍ଜନ ମିଶ୍ର, ରବି ଶତପଥୀ ପ୍ରମୁଖଙ୍କ କବିତା ମନଛୁଆଁ ହୋଇଛି। ସେଭଳି ଉଦୟ ନାରାୟଣ ଦାସଙ୍କ 'ବାପା', ଘନବିହାରୀ ମହାରଣାଙ୍କ 'ପ୍ରାର୍ଥନାର ପଟ୍ଟଭୂମି', ଯଦୁମଣି ଜେନାଙ୍କ 'ଭଙ୍ଗା ସ୍ୱପ୍ନର ଶବ୍ଦ' ଆଦି ଗପଗୁଡ଼ିକ ମାର୍ମିକ ହୋଇଛି। 'ଚରିତ ଉପନ୍ୟାସ', 'ପୁଷ୍ପବିତାନ', 'ରୋଷେଇଶାଳ' ଆଦି ନିୟମିତ ବିଭାଗଗୁଡ଼ିକ ମଧ ଭଲ ହୋଇଛି। 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ହରମାନ୍ ହେସ୍‌ଙ୍କ ସାହିତ୍ୟର ମୂଳଭିତ୍ତି ପରିବର୍ତ୍ତନ ଓ ଆବର୍ତ୍ତନ



ପ୍ରଦୀପ୍ତ ଶ୍ରୀଚନ୍ଦନ

ବହୁ ଚିନ୍ତା ଆଉ ଚେତନାର ଉନ୍ମେଷ ତଥା ଉତ୍ତରଣର ଯୁଗ ହେଉଛି ବିଂଶ ଶତାବ୍ଦୀ। ପୁନଶ୍ଚ ଏହି ଶହେ ବର୍ଷର ସମୟ -ଖଣ୍ଡକୁ ମଧ ସନ୍ଦେହ ଓ ଶଙ୍କାର ଯୁଗ ବୋଲି ପଣ୍ଡିତମାନେ ଅଭିହିତ କରିଥାନ୍ତି। ସେହି କାରଣରୁ ଆଧୁନିକ ସମାଲୋଚନାର ଶୈଳୀ ମଧ ଆଧୁନିକ ଜୀବନଯାପନର ରୀତି ସଦୃଶ ବହୁଧା ବିଭାଜିତ ଏବଂ ବିଭକ୍ତ। ଅତ୍ୟନ୍ତ କଟୁ ଭାବରେ ଜଟିଳ। ତେଣୁ କ୍ୱଚିତ୍ କଳା ସୃଷ୍ଟି ତଥା ତାହାର ସ୍ରଷ୍ଟା ଅଥବା ସାଧକ ନିର୍ଦ୍ୱନ୍ଦ୍ୱରେ ଅବା ନିର୍ବିବାଦରେ ଏହି ଶତକର ବିଶ୍ୱ ବିଚାର ମଞ୍ଚରେ ସାର୍ବଜନୀନ ଶ୍ରଦ୍ଧା ସହିତ ସାଦର ସ୍ୱୀକୃତି ଲାଭ କରିବା ସମ୍ଭବ ଥିଲା।

ମାର୍ଟିନ୍ ଗୁବର୍, ଯୋଶେଫ୍ ମିଲେକ୍, ହାନ୍‌ସ ମେୟର, ଥମାସ୍ ମାନ୍, ଓସ୍କାର ସେଡ୍‌ଲିନ୍ ଏବଂ ଥିଓଡର୍ ଜିଓଲକ୍ୱେସ୍କୀ ପ୍ରମୁଖ ବିଂଶ ଶତକର ବିଶ୍ୱର ପ୍ରଚଣ୍ଡ ପ୍ରତିଭାଧର ସନ୍ଦର୍ଭକାର, ବିଦଗ୍ଧ ତତ୍ତ୍ୱବିତ୍‌ମାନଙ୍କର ଆକଳନ ତଥା ନିର୍ଣ୍ଣୟ ଅନୁସାରେ ଯେଉଁ ସ୍ରଷ୍ଟା କାଳକୁ ଅତିକ୍ରମ କରି ଶତାବ୍ଦୀର ଶ୍ରେଷ୍ଠତ୍ୱ ଲାଭ କରିପାରିଛନ୍ତି, ସେମାନଙ୍କ ମଧ୍ୟରେ ହରମାନ୍ ହେସ୍ ହେଉଛନ୍ତି ଅନ୍ୟତମ। ତେଣୁ ଏହି ମହାରଥୀ ଗଣ ହେସ୍‌ଙ୍କୁ ବିଂଶ ଶତାବ୍ଦୀର ଜଣେ ପ୍ରମୁଖ ସାହିତ୍ୟ ସାଧକ ଭାବରେ ବିଚାର ମଞ୍ଚରେ ଉପସ୍ଥାପିତ କରି ସନ୍ଦର୍ଭ ସମ୍ବଳିତ ଗ୍ରନ୍ଥମାନ ରଚନା କରିଯାଇଛନ୍ତି।

ସ୍ରଷ୍ଟାର ନିଜସ୍ୱ ସ୍ୱାକ୍ଷର ହିଁ ଯେ କୌଣସି ସୃଷ୍ଟିର ଆତ୍ମାରେ ଉତ୍କୀର୍ଣ୍ଣ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ, 'ସିଦ୍ଧାର୍ଥ' ଉପନ୍ୟାସର ସ୍ରଷ୍ଟା - ନୋବେଲ ପୁରସ୍କାର ବିଜେତା ହରମାନ୍ ହେସ୍ ଯେ, ବ୍ୟତିକ୍ରମ ନୁହନ୍ତି, ଏହା ଅତି ସ୍ପଷ୍ଟ ଭାବରେ ପ୍ରତିପନ୍ନ। ସୃଷ୍ଟିର ଆତ୍ମା ସହିତ ସ୍ରଷ୍ଟାର ନିଭୃତ ଆତ୍ମ - ସତ୍ତାର ଏହି ଅବିଚ୍ଛିନ୍ନ ସମ୍ପର୍କ ଜର୍ମାନୀର ସୁପ୍ରସିଦ୍ଧ ସାରସ୍ୱତ ଶିଳ୍ପୀ ହରମାନ୍ ହେସ୍ ଓ ତାଙ୍କର କୃତିଗୁଡ଼ିକର ବିଚାର ପର୍ଯ୍ୟାୟରେ ଆମେ ଲକ୍ଷ୍ୟ କରିପାରିବା । ହେସ୍‌ଙ୍କର ପ୍ରମୁଖ ସୃଷ୍ଟିଗୁଡ଼ିକ ମଧ୍ୟରେ – 'Siddharth', 'Steppenwolf', 'Glass Bead Game', 'Demian', 'The Journey to the East', 'Beneath the Wheel', 'Narcissus and Goldmund' ଆଦିର ମାନ ଆମୂଳାନ୍ତ ନିଜସ୍ୱ ଜୀବନ, ଜୀବନର ବହୁ ବିଚିତ୍ର ଅଭିଜ୍ଞତା ଅନୁଭୂତି, ମୌଳିକ ଚିନ୍ତନ ଓ ତାତ୍ତ୍ୱିକ ଅବବୋଧର ଅବିକଳ୍ପ ନିର୍ଯ୍ୟାସ।

ପ୍ରସିଦ୍ଧ ଜର୍ମାନ୍ ବିଦ୍ୱାନ୍ ଥିଓଡର୍ ଜିଓଲକ୍ୱେସ୍କୀ ତାଙ୍କର "The novels of Hermann Hesse: A Study in theme and structure" ଗବେଷଣା ପୁସ୍ତକରେ ଉଲ୍ଲେଖ କରିଛନ୍ତି- "ହେସ୍ ନୋବେଲ ପୁରସ୍କାର ପାଇଲେ ୧୯୪୯ ମସିହାରେ। ସେଥିପୂର୍ବରୁ ଜର୍ମାନୀ ସାହିତ୍ୟିକ ଭାବରେ ୧୯୨୯ ମସିହାରେ ଥମାସ ମାନ୍ ନୋବେଲ ପୁରସ୍କାର ପାଇଥିଲେ। ହେସ୍‌ଙ୍କୁ ପୁରସ୍କାର ପ୍ରଦାନ କାଳରେ ତାଙ୍କୁ ପ୍ରଦତ୍ତ ପ୍ରଶସ୍ତି ପତ୍ରରେ ଉଲ୍ଲେଖ ଥିଲା – Besides Thomas Mann the best custodian of the German spiritual heritage in contemporary literature.- ଅର୍ଥାତ୍, ଜର୍ମାନୀ ଜାତିର ଆତ୍ମିକ ପରମ୍ପରାଗତ ମୂଲ୍ୟବୋଧର ରକ୍ଷାକର୍ତ୍ତା ଯେ ହେସ୍ ଥିଲେ, ତାହା ସ୍ୱୀଡିଶ୍ ଅକାଦେମୀ ଘୋଷଣା କରିଥିଲେ।" ଏହି ସନ୍ଦର୍ଭରେ ଜିଓଲକ୍ୱେସ୍କୀଙ୍କର ବ୍ୟାଖ୍ୟାର ସାରମର୍ମ ହେଲା, ଦୁଇଟି ତଥ୍ୟ ଯହିଁରୁ ହେସ୍‌ଙ୍କର ସ୍ରଷ୍ଟା ପ୍ରକୃତି ଜ୍ଞାତ ହୋଇପାରିବ- ତାହା ହେଲା (କ) ହେସ୍ କେବଳ ଜର୍ମାନୀର ନୁହେଁ, ଅଧିକନ୍ତୁ ସମଗ୍ର ମାନବ ଜାତିର ପାରମ୍ପରିକ ମୂଲ୍ୟବୋଧରେ ଆସ୍ଥାବାନ ଥିଲେ। (ଖ) ସେ ଥିଲେ ଗତିସ୍ମାନ୍ ଜ୍ୟୋତିର୍ମୟ ଏକ ସ୍ରଷ୍ଟା ପୁରୁଷ। ପରିବର୍ତ୍ତନ ଏବଂ ଆବର୍ତ୍ତନ ହିଁ ଥିଲା ତାଙ୍କର ସାହିତ୍ୟ ସୃଷ୍ଟିର ମୂଳଭିତ୍ତି। ନିଜର ବ୍ୟକ୍ତିଗତ ସମସ୍ୟା ସମାଧାନର ପୀଠ ଉପରେ ଆସୀନ ରହି ସେ ଜଗତର ସମସ୍ୟାଗୁଡ଼ିକର ଦର୍ଶନ କରିଥିଲେ। ପ୍ରତିଟି ସମସ୍ୟା ତାଙ୍କର ସାହିତ୍ୟରେ ପରିବର୍ତ୍ତିତ ହୋଇଯାଇଥିଲା ଗୋଟିଏ ଗୋଟିଏ ଦ୍ୱନ୍ଦ୍ୱ ସଙ୍କୁଳ ଘଟଣା କ୍ରମରେ।

ଆମେ ସାମଗ୍ରିକ ଭାବରେ ହେସ୍‌ଙ୍କର ସୃଷ୍ଟି ସମ୍ଭାରକୁ ଅନୁଧ୍ୟାନ କଲେ ଅନ୍ୟ ଏକ ଚମତ୍କାର ବିଭାବ ଲକ୍ଷ୍ୟ କରିପାରିବା। ତାହା ହେଉଛି ତାଙ୍କର ବହୁବିଧ ବିଭକ୍ତ ସ୍ରଷ୍ଟା ବ୍ୟକ୍ତିତ୍ୱ। ଅନ୍ୟତମ ସାହିତ୍ୟ ଗବେଷକ ହାନ୍‌ସ ମେୟର୍ ତାଙ୍କର "Hermann Hesse and the age of the feuilletonର" ନିବନ୍ଧରେ ନିଜର ବକ୍ତବ୍ୟ ପ୍ରକାଶ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି - "A new Hesse is said to have appeared in the literary scene around 1919 and it is assumed that very little connects this artist and his themes with the author of the early poems or of the novels." ସେହିପରି ଆଦ୍ୟକାଳର କଳା ସାଧକ (Old Hesse)ଏବଂ ଯୁଦ୍ଧୋତ୍ତର ଯୁଗର ସ୍ରଷ୍ଟା (New Hesse)ଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ହାନ୍‌ସ ୱିଲହେଲମ ଏପେଲସହାଇମରଙ୍କ ଉକ୍ତିକୁ ମଧ ସ୍ମରଣ କରାଯାଇପାରେ। ତାଙ୍କର "Hand book of world literature" ଗ୍ରନ୍ଥରେ ସେ, ହେସ୍ ପ୍ରାରମ୍ଭିକ ରଚନା ପର୍ଯ୍ୟାୟରେ Swabian Romanticism ଦ୍ୱାରା ପ୍ରଭାବିତ କଳାସାଧନାରୁ ପରବର୍ତ୍ତୀ କାଳରେ ଜଣେ ସମସ୍ୟାକ୍ରାନ୍ତ (Problematic)ସାହିତ୍ୟିକ ରୂପରେ ଦେଖାଯାଇଛନ୍ତି ଏବଂ ଉଭୟ କାଳର ହେସ୍‌ଙ୍କ ମଧ୍ୟରେ ସଂପର୍କର ତାର୍କିକ ଭୂମିଟିଏ ଯୁକ୍ତି ସଂକୁଳ ଭାବରେ ତିଷ୍ଠି ରହିଛି ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ପରେ ହେସ୍ ତାଙ୍କର 'Demian' ଉପନ୍ୟାସ ମଧ୍ୟରେ ସ୍ୱକୀୟ ବିଚାରଧାରା, ସ୍ଥିତି ଏବଂ ମତ ସଂପର୍କରେ ସ୍ପଷ୍ଟ କରି ଦେଇଛନ୍ତି। ରଚନାଟିର ଶେଷ ଅଂଶରେ ନାୟକ Demian ତା'ର ବନ୍ଧୁ Sinclairକୁ କହୁଛି – "There will be war x x x. But you will see Sinclair, that this is just the beginning. Perhaps it will become a great war, a very great war. x x x What will you do?" ଥମାସ୍ ମାନ୍ 'Demian'ର ଆମେରିକୀୟ ସଂସ୍କରଣର ପ୍ରସ୍ତାବନା ରଚନା କାଳରେ ଉଲ୍ଲେଖ କରି କହିଛନ୍ତି- ହାନ୍‌ସ ଉପରୋକ୍ତ ପ୍ରଶ୍ନର ଉଚିତ୍ ଉତ୍ତର ଦେଇ ଲେଖିଛନ୍ତି – "Assist the new without sacrificing the old." ପୁନଶ୍ଚ ମାନ୍ ହେସ୍‌ଙ୍କୁ ଏବଂ ତାଙ୍କର ପରିପକ୍ୱ ଚିନ୍ତାଧାରାକୁ ପ୍ରଶଂସା କରି ଉଲ୍ଲେଖ କରିଛନ୍ତି। - "Hesse is an example –may to those who know and love the old man and carry it over into the new".

ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ, ପ୍ରଥମ ମହାଯୁଦ୍ଧ କାଳରେ ହେସ୍ ସାହିତ୍ୟିକ ମାତ୍ର। ଦେଶପ୍ରୀତିର ଉଦ୍ଦାମ ସ୍ରୋତରେ ଭାସିବେ ବୋଲି ମାନବିକତାର କୁଟାଖିଅକୁ ଅସ୍ୱୀକାର କରି ନାହାନ୍ତି। ସ୍ଥିତ ପ୍ରଜ୍ଞତାକୁ ଜଳାଞ୍ଜଳି ନଦେଇ ନବାନୁଗମନର ସ୍ୱାଗତ କରିଛନ୍ତି ସେ। ପୁନଶ୍ଚ ଶାନ୍ତି, ସଦ୍ଭାବ ଓ ମାନବ ପ୍ରେମର ସ୍ୱର ଦୃଢ଼ ଭାବରେ ଉଚ୍ଚାରିତ ହୋଇଛି ତାଙ୍କର ରଚନା ସମୂହରେ। ତେଣୁ ତାଙ୍କର ସିଦ୍ଧାର୍ଥ କହିଛି- "କିନ୍ତୁ ମୁଁ ଭାବେ, ବିଶ୍ୱର ଅସାରତା ପ୍ରତିପାଦନ ନୁହେଁ ବରଂ ବିଶ୍ୱକୁ ଭଲପାଇବା ହିଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ।" ସେଇଥିପାଇଁ ଗବେଷକ, ହାନ୍‌ସ ମେୟର ତାଙ୍କର ବକ୍ତବ୍ୟରେ ଦର୍ଶାଇଛନ୍ତି – "These are the words of a European humanist, not an advocate of escapism and contempt of mankind."

ଏହିଭଳି ଭାବରେ ବିଂଶ ଶତାବ୍ଦୀର ମହାନ୍ ତତ୍ତ୍ୱ-ବିଶାରଦଗଣ ସେମାନଙ୍କର ବିଚାର ମଞ୍ଚରେ ହରମାନ୍ ହେସ୍‌ଙ୍କୁ ଜଣେ ସାହିତ୍ୟ ସ୍ରଷ୍ଟା ଭାବରେ, ଜଣେ ମାନବବାଦୀ ଶାନ୍ତିକାମୀ ଚିନ୍ତାନାୟକ ରୂପରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆସନରେ ଆସୀନ କରିଛନ୍ତି। ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ଆକାଶବାଣୀ, ପ୍ରସାରଭାରତୀ
ମୋ: ୮୫୯୪୯୫୦୩୨୪

## ମୁଲତବୀ ଆଲୋଚନାରେ ମନ୍ତ୍ରୀଙ୍କ ଉତ୍ତର

# ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ

ଭୁବନେଶ୍ୱର,୨୯।୧୧(ସମିସ): ଇ-କେୱାଇସି ପ୍ରକ୍ରିୟାର ରାଜ୍ୟ ସରକାର କୌଣସି ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିନାହାନ୍ତି। ତେବେ ରାଜ୍ୟରେ ମୋଟ ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ସରକାର କାଟିଛନ୍ତି। ଏମାନଙ୍କ ମଧ୍ୟରେ ୬ ଲକ୍ଷ ୯୫ ହଜାର ୫୩୦ ମୃତ ହିତାଧିକାରୀ ରହିଥିଲେ। ସେହିପରି ୭୫ ହଜାର ୩୦ ଜଣ ସରକାରୀ ଚାକିରିଆ ଏବଂ ୪୫ ହଜାର ୪୯୬ ଜଣ ଆୟକରଦାତା ରାସନ କାର୍ଡରେ ଚାଉଳ ଉଠାଉଥିଲେ ବୋଲି ଶନିବାର ଗୃହରେ ମୁଲତବୀ ଆଲୋଚନାରେ ଉତ୍ତର ରଖି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏହି କାର୍ଡ କଟିବା ଦ୍ୱାରା ରାଜ୍ୟ ରାଜକୋଷକୁ ବାର୍ଷିକ ୨୧୦ କୋଟି ଟଙ୍କାର ଆର୍ଥିକ ବୋଝ କମିଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ମୁଲତବୀ ଆଲୋଚନା ଶେଷରେ ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଏବେ ବି ୧୯ ଲକ୍ଷ ୫୨ ହଜାର ୧୫୩ଟି ପରିବାରର ୩ କୋଟି ୨୭ ଲକ୍ଷ ୮୩ ହଜାର ଲୋକେ ମାସିକ ରାସନ ପାଉଛନ୍ତି। ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ନୂଆ ନୁହେଁ। ପୂର୍ବ ସରକାରରେ ମଧ୍ୟ ହିତାଧିକାରୀ ଚିହ୍ନଟ ନାମରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରର ରାସନ କାର୍ଡ ତାଲିକାରୁ କଟାଯାଇଥିଲା। କିନ୍ତୁ ଗତ ୧୭ ମାସର ସରକାରରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ରାସନକାର୍ଡ ପ୍ରଦାନ କରାଯାଉଛି। ରାସନ କାର୍ଡ ପାଇଁ ୧୫ ଲକ୍ଷ ଲୋକେ ଆବେଦନ କରାଯାଇଥିବା ବେଳେ ଏହାକୁ ତର୍ଜମା କରାଯାଇ ଏଯାବତ୍ ୬ ଲକ୍ଷ ୩୯ ହଜାର ୮୨୭ ଜଣଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଇଛି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଏବଂ ସହରାଞ୍ଚଳରେ ୧ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ଟାର୍ଗେଟ ଦିଆଯାଇଛି। କେନ୍ଦ୍ରରୁ ଆସିଥିବା ତାଲିକା ଉପରେ ବ୍ଲକ ସ୍ତରରେ ସର୍ଭେ କରାଯିବ। ପୂର୍ବରୁ ଗ୍ରାମାଞ୍ଚଳରେ ଥିବା ମାସିକ ରୋଜଗାର ମାପଦଣ୍ଡକୁ ୧୦ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସହରାଞ୍ଚଳରେ ୧୫ ହଜାରରୁ ୨୦ ହଜାର ଟଙ୍କାକୁ ବଢ଼ାଯାଇଛି। ଦଳୀୟ ଆଧାରରେ କାହାର ମଧ୍ୟ ରାସନ କାର୍ଡ କଟାଯିବ ନାହିଁ। ଧନୀ ଲୋକ ଅର୍ଥାତ୍ ସରକାରୀ ଚାକିରୀ କରିଥିବ, ଆୟକର ଦେଉଥିବ, ଚାରିଚକିଆ ଗାଡ଼ି ଚଢୁଥିବ, ବଡ଼ କୋଠାଘର ଥିବ ସେହିମାନଙ୍କର କାର୍ଡ କଟିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରିଛନ୍ତି।

- ■ ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିଛନ୍ତି ସରକାର
- ■ ୬ ଲକ୍ଷ ୩୯ ୮୨୭ ଜଣଙ୍କୁ ମିଳିଛି ନୂଆ କାର୍ଡ
- ■ ଗରିବ ନୁହେଁ, ସର୍ଭେରେ ଧନୀ ଲୋକଙ୍କର କଟିବ କାର୍ଡ

## ■ ବିନା ଅନୁମତିରେ ବିଦ୍ୟାଳୟ ମଧ୍ୟରେ ବୀମା କମ୍ପାନୀଙ୍କ ନୂଆ ବ୍ୟବସାୟ

# ମିଥ୍ୟା ପ୍ରଲୋଭନ ଦେଖାଇ ବୀମା ନାମରେ ଠକେଇ

ସାରସକଣା/ଝାରପୋଖରିଆ, ୨୯ ।୧୧(ସମିସ): ପିଲାଙ୍କ ଭବିଷ୍ୟତ ନାମରେ ମିଥ୍ୟା ପ୍ରଲୋଭନ ଦେଖାଇ ବୀମା ନାମରେ ଅଭିଭାବକଙ୍କୁ ଠକୁଛନ୍ତି। ବିନା ଅନୁମତିରେ ବିଦ୍ୟାଳୟ ଭିତରେ ବୀମା କମ୍ପାନୀ ଛାତ୍ରଛାତ୍ରୀଙ୍କୁ କୁଇଜ ପରୀକ୍ଷା କରାଇ ପୁରସ୍କାର ଦେବା ଆଳରେ ଅଭିଭାବକଙ୍କୁ ଠକୁଥିଲେ। କାର୍ଯ୍ୟାଳୟକୁ ଡାକି ବୀମା କରାଇବାକୁ ବାଧ୍ୟ କରୁଥିଲେ। ପୁଲିସ ଶ୍ରୀରାମ ଜୀବନବୀମା କମ୍ପାନୀର ତିନିଜଣ ସଦସ୍ୟ/ସଦସ୍ୟାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସେମାନେ ହେଲେ ଜଳେଶ୍ୱରର ବଳରାମ ଦତ୍ତ (୨୫), ବାଲିଆପାଳର ଶୁଭମ ପରିଡା (୨୨) ଓ ବଡସାହି ଥାନା ଅଧୀନ କୋଚିଲାଖୁଣ୍ଟା ଗ୍ରାମର ଚିତ୍ତରଞ୍ଜନ ମହାପାତ୍ରଙ୍କ ପତ୍ନୀ ନମିତା (୩୯)। ପୁରସ୍କାର ପାଇଁ ଯୋଗ୍ୟ ଅଭିଭାବକଙ୍କୁ ପ୍ରୋଲଭିତ କରି ଟଙ୍କା ଦିଅ ନ ହେଲେ



ଗହଣା ଦିଅ। ଆଜି ଓଫର ଅଛି, ବୀମା କର ଏପରି କହି ଘରୁ ଆସି ନେଇଯାଉଥିଲେ ମୂଲ୍ୟବାନ ଜିନିଷ। ଏଭଳି ଠକାମୀର ଶିକାର ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅର୍ନ୍ତଗତ ଏକଡାଳୀ ବିଦ୍ୟାଳୟରେ ପଢଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ। ସୁନା ଓ ଟଙ୍କା ନେବାକୁ ଗ୍ରାମକୁ ଆସିଥିବା ଗ୍ରାମବାସୀଙ୍କ ଦ୍ୱାରା ଅଟକ ରହିଥିଲେ। ଖବର ପାଇ ପୁଲିସ ପହଞ୍ଚି ଜଣେ ମହିଳା ସମେତ ତିନିଜଣଙ୍କୁ ଅଟକ ରଖି ୩୦୧/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି। ଏ ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେ ନେଇ ତନାଘନା ଆରମ୍ଭ କରିଛି ଝାରପୋଖରିଆ ପୁଲିସ। ସେପଟେ ବିଦ୍ୟାଳୟ ଭିତରକୁ ବିନା ଅନୁମତିରେ କିଭଳି ବୀମା କମ୍ପାନୀ ପ୍ରବେଶ କରି ଅଭିଭାବକଙ୍କୁ ଠକୁଛନ୍ତି। ଏହାର ତଦନ୍ତ ପାଇଁ ପ୍ରବୀର ମହାନ୍ତ, ସୁଜାତା ମହାନ୍ତ, ଅନୀତା ବେହେରା ପ୍ରମୁଖ ଶିକାର ହୋଇଥିବା ଅଭିଭାବକ ଦାବି କରିଛନ୍ତି।

## ଶ୍ରୀମନ୍ଦିର ନାଁରେ ବିବାଦୀୟ ଟିପ୍ପଣୀ

# ଶୁଭଙ୍କରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ,୨୯।୧୧(ସମିସ): ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରାଙ୍କ ପାଇଁ ଅଡୁଆ ବଢ଼ିଛି। ଶ୍ରୀମନ୍ଦିରକୁ ନେଇ ଦେଇଥିବା ବିବାଦୀୟ ଟିପ୍ପଣୀ ଲାଗି ତାଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ଏ ନେଇ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଛନ୍ତି ଯେ, ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ଭୁଲ୍‌ରେ ମଧ୍ୟ କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିରକୁ ଯିବ ନାହିଁ। ସମ୍ପର୍କକୁ ବଞ୍ଚାଇବାକୁ ଚାହୁଁଥିଲେ ଏହା କରନ୍ତୁ। କାରଣ ଶ୍ରୀମନ୍ଦିର ଉପରେ ମା’ ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା’ ରାଧାରାଣୀ ପ୍ରଭୁ ଶ୍ରୀଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ଆଉ କହିଥିଲେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଏଥିରେ କ୍ରୋଧିତ ହୋଇ ମା’ ରାଧାରାଣୀ ଅଭିଶାପ ଦେଇଥିଲେ ଯେ, ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବ ନାହିଁ। ଶୁଭଙ୍କରଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ଓଡ଼ିଶା ବିଶେଷକରି ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ପ୍ରେମୀମାନେ ପ୍ରଶ୍ନ କରିଛନ୍ତି ଯେ, ଜଣେ ଏତେ ଉଚ୍ଚଶିକ୍ଷିତ ତଥା ପ୍ରଭାବଶାଳୀ ବ୍ୟକ୍ତି କିଭଳି ଶ୍ରୀମନ୍ଦିର ସମ୍ପର୍କରେ ଏଭଳି ବିଭ୍ରାନ୍ତିକର ଓ ତଥ୍ୟହୀନ ଟିପ୍ପଣୀ ଦେଇପାରିଲେ? ଏ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ପ୍ରଚାରପ୍ରସାର ସବ୍ କମିଟିରେ ଯେଉଁମାନେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରିବେ ଓ ଭୁଲ୍ ତଥ୍ୟ ଦେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଜନା କରାଯାଉଛି। ଶୁଭଙ୍କର ମିଶ୍ରାଙ୍କର ଟିପ୍ପଣୀକୁ ନେଇ ତର୍ଜମା କରାଯାଉଛି। ଏହା ଗୁଜବ ନା ସତ୍ୟ ତାହାକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯାଉଛି। ଯଦି ସେ ଏଭଳି ମନ୍ତବ୍ୟ ଦେଇଥା’ନ୍ତି ଓ କମିଟି ରିପୋର୍ଟ ଦିଅନ୍ତି ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏୟାରବସ୍ ‘ଏ-୩୨୦’କୁ...

ଉଡ଼ାଣ ବାତିଲ ହୋଇ ଯାଇଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଲୋକେ ଯାତ୍ରା ନ କରିପାରି ବିମାନବନ୍ଦରରେ ଅଟକି ରହିଛନ୍ତି। ଏହି କାରଣରୁ ଭାରତରେ ଅନେକ ବିମାନ ୬୦ରୁ ୯୦ ମିନିଟ ବିଳମ୍ବରେ ଚାଲୁଛି। ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଅନେକ ଏ୩୨୦ ସିରିଜର ବିମାନ ରହିଛି। ଏହି ସବୁ କମ୍ପାନୀର ୩୩୮ ବିମାନ ଯାନ୍ତ୍ରିକ ସମସ୍ୟାରେ ପ୍ରଭାବିତ ହୋଇଛି। ଏହି ବିମାନକୁ ନେଇ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଅନୁଯାୟୀ, ଶନିବାର ସକାଳ ୧୦ଟା ସୁଦ୍ଧା ୧୮୯ଟି ଏ୩୨୦ ବିମାନର ସଫ୍ଟୱେରକୁ ଅପଗ୍ରେଡ଼ କରାଗଲାଣି। ଶନିବାର ସକାଳ ୫ଟା ୨୯ ସୁଦ୍ଧା ସବୁ ପ୍ରଭାବିତ ବିମାନର ଅପ୍‌ଗ୍ରେଡେସନ ଶେଷ ହେବ ବୋଲି ଆଶା କରାଯାଉଛି।

ୟୁରୋପିଆନ ୟୁନିୟନ ଆଭିଏସନ ସେଫ୍ଟି ଏଜେନ୍ସି (ଇଏଏସଏ) ପକ୍ଷରୁ ଶୁକ୍ରବାର ଏମର୍ଜେନ୍ସି ଏୟାରୱର୍ଦ୍ଦିନେସ ଡାଇରେକ୍ଟିଭ (ଇଏଡି) ଜାରି କରାଯାଇଥିଲା। ଯାତ୍ରୀ ବିମାନ ଆରମ୍ଭ କରିବା ପୂର୍ବରୁ ଏହି ବିମାନର ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କୁହାଯାଇଥିଲା ଯେ ଅକ୍ଟୋବର ୩୦ ତାରିଖରେ ଆମେରିକା ଏୟାରଲାଇନ ଜେଟ୍‌ବ୍ଲୁର ଏକ ବିମାନ ୩୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଅଚାନକ ତଳକୁ ଖସି ଆସିଥିଲା। ଏହି ଅଘଟଣରେ ୧୫ ଜଣ ଆହତ ହୋଇଥିଲେ। ଫଳରେ ବିମାନକୁ ଫ୍ଲୋରିଡ଼ାର ଟାମ୍ପା ବିମାନବନ୍ଦରରେ ଜରୁରୀ ଅବତରଣ କରାଇବାକୁ ପଡ଼ିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏକ ଇଏଲଏସି ଖରାପ ଥିବାରୁ ଏପରି ହୋଇଥିବା ଜଣାପଡ଼ିଥିଲା। ଏଥିଯୋଗୁଁ ଏୟାରବସ ସବୁ ଏୟାରଲାଇନ ଅପରେଟରଙ୍କୁ ନିଜ ବିମାନରେ ଇଏଲଏସି ଲଗାଇବାକୁ କହିଛି। ଏହା ବିମାନକୁ ନିୟନ୍ତ୍ରଣ କରୁଥିବା କମ୍ପ୍ୟୁଟର। ଏହାକୁ ଫ୍ଲାଇଟ କଣ୍ଟ୍ରୋଲ କୁହାଯାଇଥାଏ। ଏହା ପାଇଲଟଙ୍କ ନିର୍ଦ୍ଦେଶକୁ କଣ୍ଟ୍ରୋଲ ସିଷ୍ଟମ ପର୍ଯ୍ୟନ୍ତ ପହଞ୍ଚାଇ ଥାଏ। ବିମାନକୁ ମୋଡ଼ିବାରେ ସହାୟକ ହୋଇଥାଏ। ଏ୩୨୦ ସିରିଜର ବିମାନ ବିଶ୍ୱରେ ସର୍ବାଧିକ ବ୍ୟବହୃତ ହେଉଥିବା ସିଙ୍ଗଲ-ଆଇଲ ପ୍ଲେନ। ଏହି ସିରିଜରେ ଏ୩୧୯, ଏ୩୨୦ସିଇଓ ଏବଂ ନିଓ, ଏ୩୨୧ ସିଇଓ ଏବଂ ଏ୩୨୧ ନିଓ ସାମିଲ ରହିଛି।

### ଗୁଣ୍ଡିଚା ମନ୍ଦିରରେ...

କିଛି ନିର୍ମାଣ ଜେସିବି ଭାଙ୍ଗୁଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଗୁଣ୍ଡିଚା ମନ୍ଦିର ଭିତରେ ପଶି ଜେସିବି ଭାଙ୍ଗିବାକୁ ତୀବ୍ର ବିରୋଧ କରିଛନ୍ତି। ଯଦି ଆବଶ୍ୟକ ଥିଲା ତେବେ ଶ୍ରମିକ ଲଗାଇ ଛେଣି, ହାତୁଡ଼ି କିମ୍ବା ଅନ୍ୟ ଯନ୍ତ୍ରାଂଶରେ ଭଙ୍ଗା ଯାଇପାରିଥା’ନ୍ତା। କିନ୍ତୁ ତାହା ନ କରି ଜେସିବି ବ୍ୟବହାର କରିଛନ୍ତି। ପୂର୍ବ ସରକାର ସମୟରେ ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିର ବାହାରେ ଜେସିବି ବ୍ୟବହାର କରାଯାଉଥିବା ବେଳେ ଏହାକୁ ଅନେକ ବ୍ୟକ୍ତି ହୋ-ହଲ୍ଲା କରିଥିଲେ। ମନ୍ଦିର ଭୁଶୁଡ଼ି ପଡ଼ିବ ଏବଂ ଭାଙ୍ଗିଯିବ କହି ଧାରଣା ଦେଇଥିଲେ। ହେଲେ ଆଜି ଗୁଣ୍ଡିଚା ମନ୍ଦିର ଭିତରେ ପଶି ଜେସିବି ଭାଙ୍ଗୁଥିବାବେଳେ ସେମାନେ ନିରବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ସେହିପରି ବୁଦ୍ଧିଜୀବୀ ମହେନ୍ଦ୍ର ବିଶୋଇ କହିଛନ୍ତି, ଶହଶହ ବର୍ଷର ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜନ୍ମସ୍ଥଳୀ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଜେସିବି ମେସିନ୍ ଦ୍ୱାରା ବିଭିନ୍ନ ଖନନ ତଥା ଭଙ୍ଗା କାର୍ଯ୍ୟ ଭକ୍ତ ସମାଜକୁ ଗଭୀର ଆଘାତ ଦେଉଛି। ମନ୍ଦିର ପରିସରରେ ଯଦି କୌଣସି ମରାମତି କିମ୍ବା ଉଚ୍ଛେଦର ଆବଶ୍ୟକତା ଅଛି ତାକୁ ଅଭିଜ୍ଞ କୁଶଳୀ ଶ୍ରମିକଙ୍କ ଦ୍ୱାରା କରାଯାଉ। କିନ୍ତୁ ମନ୍ଦିର ଭିତରେ ଜେସିବି ମେସିନ ପୂରାଇ ପ୍ରଚଣ୍ଡ ଶବ୍ଦ କରି ଭଙ୍ଗାରୁଜା କରିବା ସହଜରେ ଗ୍ରହଣ କରିହେଉନି। ଏହାସହିତ ଏଭଳି କାର୍ଯ୍ୟ ସମୟରେ ମନ୍ଦିର, ପୁରାତନ କୀର୍ତ୍ତିରାଜି ତଥା ପ୍ରାଚୀନ ଐତିହ୍ୟସମ୍ପନ୍ନ ମୂର୍ତ୍ତିଗୁଡ଼ିକ ଯେଭଳି ଅକ୍ଷୁଣ୍ଣ ରହେ ସେ ଦିଗରେ ପ୍ରଶାସନ ସତର୍କ ରହିବା ଆବଶ୍ୟକ। ପୂର୍ବରୁ ଶ୍ରୀମନ୍ଦିର ପରିକ୍ରମା ମାର୍ଗ କାର୍ଯ୍ୟ ସମୟରେ ବଡ଼ ଦେଉଳ ବାହାରେ ଉଚ୍ଛେଦ ଏବଂ ଖନନ କାର୍ଯ୍ୟରେ ଜେସିବି ମେସିନର ବ୍ୟବହାରକୁ ବିଭିନ୍ନ ମହଲରୁ ତୀବ୍ର ବିରୋଧ କରାଯାଇଥିଲା। ମାତ୍ର ଏବେ ଗୁଣ୍ଡିଚା ମନ୍ଦିର ଭିତରେ ମେସିନ ଲଗାଇ କିଭଳି ଭଙ୍ଗାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କହିଛନ୍ତି ଶ୍ରୀ ବିଶୋଇ।

ଅନ୍ୟପକ୍ଷରେ ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି, ଗୁଣ୍ଡିଚା ମନ୍ଦିରରେ ପୁନରୁଦ୍ଧାର କାମ ଚାଲିଛି। ରୋଷଘର ପଛପଟ ତୁଣିଆ ମାଲ, ବଲ୍ଲଭ ଘର ଭଙ୍ଗାଯାଉଛି। ରଥଯାତ୍ରା ପୂର୍ବରୁ ଏହି ନବୀକରଣ କାମ ସାରିବାକୁ ଲକ୍ଷ୍ୟ ରହିଛି। ତେବେ ଶ୍ରମିକ ଲଗାଇ ଭାଙ୍ଗିବାକୁ ଉଦ୍ୟମ ହୋଇଥିଲା। କିନ୍ତୁ ସେମାନେ ଭାଙ୍ଗି ନ ପାରିବାରୁ ଜେସିବି ଲାଗିଛି ବୋଲି ଶ୍ରୀ ସାହୁ କହିଛନ୍ତି।

### ସଂସ୍କୃତିକୁ ଆମେ...

ଅନ୍ୟତମ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ସୋଆ ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣରେ ଯୋଗଦେଇ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର, ସମାଜ ଚିନ୍ତକ ତଥା ଶବ୍ଦର ଯାଦୁକର ପଦ୍ମଭୂଷଣ ଜାଭେଦ ଅଖତର୍ ଆଜି ଏହା କହିଛନ୍ତି।

ଏହି ଅବସରରେ ଅଖତର୍‌ଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନସ୍ୱରୂପ ମାନପତ୍ର, ଉତ୍ତରୀୟ, ଦେବୀ ସରସ୍ୱତୀଙ୍କ ଏକ ରୌପ୍ୟମୂର୍ତ୍ତି ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିବା ନିମନ୍ତେ ଆମନ୍ତ୍ରିତ କରାଯିବା ତାଙ୍କ ପାଇଁ ଏକ ସମ୍ମାନ ବୋଲି ସମ୍ବର୍ଦ୍ଧିତ ହେବା ପରିପ୍ରେକ୍ଷୀରେ ଅଖତର୍ କହିଥିଲେ।

ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ଦୁଇଦିନିଆ ଏହି ସୋଆ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଲେ, ଯଦିଓ ବୈଷୟିକ ଜ୍ଞାନକୌଶଳ ପରିବ୍ୟାପ୍ତ ହେବାରେ ଲାଗିଛି ଏବଂ ମଣିଷର ସମ୍ପର୍କକୁ ପ୍ରଭାବିତ କରୁଛି, ତଥାପି ଏହା ମଣିଷର ଅନୁଭୂତିର ଗଭୀରତାକୁ ପୁନଃସ୍ଥାପନ କରିପାରିବ ନାହିଁ। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଯୋଗାଯୋଗ, ସର୍ଜନଶୀଳତା, ଏପରିକି ମଣିଷର ସମ୍ପର୍କକୁ ପ୍ରଭାବିତ କରିବାରେ ଲାଗିଛି। ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ରହିଥିଲେ ମଧ୍ୟ ମଣିଷ ଏବେ ବି ସମାନୁଭୂତି, ନୈତିକ ବିଚାର ଏବଂ କଳ୍ପନା କରିବାର ଶକ୍ତି ଉପରେ ନିର୍ଭର କରୁଛି ବୋଲି ରାଜ୍ୟପାଳ କହିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ବରେ ଅଖତରଙ୍କ ସହ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଅର୍ଥାତ୍ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଅଖତର୍ କହିଥିଲେ ଯେ ବୈଷୟିକ ଜ୍ଞାନକୌଶଳର କୌଣସି ନୈତିକତା ନାହିଁ। ଏହାକୁ ଆମେ କିଭଳି ବ୍ୟବହାର କରୁଛୁ, ତାହା ଉପରେ ସବୁ ନିର୍ଭର କରେ। ଆଣବିକ ଶକ୍ତିର ଉଦାହରଣ ଦେଇ ସେ କହିଥିଲେ ଯେ ଏହାକୁ ଆମେ ଉଭୟ ଭଲ ଏବଂ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବୁ। ଏଆଇରେ ଭରି ରହିଥିବା ସଂସାଧନ ମନ୍ଦ ନୁହେଁ। ଆମେ ଯଦି ଇତିହାସ ପୃଷ୍ଠା ଦେଖିବା, ମଣିଷ ସମସ୍ତ ଆବିଷ୍କାରକୁ ନେଇ ଭୟଭୀତ ହେଉଥିଲା। ଏପରିକି, ରେଳ ଇଞ୍ଜିନ୍‌କୁ ସୈତାନର ବାହନ ବୋଲି କୁହାଯାଉଥିଲା। ତେବେ ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ସର୍ଜନଶୀଳତା ରହିଥିବା କୁହାଯାଇପାରିବ ନାହିଁ। ବର୍ତ୍ତମାନ ସମୟରେ ଏହାର ନିଜସ୍ୱ ପରିସୀମା ରହିଛି ଏବଂ ଏହା ତଥ୍ୟ ଉପରେ ନିର୍ଭରଶୀଳ। ଭବିଷ୍ୟତରେ କ’ଣ ଘଟିବ, ତାହା ଆମେ ଏବେଠାରୁ କହିପାରିବା ନାହିଁ। କିନ୍ତୁ ବର୍ତ୍ତମାନ ସମୟରେ ମଣିଷର ସର୍ଜନଶୀଳତାକୁ ନେଇ କୌଣସି ଆହ୍ୱାନ ନାହିଁ ବୋଲି ଅଖତର କହିଥିଲେ।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ(ପ୍ରାଚୀନ) ପକ୍ଷରୁ ଆୟୋଜିତ ଏହି ସାହିତ୍ୟ ଉତ୍ସବରେ ସାରା ଦେଶରୁ ୧୦୦ ରୁ ଉର୍ଦ୍ଧ୍ୱ କବି, ଲେଖକ, ଔପନ୍ୟାସିକ, ଚିତ୍ରକର, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ, ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଛନ୍ତି। ଏହି ଦୁଇଦିନିଆ ସାହିତ୍ୟ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି।

ଚଳିତବର୍ଷ ଉତ୍ସବର ପ୍ରସଙ୍ଗଟି ‘କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ’ ଅର୍ଥାତ୍ ‘ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା’ରହିଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ପୂର୍ବତନ ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଏବଂ ସୋଆର ଉପସଭାପତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିବା ସହ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ ହେବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇଥିଲେ। ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ଡାଇରେକ୍ଟର ଏବଂ କ୍ୟୁରେଟର୍ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡା ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସୋଆ ଛାତ୍ରମଙ୍ଗଳ ଡିନ୍ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରଫେସର୍ ଜ୍ୟୋତିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡାଙ୍କ ପୁସ୍ତକ ‘ଦୟାନଦୀ’ର ଇଂରାଜୀ ଅନୁବାଦ ‘ରିଭର ଦୟା’ ଏବଂ ପ୍ରାଚୀନ ପକ୍ଷରୁ ପ୍ରକାଶିତ ତିନୋଟି ପୁସ୍ତକ ‘ସାରୋଳଦାସ ମହାଭାରଥ’ର ଦୁଇଟି ସଭାପର୍ବ ଏବଂ ମଧ୍ୟ ପର୍ବ ଉନ୍ମୋଚିତ ହୋଇଥିଲା।

ସୂଚନାଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ, ସର୍ଜନଶୀଳ ଏବଂ ବୌଦ୍ଧିକ ଗଭୀରତାର ଦକ୍ଷତା ଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରତିବର୍ଷ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବାକୁ ଥିବା ବେଳେ ଚଳିତବର୍ଷ ପଦ୍ମଭୂଷଣ ଜାଭେଦ ଅଖତର୍‌ଙ୍କୁ ପ୍ରଦାନ କରାଯାଇଛି।

### ବିଧାନସଭାରେ ରାସନ...

ଆକ୍ରମଣ କରି ରାସନ କାର୍ଡ ଇ-କେୱାଇସି, ସର୍ଭେ ପ୍ରକ୍ରିୟା ହିତାଧିକାରୀଙ୍କୁ କାଟିବା ପାଇଁ ନୁହେଁ; ବରଂ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ଓ ଦୁର୍ନୀତି ରୋକିବାର ପଦକ୍ଷେପ ବୋଲି ଯୁକ୍ତି ବାଢ଼ିଛନ୍ତି।

ବିଜେଡି ପକ୍ଷରୁ ଆଗତ ଏହି ସମ୍ପର୍କିତ ଏକ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ରାଜ୍ୟ ସରକାର ରାସନ କାର୍ଡ ସର୍ଭେ ନାଁ ରେ ଖାଦ୍ୟ ସୁରକ୍ଷା ଯୋଜନାର ଗରିବ ହିତାଧିକାରୀଙ୍କୁ କାଟି ଦେଉଛନ୍ତି। ଏହି ମଧ୍ୟରେ ଜିଲ୍ଲାପାଳ ମାନଙ୍କୁ ଦୁଇଟି ଚିଠି ଯାଇଛି । ସେଥିରେ ଯେଉଁ ୬ଟି ମାନଦଣ୍ଡ ରଖାଯାଇଛି, ସେଥିରୁ ୩ଟି ଆଦୌ ଗ୍ରହଣୀୟ ନୁହେଁ। ୬ ମାସରୁ ଅଧିକ ସମୟ ଚାଉଳ ଉଠାଇନଥିଲେ, ୧ ହେକ୍ଟର(୨.୪୭ ଏକର) ରୁ ଅଧିକ ଜମି ଥିଲେ ଏବଂ ବାର୍ଷିକ ୧ ଲକ୍ଷ ୨୦ ହଜାର କିମ୍ବା ମାସିକ ୧୦ ହଜାର ଆୟ ଥିଲେ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ତଥ୍ୟ ଅନୁସାରେ ୪ ଲକ୍ଷ ୭୪ ହଜାର ୯୭୪ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେଉଛନ୍ତି। ଆହୁରି ୩୯ ଲକ୍ଷ କରିବେ । ୧୦ ପ୍ରତିଶତ ଲୋକଙ୍କ କାର୍ଡ ଏ ସରକାର କାଟି ସାରିଲେଣି। ଜଣେ ଲୋକ ସୁଭଦ୍ରା ଯୋଜନା ବାବଦକୁ ଅର୍ଥ ପାଉଥିଲେ କିମ୍ବା କୌଣସି ଋଣ କରି ଆୟକର ରିଟର୍ଣ୍ଣ ଫାଇଲ କରିଥିଲେ ରାସନ୍ କାର୍ଡ କଟିଯିବା କଥା କହୁଛନ୍ତି। ଧାନ ବିକ୍ରି କରି ଆୟ କରିଥିବା ଲୋକଙ୍କ କାର୍ଡ କଟିଯିବ କି, ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଥିଲେ । ଲୋକଙ୍କୁ କୃତ୍ରିମ ଧନୀ କରି ସରକାର ଚାଉଳ କାଟି ଦେଉଛନ୍ତି । ଚାଷୀଙ୍କ ପେଟରେ ଲାତ ମାରିବା ପାଇଁ ଯୋଜନା ହୋଇଛି । ଗରିବ ମାରଣ ନୀତିର ଜବାବ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ବିଜେଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଯାଇଥିବା ଚିଠି କଥା ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ ନିଜର କାର୍ଡକୁ ନେଇ ଗାଁ ଗହଳିର ଲୋକେ ଏବେ ସଂଶୟ ମଧ୍ୟରେ ଅଛନ୍ତି। ନୂଆ ସରକାର ଆସିବା ପରେ ଭୂତ ହିତାଧିକାରୀ କହି କିଛି ଲୋକଙ୍କ କାର୍ଡ କାଟିଲେ। ୧୫ ଲକ୍ଷ ଲୋକ ଏଯାଏଁ ଇ-କେୱାଇସି କରିନାହାନ୍ତି। ଗୋଟେ ଟେ ସରକାର ଚାଷୀଙ୍କ ଆୟବୃଦ୍ଧି କଥା କହୁଛନ୍ତି। ମହିଳା ସଶକ୍ତିକରଣ କଥା କହୁଛନ୍ତି। ମାତ୍ର ଅନ୍ୟପଟେ ମାନଦଣ୍ଡର ଆଳ ଦେଖାଇ ସେମାନଙ୍କ କାର୍ଡ କାଟିବାର ଯୋଜନା କରାଯାଉଛି। ମନ୍ତ୍ରୀ ସ୍ପଷ୍ଟ କରନ୍ତୁ କିଏ ଯୋଗ୍ୟ, କିଏ ଅଯୋଗ୍ୟ। ଏଫସିଆଇ ଚାଉଳ ନ ଉଠାଇବା ଆଉ କେନ୍ଦ୍ରୀୟ ଅନୁଦାନ କମିବା ଅଳରେ ସରକାର ରାସନ୍ କାର୍ଡ କାଟି ଦେବା ପାଇଁ ମସୁଧା ନୁହେଁ ତ ବୋଲି କହିଥିଲେ। ସେହିଭଳି କଂଗ୍ରେସ ବିଧାୟକ ଅଶୋକ ଦାସ ଓ ସି ଏସ ରାଜନ୍ ଏକ୍କା ରାସନ୍ କାର୍ଡ ମାୟା ଜାଲରେ ଗରିବ ଛନ୍ଦି ହୋଇଛନ୍ତି ବୋଲି କହି ଉଦବେଗ ପ୍ରକାଶ କରିଥିଲେ। ମାନଦଣ୍ଡ ଆଳ ଦେଖାଇ ରାଜ୍ୟ ସରକାର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାର ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଉଭୟେ କ୍ଷୋଭକ୍ତି ପ୍ରକାଶ କରିଥିଲେ।

ବିଜେପି ପକ୍ଷରୁ ବିଧାୟକ ଆଶ୍ରିତ ପଟ୍ଟନାୟକ, ଆମର କୁମାର ନାୟକ, ପ୍ରତାପ ଚନ୍ଦ୍ର ନାୟକ ଓ ପଦ୍ମଲୋଚନ ପଣ୍ଡା ବିରୋଧୀଙ୍କ ଅଭିଯୋଗ କୁ ଖଣ୍ଡନ କରିବା ସହ ପାଲଟା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ ୨୦୨୪ ଜୁନ ମାସଠାରୁ ରାଜ୍ୟ ସରକାର ପ୍ରାୟ ୯୯ ଲକ୍ଷ ୫୨ ହଜାର ୧୫୩ ପରିବାରକୁ ପ୍ରତିମାସରେ ଖାଦ୍ୟ ଶସ୍ୟ ଯୋଗାଇ ଦେଉଛନ୍ତି। ପୂର୍ବ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ହିତାଧିକାରୀଙ୍କ କାର୍ଡ କାଟୁଥିଲେ। ୨୦୧୫ରୁ ୨୦୨୪ ମଧ୍ୟରେ ୧୦ ଲକ୍ଷ ୫୪ ହଜାର ପରିବାରର ୩୦ ଲକ୍ଷ ୬୯ ଲକ୍ଷ କାର୍ଡ କାଟି ଦେଇଥିଲେ। ମାତ୍ର ଆମ ସରକାର ଆସିବା ପରଠାରୁ ଯୋଗୟ ହିତାଧିକାରୀଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ପାରଦର୍ଶିତା ରକ୍ଷା କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଇ-କେୱାଇସି କରୁଛନ୍ତି ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।


**DISTRICT PROJECT OFFICE, NUAPADA**
**SAMAGRA SHIKSHA**
At/PO/Dist-Nuapada (Behind Mini Stadium), Odisha-766105.
Phone & Fax: 06678-225121 (MIS) / 225295(OFF)
e-Mail: dpcnuapadassa.osepa@nic.in
No. 3404/IV/34/25/PLG/25, Date- 29.11.202

**NOTICE INVITING TENDER (NIT) FOR SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2025-26)**

Sealed Tenders under two bid systems (Technical & Financial Bid) are invited from reputed firms / agency/ individuals having valid GST Registration Number, IT clearance and valid PAN for printing & supply of "Identity Cards and Badges for Teachers and Students of PM-SHRI Schools for the year 2025-26".

| Name of the Tender | Bid processing fees (Rs.) | Amount of EMD (Rs.) | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Identity Card and PM SHRI Badge for the students and teachers of 08 nos of PMSHRI Schools | Rs.2000/- | Rs. 16480/- | 15.12.25, 5.00 AM | 16.12.25, 11.00 AM |

The Bid documents (tender papers) containing detailed specification with terms and conditions can only be downloaded from the district website i.e. https://nuapada.odisha.gov.in and OSEPA website https://osepa.odisha.gov.in.Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By order of Collector-cum-Chairman
District Education Officer-cum-DPC
Samagra Shiksha, Nuapada



**AFFIDAVIT**
By virtue of an affidavit sworn before Executive Magistrate, Rayagada, vide No. 1100 dated. 29/11/2025, I, **Kumari Sunita Pujhari**, aged about 30 years, D/o- Nityananda Pujhari, resident of At- Pitamahal, PO.- Pitamahal, PS.- Seskhal, Tahasil/ Dist.- Rayagada, Pin- 765002, Odisha, declare that I have changed my name from **Sasmita Behera to Kumari Sunita Pujhari**. Henceforth, I shall be known as **Kumari Sunita Pujhari** for all purposes.
Kumari Sunita Pujhari

**AFFIDAVIT**
I, RAHUL RAY, aged about 26 years, S/o- Hari Kumar Ray resident of Indranagar At/PO: Mandosil, PS: Paikmal, Dist.: Bargarh, Odisha, PIN-768050, declared by this Affidavit No.: 1732/2025, Dated: 26.11.2025. That now onwards I shall be known as for all future **RAHUL KUMAR RAY** for all future Purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, dated 28/11/2025, CF No.- 50/28.11.2025, I, Pinki Senapati D/O Prakash Senapati, Plot No-1637, Community Center-8, Back side of Bharatpur, Dist.- Khordha, Pin- 751029, declare that I have changed the name of my daughter from Subhashree Senapati to Manasha Chakraborty. Henceforth, she shall be known as new name Manasha Chakraborty for all purposes.
Pinki Senapati

**AFFIDAVIT**
**I, Pravir Kumar Satpathy,** S/o.: Late Pravakar Satapathy resident of N/2-122 IRC Village, P.S.: Nayapalli, Bhubaneswar, Dist.: Khurda, PIN-751015, Odisha declare by this affidavit No. 400, Dtd.28.11.2025 that now onwards I shall be known as **PRAVIR KUMAR SATAPATHY** for all future purposes.

**AFFIDAVIT**
I, Simadri Rajalakshmi Patra, aged about 58 years, W/o- Sri Raj Kishore Patra, resident of Mahabir Residency, Kantabanji, PO/PS-Kantabanji, Dist- Balangir, PIN-767039, Odisha declared by this affidavit No. 1146, dtd-30/09/2025 that now onwards I shall be known as Rajlaxmi Patra for all future purposes.

**AFFIDAVIT**
By virtue of an affidavit before the Notary Public, Koraput, I, D Abinash Dora, residing at Police Camp, Sunabeda, Dist: Koraput, Odisha, do hereby declare that my correct name is D Abinash Dora, as per my Aadhaar, PAN and academic certificates. But in my Passport, mentioned as Domti Abinash Dora, where "D" stands for Domti. I hereby declare that I shall be known as D Abinash Dora for all purposes.
D Abinash Dora

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit sworn before the Executive Magistrate, Jajpur No 11806 dated 27/11/2025. I ANINDITA PADHI, W/O- Prasanta Kumar Padhi resident of Belarpur, Debidwar, Jajpur declare that I have changed my name From Anindita Rath to Anindita Padhi .Hence I will be known as Anindita Padhi for all purposes.

**Women's College, Rayagada**
Gautam Nagar, Po/Dist.: Rayagada-765001
E-Mail ID: womenscollegergd@gmail.com , Ph. No. 06856453864
No. 551/WCR/25, Date- 28.11.2025
**Walk-In-Interview**

A walk-in-interview for engagement of various non-teaching posts in Women's College, Rayagada will be held on 17.12.2025 at 11:00 AM in the College premises.

| Sl No. | Posts | Minimum Qualification |
|---|---|---|
| 1 | Laboratory Bearer in Zoology (01) | 10th Pass |
| 2 | Laboratory Bearer in Physics (01) | 10th Pass |
| 3 | Peon(02) | 10th Pass |
| 4 | Sweeper(02) | 8th Pass |

Interested candidates should attend the interview with filled in Bio-data Proforma, all relevant documents in original; self attested photocopies and two Passport size photos. The Maximum age limit shall be 42 years and 5 years relaxation shall be given to SC/ST/Women and 3 years to SEBC and 10 years to PwDs. No TA/DA shall be paid for attending the interview.

The above mentioned posts are in self finance mode and no financial and non-financial support or grant of any nature will be extended to them from the Government in future.

Principal-cum-Secretary
Governing Body, Women's College, Rayagada

# ଭଙ୍ଗା ଆଜ୍‌ବେଷ୍ଟସ ତଳେ ଚାଲିଛି ଭବିଷ୍ୟତ ଗଢ଼ା

ବନ୍ତ/ଆଗରପଡ଼ା,୨୯।୧୧(ସମିସ):

ସରକାର ଶିକ୍ଷାର ମାନବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ସହିତ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟଣ

- ୬୪ ପିଲାଙ୍କ ନିମନ୍ତେ ଗୋଟିଏ ଗୃହ
- ଶୌଚାଳୟ ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଘୋର୍ ଅସୁବିଧାର ସମ୍ମୁଖୀନ
- ପାଚେରି ନ ଥିବାରୁ ଗାଇଗୋରୁ ଓ ଅସାମାଜିକଙ୍କ ଅବାଧ ପ୍ରବେଶ



ହୋଇପାରୁ ନ ଥିବା ଜଣାପଡ଼ିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାଙ୍କତିରା ହାଇସ୍କୁଲରେ। ଅର୍ଥ ମହଜୁଦ ଥାଇ ମଧ୍ୟ ଅଧାଗଡ଼ାରେ ଅଟକିଛି ଗୃହ ନିର୍ମାଣ ଯାହାକି ପିଲାଙ୍କ ଭବିଷ୍ୟତ ଗଢ଼ାରେ ବାଧକ ସାଜିଛି। ନା ଅଛି ଶ୍ରେଣୀ ଗୃହ, ନା ଅଛି ଶୌଚାଳୟ, ନା ଶୈକ୍ଷିକ ବାତାବରଣ; ତଥାପି ଚାଲିଛି ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟଟି ୧୯୮୭ ମସିହାରେ ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠାକୁ ୩୮ ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହାର ମୌଳିକ ସମସ୍ୟାଗୁଡ଼ିକର ସମାଧାନ ହୋଇପାରି ନାହିଁ। ଚଳିତ ଶିକ୍ଷା ବର୍ଷରେ ଉକ୍ତ ହାଇସ୍କୁଲର ୮ମ ଶ୍ରେଣୀରେ ୩୮, ୯ମରେ ୫୩ ଓ ୧୦ମରେ ୬୪ ଏହିପରି ୩ଟି ଶ୍ରେଣୀରେ ମୋଟ୍ ଛାତ୍ରଛାତ୍ରୀ ସଂଖ୍ୟା ୧୫୫। ଆବଶ୍ୟକୀୟ ଶ୍ରେଣୀ ଗୃହ ଅଭାବରୁ ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ପରିବେଶ ଅନୁକୂଳ ହେଉ ନ ଥିବା ପରିଲକ୍ଷିତ ହେଉଛି। ୨ଟି ସୁରକ୍ଷିତ ଛାତ ଗୃହରେ ୮ମ ଓ ୯ମ ଶ୍ରେଣୀର ପାଠପଢ଼ା ଚାଲିଥିବାବେଳେ ଗୋଟିଏ ଅସୁରକ୍ଷିତ ଆଜ୍‌ବେଷ୍ଟସ ଗୃହରେ ୬୪ଜଣ ପିଲାଙ୍କୁ ନେଇ ଚାଲିଛି ୧୦ମ ଶ୍ରେଣୀର ପାଠପଢ଼ା। ହାଇସ୍କୁଲର ଗୃହ ସମସ୍ୟା ଲାଗିରହିଥିବାରୁ ମଧ୍ୟ ଇଂରାଜୀ ସ୍କୁଲର ଏକ ଗୃହରେ ଏହାର କାର୍ଯ୍ୟାଳୟ ଚାଲିଛି।

ସେହିପରି ୧୨ଜଣ କର୍ମଚାରୀଙ୍କ ଆବଶ୍ୟକତା ଥିବାବେଳେ ୫ଜଣ କର୍ମଚାରୀଙ୍କୁ ନେଇ ଉକ୍ତ ହାଇସ୍କୁଲ ଚାଲିଛି। ଆବଶ୍ୟକୀୟ ଶୌଚାଳୟ ନ ଥିବାରୁ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀମାନେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟଟିର କୌଣସି ସ୍ଥାୟୀ ପାଚେରି ନ ଥିବାରୁ ଗାଇଗୋରୁଙ୍କ ସମେତ ଅସାମାଜିକ ବ୍ୟକ୍ତିଙ୍କର ଅବାଧ ପ୍ରବେଶ ଘଟିବା ସହ ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ରକ୍ଷଣାବେକ୍ଷଣ ଅଭାବରୁ ଖେଳ ପଡ଼ିଆଟି ବ୍ୟବହାର ଯୋଗ୍ୟ ହୋଇପାରୁ ନାହିଁ। ବିଦ୍ୟାଳୟଟିରେ ବିଜ୍ଞାନାଗାର କିମ୍ବା କୌଣସି ଉପକରଣ ସାମଗ୍ରୀ ନ ଥିବାରୁ ବିଜ୍ଞାନ ବିଷୟରେ ଅଧ୍ୟୟନ, କମ୍ପ୍ୟୁଟର ପାଠ୍ୟକ୍ରମ ଆଦିରେ ଅସୁବିଧା ସୃଷ୍ଟି ହେଉଛି। ଏହି ସବୁ ସମସ୍ୟାର ସୁଧାର ଆଣିବା ପାଇଁ ବିଭିନ୍ନ ଯୋଜନାରେ ଶ୍ରେଣୀଗୃହ ନିର୍ମାଣ, ଶୌଚାଳୟ ଓ ପାନୀୟ ଜଳଯୋଗାଣ କାର୍ଯ୍ୟ, ଇ-ଲାଇବ୍ରେରୀ ଓ ବିଜ୍ଞାନାଗାର ନିର୍ମାଣ, ପରିସରର ସୋ÷ନ୍ଦର୍ଯ୍ୟ ଉନ୍ନତୀକରଣ ଆଦି ପାଇଁ ପଞ୍ଚାୟତ ତରଫରୁ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଏହିସବୁ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ବର୍ଷାଧିକ କାଳ ବିତିଯିବା ପରେ ବି ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷବ୍ୟକ୍ତ କରୁଥିବା ଜଣାପଡ଼ିଛି। ତେଣୁ ଶିକ୍ଷା ବ୍ୟବସ୍ଥାରେ ଏହି ପ୍ରହସନ ଆଉ କେତେଦିନ ବୋଲି ଲୋକମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିତ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପକାଇବ। ଏଥିରେ ଦ୍ୱିମତ ନାହିଁ ବୋଲି ବୁଦ୍ଧିଜୀବୀମାନେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ସମେତ ଅଭିଭାବକ ମହଲରେ ଦାବି ହେଉଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅସୁରାଳି,୨୯।୧୧(ସମିସ): ହରିହଂସ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ବଲେଖଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଓଡ଼ିଶାରତ୍ନ ଅଧ୍ୟାପକ ନିକୁଞ୍ଜ କିଶୋରେ ଯେନା, ଧାମନଗର ଶିକ୍ଷା ମଣ୍ଡଳର ଅତିରିକ୍ତ ଗୋଷ୍ଠି ଅଧିକାରୀ ସତ୍ୟସୁନ୍ଦର ପରିଡା, ଆନନ୍ଦପୁର ମଣ୍ଡଳର ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି, ଧୂଷୁରୀ ଶିକ୍ଷା ସାଧନର ସିଆରସିସି ଅଭୟ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷୟତ୍ରୀ ସୁଜାତା ମହାନ୍ତି, ପ୍ରଧାନଶିକ୍ଷକ ଅକ୍ଷୟ ହୋତା, କୃଷ୍ଣଚନ୍ଦ୍ର ମିଶ୍ର, ରୂପକ ମିଶ୍ର, ମନୋରମା ମହାନ୍ତି, ରବିନ୍ଦ୍ର ପ୍ରଧାନ, ପ୍ରାକ୍ତନ ଶିକ୍ଷକ ନାରାୟଣ ଚନ୍ଦ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୀୟ ବିନ୍ଧାଣି ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୀପିକା ବିଶ୍ୱାଳ, ଅମିତା ମହାଳିକ, ପୁଷ୍ପଲତା ପାଣିଗ୍ରାହୀ ପରିଚାଳନା କମିଟି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ କ୍ଲଷ୍ଟରର ଶିକ୍ଷକଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ।

## ମଧ୍ୟ ଇଂରାଜୀ ସ୍କୁଲରେ ବିଜ୍ଞାନ ମେଳା



ଅସୁରାଳି,୨୯।୧୧(ସମିସ): ଧାମନଗର ବ୍ଲକ ରଇପୁର ପଂଚାୟତ ଅଧୀନ କଟିଂକା ଉନ୍ନୀତ ମଧ୍ୟ ଇଂରାଜୀ ସ୍କୁଲରେ ବିଦ୍ୟାଳୟସ୍ତରୀୟ ବାଲ୍ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁରାଣୀ ଦାସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ରଇପୁର ସରପଞ୍ଚ ଜଗତାନନ୍ଦ ସେଠୀ, ସମ୍ମାନିତ ଅତିଥିଭାବେ ଜୟଦୁର୍ଗା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗଙ୍ଗାଧର ବେହେରା, ବାପୁଜୀ ସାଧନ କେନ୍ଦ୍ରର ସଂଯୋଜକ ବ୍ରଜକିଶୋର ଶିଅଳ, ପ୍ରାକ୍ତନ ସଂଯୋଜକ ତୃପ୍ତିରଞ୍ଜନ ବିଶ୍ୱାଳ, ଶିକ୍ଷକ ଅଜୟ ବେହେରା, ପ୍ରହଲ୍ଲାଦ ଚନ୍ଦ୍ର ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମଲ୍ଲିକ, ବରିଷ୍ଠ ଶିକ୍ଷାବିତ ଦୁଃଶାସନ ରାଉତ, ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ଖଟୁଆ, ଚିତ୍ତରଞ୍ଜନ ମହାନ୍ତି, ରାକେଶ ସାହୁ, କାମଦେବ ସେଠୀ, ଅଜିତ ଦାସ, ମିନତୀ ଧଳ, ଅନ୍ନପୂର୍ଣ୍ଣା ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଏହି ବିଜ୍ଞାନ ମେଳାରେ ମୋଟ ୩୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସ୍ୱାଗତ ଭାରତୀ ପ୍ରଥମ, ଓମପ୍ରକାଶ ସେଠୀ ଦ୍ୱିତୀୟ, ଜୀବନଜ୍ୟୋତି ଖଟୁଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଧର୍ମାନନ୍ଦ ଭାରତୀ।



● ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା

## ଭଦ୍ରକ ଜିଲ୍ଲାର ବାଳକ ଦଳ ଘୋଷିତ

ଭଦ୍ରକ,୨୯।୧୧(ସମିସ): ପୁରୀ ଜିଲ୍ଲା ଷ୍ଟାଡିୟମ୍‌ଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହୋଇ ଡିସେମ୍ବର ୧ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଆଥ୍‌ଲେଟିକ୍ ଆସୋସିଏସନ୍ ତା'ର ୧୨ ବାଳକ ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳକୁ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଖେଳାଳିମାନଙ୍କୁ ରାଜ୍ୟସ୍ତରରେ ଉଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କର ଶୁଭ ମନାସିଛନ୍ତି। ଏହି ଦଳ ସହିତ ରାଜେଶ କୁମାର ନାୟକ କୋଚ୍ ଓ ମ୍ୟାନେଜର ଭାବରେ ଯାତ୍ରା କରୁଛନ୍ତି। ବାଳକରେ ଓମ୍ ସାଇ ନାୟକ, ବିଷ୍ଣୁଦତ୍ତ ଜେନା, ତାପସ ପାଢ଼ୀ, ଶୁଭ୍ରଜ୍ୟୋତି ଜେନା, ରିତେଶ ଦେବ, ବିଶ୍ୱମ୍ବର ଜେନା, ନାଗେଶ୍ୱର କାଣ୍ଡି, ଧନଞ୍ଜୟ ସେଠୀ, ସୁନିଲ୍ କୁମାର ଜେନା, ରୁଦ୍ର ପ୍ରତାପ ବଳ, ସାଇ ଶେଖର ନାୟକ, ଶୁଭଙ୍କର ନାୟକ ସାମିଲ୍ ହୋଇଛନ୍ତି।

## ଅର୍ଣ୍ଣପାଳ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ




ଅସୁରାଳି,୨୯।୧୧(ସମିସ): ଅର୍ଣ୍ଣପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ବାର୍ଷିକ କ୍ରୀଡ଼ା ଉତ୍ସବ ଆନନ୍ଦ ବଜାରସ୍ଥିତ ଦିନାରି କ୍ରୀଡ଼ା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ସଂଯୁଲତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରଶିକ୍ଷକ ହେମନ୍ତ ଜେନା ମୁଖ୍ୟ ଅତିଥି, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କବି ମନୋଜ ପଣ୍ଡା ଓ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ସମ୍ବନ୍ଧୀୟ ଉପାଦେୟ ମାର୍ଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଚିତାକର୍ଷକ ଭାବେ ସଂଯୋଜନା କରିବା ସହିତ ଶାରୀରିକ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଗୁରୁମା' ସୁଲୋଚନା ପାଢ଼ୀ, କନ୍ତାରାଣୀ ଘୋଷାଲ, ଜ୍ୟୋତ୍ସ୍ନାରାଣୀ ଦାସ, ସମାପ୍ତି ପ୍ରିୟଦର୍ଶନୀ ପଣ୍ଡା, ମୀନାକ୍ଷୀ ପଣ୍ଡା, ନମିତା ଜେନା, ହରପ୍ରିୟା ପାତ୍ର, ସୁନନ୍ଦା ପତି, ଅନ୍ନପୂର୍ଣ୍ଣା ପାତ୍ର, ଜୟଶ୍ରୀ ଲେଙ୍କା, ପାପୀୟା ରାୟ, ଶ୍ରଦ୍ଧାଞ୍ଜଳି ସାହୁ, ମିନାଧିଶ୍ୱରୀ ସାହୁ, ମାମିନା ମହାନ୍ତି, ଗୁରୁଜୀ ରଞ୍ଜନ ପୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ସେବିକା ଭଉଣୀ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସିଲ୍ଡ ପ୍ରଦାନ କରାଯାଇଥିଲା।

## ମାଣ୍ଡିଆ ଅମଳ ଓ ଚୋପାଛଡ଼ା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶିତ



ବନ୍ତ/ଆଗରପଡ଼ା,୨୯।୧୧(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ରାଛୋଗଡ଼ିଆରେ କୃଷି ବିଜ୍ଞାନ କେନ୍ଦ୍ର ଭଦ୍ରକ ଓ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ମାଣ୍ଡିଆ ଅମଳ ଓ ଚୋପାଛଡ଼ା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶିତ କରିବା ସହିତ କାର୍ଯ୍ୟକାରିତା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଛି। ମାଣ୍ଡିଆ ଚାଷୀ କମ୍ ସମୟ ମଧ୍ୟରେ ଏହି ଯନ୍ତ୍ର ବ୍ୟବହାର ମାଧ୍ୟମରେ କିପରି ଅମଳ କରିପାରିବେ ଏ ବିଷୟରେ ମଧ୍ୟ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଞ୍ଜୀୟ କୁମାର ମହାନ୍ତି, କୃଷି ଯାନ୍ତ୍ରୀକରଣ ବୈଜ୍ଞାନିକ ଡ. ବିଜୟଲକ୍ଷ୍ମୀ ମହନ୍ତ, ଏଡିଆଇର ବ୍ଲକ୍ ସଂଯୋଜକ ପର୍ଶୁରାମ ସାହୁ, ସହସଂଯୋଜକ ସାରଦା ପ୍ରସନ୍ନ ସାହୁ, ଏଫ୍‌ଇଓ ଆସ୍ଥାଶ୍ରୀ ଜଗନ୍ନାଥ, ସିଇଓ ଅପୂର୍ବ ରଞ୍ଜନ ରାଉତ, ସିଆର୍‌ପି ବନମାଳୀ ବାରିକ, ସୁଶାନ୍ତ ଜେନା, ଜ୍ୟୋତିରଞ୍ଜନ ରାଉତ, ପ୍ରମୋଦ ପାଣିଗ୍ରାହୀ, ମୁଖ୍ୟ ସିଆର୍‌ପି ସତ୍ୟବ୍ରତ ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ରାଛୋଗଡ଼ିଆର ମାଣ୍ଡିଆ ଚାଷୀ ନାରାୟଣ ଦାସ ଓ ଗଣିଜାଙ୍ଗ (ହାସିନପୁର) ମାଣ୍ଡିଆ ଚାଷୀ ରଞ୍ଜନ କୁମାର ସାହୁଙ୍କ ପ୍ରାୟ ୨ କ୍ୱିଣ୍ଟାଲ ମାଣ୍ଡିଆ ଏହି ଯନ୍ତ୍ର ମାଧ୍ୟମରେ ଅମଳ କରାଯାଇଥିଲା। ଭୀମସେନ୍ ମାଝୀ, ପରେଶ ଚନ୍ଦ୍ର ସାହୁ, ସୁଦର୍ଶନ ମାଝୀ, ପୁଷ୍ପଲତା ଦାସ, ଅଚ୍ୟୁତାନନ୍ଦ ସେଠୀ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

● ତ୍ୟାଗଭୂମି ମହୋତ୍ସବର ୬ଷ୍ଠ ସନ୍ଧ୍ୟା ●

## 'ଅପରାଧ ବଢ଼ିବା ଯୋଗୁଁ ଭୟଭୀତ ଅବସ୍ଥାରେ ନାଗରିକ ସମାଜ'

ଭଦ୍ରକ,୨୯।୧୧(ସମିସ): ସମ୍ପ୍ରତି ସମାଜରେ ଅପରାଧପ୍ରବଣତା ଏତେ ବୃଦ୍ଧିପାଇଛି ଯେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ନାଗରିକ ସମାଜ ଓ ଅନିଶ୍ଚିତତା ମଧ୍ୟରେ ସାଧାରଣ ନିରାପତ୍ତା। ନିତିଦିନିଆ ଜୀବନ ଯାତ୍ରା ଅସହ୍ୟ। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଶାସନ ବ୍ୟବସ୍ଥା ଓ ଆମ ବୁଦ୍ଧିଜୀବୀ ସମାଜ ଏଥିନେଇ ଚିନ୍ତାଗ୍ରସ୍ତ। କଠୋର ଆଇନର କାର୍ଯ୍ୟାନ୍ୱୟନ, ସାମାଜିକ ସଚେତନତା, ନୈତିକ ଶିକ୍ଷାର ଅଭାବ ଓ ପ୍ରତିବାଦହୀନତା ଯୋଗୁଁ ନାନା ଅପରାଧିକ କାର୍ଯ୍ୟକଳାପ କାୟାବିସ୍ତାର ହେଉଛି ବୋଲି ତ୍ୟାଗଭୂମି ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଅତିଥି ମତବ୍ୟକ୍ତ କରିଛନ୍ତି। ଆଜିର ମଞ୍ଚ 'ସଂଗ୍ରାମୀ ମହମ୍ମଦ ହନିଫ୍'ଙ୍କ ନାମରେ ଉତ୍ସର୍ଗୀକୃତ ଥିଲା। ତ୍ୟାଗଭୂମି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଇଂ. ଅଖିଳ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ଏହି ମଞ୍ଚରେ 'ଭୟହୀନ ଅପରାଧ ଓ ଭୟଭୀତ ସମାଜ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ତଥା ମନୋବିଜ୍ଞାନ ବିଶ୍ଳେଷକ ଡ. ଦୁର୍ଯ୍ୟୋଧନ ଦାସ ଯୋଗଦେଇ ଅପରାଧ ଏବେ ମନସ୍ତତ୍ତ୍ୱର ଅଂଶ ହୋଇଯାଇଛି। କେବଳ ଚୋରି, ଡକାୟତି କି ଛିନ୍‌ତାଇ ଭଳି ଘଟଣା ନୁହେଁ, ଡିଜିଟାଲ ଆରେଷ୍ଟ, ସାଇବର କ୍ରାଇମ୍, ସୋସିଆଲ ମିଡିଆ କ୍ରାଇମ୍ ଭଳି ଅନ୍ତର୍ନିହିତ ଅପରାଧିକ କାର୍ଯ୍ୟକଳାପ ଆଜି ଅନେକ ମାତ୍ରାରେ ଆମ ଧନଜୀବନ ନଷ୍ଟ କରୁଛି ବୋଲି ମତ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭଲେଖିକା ଡ. ଚିନ୍ମୟ ହୋତା ଯୋଗଦେଇ ଅପରାଧୀର ନିଃଶଙ୍କୋଚ ଚଳପ୍ରଚଳ ଦେଖି ସାଧାରଣ ଲୋକେ ଆତଙ୍କିତ ହେବା ଆମ ସୁସ୍ଥସମାଜ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଓ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ବିଷୟଭିତ୍ତିକ ସ୍ୱକୀୟ ଚିନ୍ତନ ବ୍ୟକ୍ତ କରିଥିଲେ। ତ୍ୟାଗଭୂମି ସମ୍ପାଦକ ଅଧିବକ୍ତା ଗଦାଧର ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ ପ୍ରଭାତ ବିଜୟ ମଞ୍ଚ ଆହ୍ୱାନ କରିଥିବାବେଳେ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ଅଭିନେତା ଗୌରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭଦ୍ରକ ଜିଲ୍ଲାର ଏକମାତ୍ର ଯାତ୍ରାନୁଷ୍ଠାନ 'ରାଜନନ୍ଦିନୀ' ଅପେରାର ପ୍ରଯୋଜକ ଇଂ. ସ୍ମୃତିରଞ୍ଜନ ପଲାଇଙ୍କୁ ଏ ବର୍ଷର ଚର୍ଚ୍ଚିତ ନାଟକ 'ଏମିତି ବିଚାର କେବେ ଦେଖିନି' ନାଟକର ଜନାଦୃତି ପାଇଁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ତ୍ୟାଗଭୂମି ସଭାପତି ଅଜୟ ନାୟକ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ସଦସ୍ୟ ଅଶୋକ ଦ୍ୱିବେଦୀ, ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ, ସାହିତ୍ୟିକ ଶାନ୍ତନୁ କୁମାର ରାଉତ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ବସୁମିତ୍ରା ସାହୁ, ରାମଚନ୍ଦ୍ର ନାୟକ, ଅଧ୍ୟାପକ ନାସିର ବକ୍ସ, ଡ. ଅଭୟ କୁମାର ଦାସ, ବାବୁଲାଲ୍ ଦାସ, ଶାନ୍ତନୁ ନାୟକ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଚର୍ଚ୍ଚିକା ମହାପାତ୍ର, ବିଚିତ୍ରାନନ୍ଦ ମହାନ୍ତି, ଗୋବର୍ଦ୍ଧନ ଦାସ, ସଞ୍ଜୀୟ ମାଝୀ, ରାଜୀବଲୋଚନ ବଳ, ନାରାୟଣ ପାଢ଼ୀ, ଇଂ. ବସନ୍ତ ପାଣିଗ୍ରାହୀ, ପଦ୍ମନ ରାୟ, ଅଭୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଚରମ୍ପା 'ତେଜସ୍ୱିନୀ ପଲାଇ ଏଣ୍ଡ ଟ୍ରୁପ୍' ପକ୍ଷରୁ 'ଅକ୍ଷୟ ସ୍ମୃତିସନ୍ଧ୍ୟା' ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



## ଝୋଟି କଳାରେ ପରିଚିତ ଅନ୍ନପୂର୍ଣ୍ଣା

ଅସୁରାଳି,୨୯।୧୧(ସମିସ): ଧାମନଗର ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ରଞ୍ଜନ କୁମାର ନାଥଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବାହାଲ (୪୫) ଝୋଟି କଳାରେ ନିଜର ଅସାଧାରଣ ପ୍ରତିଭାରେ ସମଗ୍ର ଅଞ୍ଚଳରେ ପରିଚିତ। ପିଲାଟି ବେଳୁ ଅନ୍ନପୂର୍ଣ୍ଣାଙ୍କ ଝୋଟି ପ୍ରତି ଅହେତୁକ ଦୁର୍ବଳତା ଥିଲା। ସ୍କୁଲରେ ପଢ଼ିଲା ବେଳୁ ତାଙ୍କର ଏହି କଳା ପ୍ରତିଭା ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଚଉଦିଗେ ଖେଳିଯାଇଥିଲା। ବିଭିନ୍ନ ଝୋଟି କଳା ପ୍ରତିଯୋଗିତାରେ ସେ ସବୁବେଳେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାବାଦ୍ ସାଂସ୍କୃତିକ କଳା କାର୍ଯ୍ୟକ୍ରମରେ ରଙ୍ଗୋଲି ପକେଇ ସେ ବହୁ ପୁରସ୍କାର ଅର୍ଜନ କରିଛନ୍ତି। ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରମାଣପତ୍ର ଓ ମାନପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଅନ୍ନପୂର୍ଣ୍ଣାଙ୍କ କଳା କେବଳ ପ୍ରତିଯୋଗିତାରେ ସୀମିତ ନୁହେଁ, ଗ୍ରାମର ପ୍ରତ୍ୟେକ ପର୍ବପର୍ବାଣୀରେ ତାଙ୍କର ଝୋଟି ଓ ରଙ୍ଗୋଲି ଗ୍ରାମକୁ ନୂଆ ରୂପ ଦେଇଥାଏ। ସାଂସ୍କୃତିକ ମଞ୍ଚରେ ଅନ୍ନପୂର୍ଣ୍ଣାଙ୍କର ଏହି ଅବିରତ ପ୍ରତିଭା ଗୋବିନ୍ଦପୁର ଗ୍ରାମକୁ ଗର୍ବିତ କରିଛି।



### ସମସ୍ୟାରେ ୧୬୦ ବର୍ଷର ଭଦ୍ରକ ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ

## ଭିତ୍ତିଭୂମିର ବିକାଶ ହୋଇନି, ସୁରକ୍ଷା ବ୍ୟବସ୍ଥା ନାହିଁ

ଭଦ୍ରକ, ୨୯।୧୧(ସମିସ):

ବ୍ରିଟିଶ ଅମଳର ଓ ବହୁ ପୁରତନ ନିବନ୍ଧନ କାର୍ଯ୍ୟାଳୟ; ମାତ୍ର ଏବେ ବି କୌଣସି ଆଖିଦୃଶିଆ ଉନ୍ନତିକରଣ କାର୍ଯ୍ୟ କରାଯାଉନାହିଁ। ସୂଚନାଯୋଗ୍ୟ, ୧୮୬୫ରେ ଭଦ୍ରକ ଏସ୍‌ଆର ବା ସବରେଜିଷ୍ଟାରଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପରେ ଏହା ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟରେ ପରିଣତ ହୋଇଥିଲା। ତେବେ ୧୬୦ ବର୍ଷର ଏହି ବହୁ ପୁରୁଣା କାର୍ଯ୍ୟାଳୟଟିର କୌଣସି ଆଖିଦୃଶିଆ ଉନ୍ନତି ହୋଇପାରିନି। ଏପରିକି ସ୍ପଷ୍ଟ ଭାବେ ଦିଶୁଥିବା ନାମଫଳକଟିଏ ବି ଏହି ଦପ୍ତରରେ ନଥିଲା। ଲଗାଣ ବର୍ଷା ହେଲେ ଅଫିସ ଆଗରେ ଆଣ୍ଠୁଏ ଉଚ୍ଚାର ପାଣିର ସୁଅ ଛୁଟୁଥିଲା। ତେବେ ଜିଲ୍ଲା ନିବନ୍ଧକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଗୁରୁଚରଣ ମଲ୍ଲଙ୍କ ଉଦ୍ୟମରେ ଏହି ସମସ୍ୟାର ଆଂଶିକ ସମାଧାନ ହୋଇଥିବା ବେଳେ କାର୍ଯ୍ୟାଳୟର ମରାମତି କାର୍ଯ୍ୟାଳୟ ବି କିଛି ପରିମାଣରେ ହୋଇପାରିଛି।




ପ୍ରକାଶ ଯେ, ଜିଲ୍ଲା ନିବନ୍ଧକ କାର୍ଯ୍ୟାଳୟଟି ଜନସାଧାରଣଙ୍କ ଅନ୍ୟତମ ପ୍ରମୁଖ କାର୍ଯ୍ୟାଳୟ। କାରଣ ଏହି କାର୍ଯ୍ୟାଳୟରେ କେବଳ ଜମିଜମା କିଣାବିକା ବା ଦଲିଲ୍ କାର୍ଯ୍ୟ ହୁଏନାହିଁ; ବିବାହ ପଞ୍ଜୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହି ଦପ୍ତରରେ ହୋଇଥାଏ। ଏହାବାଦ ଜମିର ମୂଲ୍ୟାୟନ ପ୍ରତି ଦୁଇ ବର୍ଷରେ ଥରେ ଏହି କାର୍ଯ୍ୟାଳୟ ପକ୍ଷରୁ ସମ୍ପନ୍ନ କରାଯାଇଥାଏ। ଏଥିସହ ବ୍ୟାଙ୍କରଣ ପାଇଁ ମଡଗେଜ୍ ଓ ଟ୍ରଷ୍ଟ ଡିଡ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟ କରିଥାଏ ଏହି ଅଫିସ। ଦୈନିକ ବୟସ୍କ ନାଗରିକଙ୍କଠାରୁ ମହିଳା ଓ ଦିବ୍ୟାଙ୍ଗ ନାମରିକମାନେ ଏହି ଦପ୍ତରକୁ ସେମାନଙ୍କ କାର୍ଯ୍ୟ ଲାଗି ଆସିଥାନ୍ତି। ସେମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ଏହି ଅଫିସରେ ନାହିଁ। ୱେଟିଂ ହଲ୍, ପାନୀୟଜଳର ବ୍ୟବସ୍ଥା ଟିକକ ମଧ୍ୟ କରାଯାଇନାହିଁ। ଫଳରେ ଆସୁଥିବା ମହିଳା, ବୟସ୍କ ଓ ଦିବ୍ୟାଙ୍ଗମାନେ ନାନାଦି ଦୁର୍ଦ୍ଦଶାରେ ସମ୍ମୁଖୀନ ହେବାକୁ ଦୀର୍ଘ ବର୍ଷ ହେବ ବାଧ୍ୟ ହେଉଛନ୍ତି।

ସୂଚନାନୁଯାୟୀ, ଏହି ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟରେ ଦୈନିକ ପାଖାପାଖି ୨୫ରୁ ଅଧିକ ବିଭିନ୍ନ ପ୍ରକାର ପଞ୍ଜୀକରଣ କରାଯାଇଥାଏ। ବର୍ଷକୁ ୬ରୁ ସାଢେ ୬ହଜାର ଭଳି ପଞ୍ଜୀକରଣ କରାଯାଇଥାଏ। ଦୈନିକ ଶହଶହ ଲୋକ ଆସୁଥିବା ଏହି ୧୬୦ବର୍ଷର ସରକାରୀ କାର୍ଯ୍ୟାଳୟର ଭିତ୍ତିଭୂମିର ବିକାଶ ନହେବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ହଜାର ହଜାର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ରହୁଥିବା ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଜଣେ ନାଇଟ୍ ୱାଚ୍‌ମ୍ୟାନ ନାହିଁ। ଫଳରେ ନିକଟରେ ଦୁଇ ଦୁଇ ଥର ଏହି ଅଫିସରୁ ଚୋରି ହୋଇଛି। ସେହିଭଳି ଜଣେ ସୁଇପରଙ୍କୁ ନିଯୁକ୍ତି କରାଯାଇନି। ୧୬୦ ବର୍ଷର ଏହି ପୁରୁଣା ସରକାରୀ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟର ଭିତ୍ତିଭୂମିର ବିକାଶ ସହ ସୁରକ୍ଷା ବ୍ୟବସ୍ଥା ପ୍ରତି ସରକାର ଧ୍ୟାନ ଦେବାକୁ ଦାବି ହୋଇଛି।

# ବନ୍ତ ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ ଅର୍ଥ ଆମ୍ବସାତ୍ ଅଭିଯୋଗ



ଭଦ୍ରକ, ୨୯।୧୧(ସମିସ)

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ କୋଟିଏରୁ ଅଧିକ ଟଙ୍କା ଆତ୍ମସାତ ଅଭିଯୋଗ ଆଣିଛି ବିଜେଡି। ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ନିଜ ନାମରେ ଭେଣ୍ଡର କୋଡ ଖୋଲି ଟଙ୍କା ଆତ୍ମସାତ କରିଥିବା ସାମ୍ବାଦିକ ସମ୍ମିଳନୀରେ ବ୍ଲକ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ ଭେଣ୍ଡର କୋଡ ମାଧ୍ୟମରେ ଓ ଫଲ୍ସ ବିଲ ନେଇ ଅଭିଯୋଗ ଆଣିଛି ଖୋଦ ବିଜେଡି। ବନ୍ତ ବ୍ଲକ ବିଜେଡି ସଭାପତିଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଅନେକ ସରପଞ୍ଚ ଓ ସମିତିସଭ୍ୟମାନେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଭଦ୍ରକସ୍ଥିତ ବାସଭବନରେ ଏହି ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇଙ୍କୁ ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଦେଶକ୍ରମେ ବିଜେଡି ରାଜ୍ୟ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଦଳ ବିରୋଧୀ କାର୍ଯ୍ୟ ଲାଗି ନିଲମ୍ବିତ କରିଥିବା ଜଣାଯାଇଛି।

ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅଧୀନ ବନ୍ତ ପଞ୍ଚାୟତସମିତି ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ନିଜ ନାମରେ ଭେଣ୍ଡର କୋଡ ଜରିଆରେ ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ମିଳୁଥିବା ଟଙ୍କା ହଡ଼ପ କରିଥିବା ନେଇ ତଥ୍ୟ ଦେଇଛି ବିଜେଡି। ଏମିତି କି ଅନେକ ଫଲ୍ସ ବିଲ କରି କୋଟିଏରୁ ଅଧିକ ଟଙ୍କା ହଡପ କରିଥିବାର ପ୍ରମାଣ ସ୍ୱରୂପ ଭେଣ୍ଡର କୋଡ ସର୍ବସାଧାରଣରେ ଉପସ୍ଥାପନ କରିଛି। ତେବେ ଦୁର୍ନୀତି ସମ୍ପର୍କରେ ବିଜେଡି ସୁପ୍ରିମୋଙ୍କ ସହ ବିଧାୟକ ଓ ବ୍ଲକ ବିଜେଡି ସଭାପତିଙ୍କୁ ଅବଗତ କରାଯାଇଛି। ଆଉ ବିଜେଡି ପକ୍ଷରୁ ବନ୍ତ ବ୍ଲକ ଅଧ୍ୟକ୍ଷଙ୍କ ଏହି ଦୁର୍ନୀତି ନେଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ସଚିବ ଓ ଜିଲ୍ଲାପାଳଙ୍କୁ ଏ ବାବଦରେ ଅବଗତ କରାଯାଇଛି। ଅନ୍ୟପକ୍ଷରେ, ୧୯୮୭ ଓଡ଼ିଶା ପଞ୍ଚାୟତସମିତି ଆକ୍ଟକୁ ବ୍ଲକ ସଭାପତି ଉଲଂଘନ କରିଥିବା ନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ବିଜେଡି ପକ୍ଷରୁ କରାଯାଇଛି। ଦୁର୍ନୀତିର ତଦନ୍ତ କରି ବ୍ଲକ ଅଧ୍ୟକ୍ଷଙ୍କ ସଭ୍ୟ ପଦ ରଦ୍ଦ କରିବା ସହ ପ୍ରଶାସନ ହାତକୁ ନେଉ ଓ ସେହି ଆକାଉଣ୍ଟକୁ ଫ୍ରିଜ କରାଯାଉ ବୋଲି ଦାବି କରିଛନ୍ତି। ଏହାଦ୍ୱାରା ଭଣ୍ଡାରିପୋଖରୀ ବିଧାୟକଙ୍କ ନିର୍ମଳ କାର୍ଯ୍ୟଧାରା ଓ ବିଜେଡିର ନିର୍ମଳ ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଛି। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ବ୍ଲକ ଅଧ୍ୟକ୍ଷଙ୍କୁ ବହିଷ୍କାର କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାସ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ରାଜ୍ୟ ଯୁବ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ସରପଞ୍ଚ ଗଜେନ୍ଦ୍ର ସେଠୀ, ଧୀରେନ୍ଦ୍ର ଖିଲାର, ଚିତ୍ତରଞ୍ଜନ ଦାସ, ଭବେନ୍ଦ୍ର ସାହୁ, ଅକ୍ଷୟ ଦାସ, ରାଜୀବଲୋଚନ ଜେନା, ଦୀପକ ମହାନ୍ତି, ବନମାଳୀ ବେହେରା ପ୍ରମୁଖଙ୍କ ସହ ୨୫ଟି ପଞ୍ଚାୟତର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ନିଲମ୍ବିତ ହେଲେ ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ

**ଭୁବନେଶ୍ୱର, ୨୯।୧୧(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ଶ୍ରୀ ଘଡ଼େଇଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନରୁ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

କସିଆ ମୁହାଣରେ ୧୨ ଫୁଟ ଲମ୍ବ ଓ ୫ କ୍ୱିଣ୍ଟାଲ ଓଜନର ମୃତ ଡଲଫିନ

# ଜବତକଲା ବନ ବିଭାଗ



ଗଭୀର ସମୁଦ୍ରରେ ବୋଟ ଶବ୍ଦ ଶୁଣି ମୁହାଣମୁହାଁ ହେଉଛନ୍ତି ଡଲଫିନ। ଗଭୀର ସମୁଦ୍ର ସୁରକ୍ଷିତ ନୁହେଁ ଡଲଫିନ ପାଇଁ। ଗତକାଲି କସିଆ ମୁହାଣରୁ ଯାଇଥିବା ଏକ ସାଲଟି ଡଙ୍ଗାର ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଥିଲା ଡଲଫିନ। ବଡ ମାଛ ଭାବି ପାଣିରେ ମୁହାଣ ପର୍ଯ୍ୟନ୍ତ ନେଇ ଆସିଥିଲେ। ଜୀବିତ ଅବସ୍ଥାରେ ମୁହାଣକୁ ଆଣିଥିଲେ। ଆଜି ସକାଳେ ଡଲଫିନର ମୃତ୍ୟୁ ହୋଇଛି। ଡଲଫିନ ଲମ୍ବ ୧୨ ଫୁଟରୁ ଊର୍ଦ୍ଧ୍ୱ ହେବା ବେଳେ ଓଜନ ୫ କୁଇଣ୍ଟାଲ ହେବ ବୋଲି ଜଣାଯାଇଛି। ବନ ବିଭାଗର ଫରେଷ୍ଟର ପହଞ୍ଚି ଡଲଫିନ ବୋଲି ଚିହ୍ନଟ କରିଛନ୍ତି। ଏହି ଡଲଫିନକୁ ବନ ବିଭାଗ ପକ୍ଷରୁ କର୍ମଚାରୀମାନେ ପୋଷ୍ଟମୋର୍ଟମ୍ କରିବାକୁ ଏକ ଗାଡ଼ିରେ ନେଇ ଆଣିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି ଫରେଷ୍ଟର।

**ଭଦ୍ରକ/ବାସୁଦେବପୁର, ୨୯ ।୧୧(ସମିସ):** ଡଲଫିନ୍ ସୁରକ୍ଷା ପାଇଁ ବନ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଛି ସୁରକ୍ଷା ବ୍ୟବସ୍ଥା। ବନ ବିଭାଗ ଓ ମତ୍ସ୍ୟ ବିଭାଗର କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ମୃତ୍ୟୁମୁଖରେ ପଡୁଛନ୍ତି ବିରଳ ପ୍ରଜାତିର ଡଲଫିନ। ବଡ଼ ମାଛ ଲୋଭରେ ରାତିର ଅନ୍ଧକାରରେ ଜାଲର ଧରା ପଡ଼ିଥିବା ଡଲଫିନ ସକାଳେ ମୃତ୍ୟୁ ଘଟିଛି। ମତ୍ସ୍ୟଜୀବୀଙ୍କ ଲାଭଖୋର ମନୋଭାବ ଯୋଗୁଁ ବିପଦରେ ଅଲିଭ ରିଡଲେ କଇଁଛ ଓ ଡଲଫିନ। ରାତ୍ରିର ଡଲଫିନ ଜୀବିତ ଥିବା ବେଳେ ସକାଳେ ମୃତ୍ୟୁ ଘଟିବା ସମସ୍ତ ପାଇଁ ଚିନ୍ତାର କାରଣ ପାଲଟିଛି। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କସିଆ ମୁହାଣରେ। ଶହ ଶହ ମତ୍ସ୍ୟଜୀବୀ ରୁଣ୍ଡ ହୋଇ ଦେଖୁଛନ୍ତି ବିରଳ ପ୍ରଜାତିର ଡଲଫିନକୁ। ମୁହାଣରେ ମରି ପଡ଼ିଛି ବିରଳ ଡଲଫିନ୍।



ବିରଳ ଡଲଫିନ ଦେଖିବାକୁ ବିଭିନ୍ନ ପଞ୍ଚାୟତର ଜନସାଧାରଣ। କିଏ ସାଲଟି ଡଙ୍ଗା ଉପରେ ଚଢି ଦେଖୁଛି ତ ପୁଣି କିଏ ପାଖକୁ ଯାଇ ଉତ୍ସୁକତାର ସହ ଦେଖୁଛନ୍ତି। ବାସୁଦେବପୁର ବନ ବିଭାଗ ସୁରାକ ପାଇ ନଥିଲା। ଗଣମାଧ୍ୟମର ପ୍ରତିନିଧିମାନେ ଭଦ୍ରକ ଡିଏଫଓଙ୍କୁ ଯୋଗାଯୋଗ କରିବା ପରେ ଦୀର୍ଘ ସମୟ ପରେ ଫରେଷ୍ଟର ସୁନିଲ୍ ସିଂ ପହଞ୍ଚିଥିଲେ। ଦିନକୁ ଦିନ

# ସରସଦା ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି



**ବାରିକପୁର, ୨୯ ।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷକ ନିଯୁକ୍ତି ପାଇଁ ପରିଚାଳନା କମିଟି ସଦସ୍ୟଙ୍କ ସହ ଅଭିଭାବକମାନେ ଦୃଢ଼ ଦାବି କରିଛନ୍ତି। ବିଦ୍ୟାଳୟଟି ବ୍ଲକ ଅଞ୍ଚଳର ଅନ୍ୟତମ ସର୍ବପୁରାତନ ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଏଠାରେ ଦୀର୍ଘ ଦିନ ହେବ ପ୍ରଧାନଶିକ୍ଷକ ଓ ସଂସ୍କୃତ ଶିକ୍ଷକ ନାହାନ୍ତି। ତେଣୁ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଦିନକୁ ଦିନ ହ୍ରାସ ପାଉଛି। ପ୍ରାୟ ପାଞ୍ଚ-ସାତଟି ଗ୍ରାମର ପିଲାମାନେ ଏଠାରେ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କୁ ସଠିକ ଭାବେ ଶିକ୍ଷାଦାନ ମିଳୁନାହିଁ। ଏପଟେ ମ୍ୟାଟ୍ରିକ ପରୀକ୍ଷାକୁ ଆଉ ଦିନ କେତଟା ବାକି ରହିଥିବା ବେଳେ ବିଦ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ସଂସ୍କୃତ ଶିକ୍ଷକ ନିଯୁକ୍ତି ନହେବା ପରିତାପର ବିଷୟ ପାଲଟିଛି। ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଦାବି ହେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ଏକ ପ୍ରେସ ବିବୃତିରେ ଦାବି କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ନାୟକ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, କିଶୋର ଷେଣ୍ଠ, କନକଲତା ନାୟକ, ରାଜେଶ ସାମଲ, କାଳନ୍ଦୀ ଜେନା, ଦିଲ୍ଲିପ ସାମଲ, ରଶ୍ମି ରେଖା ନାୟକ ପ୍ରମୁଖ ଦୁଇ ଜଣ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଛନ୍ତି। ଉକ୍ତ ଦାବିକୁ ଯଦି ପ୍ରଶାସନ କର୍ଣ୍ଣପାତ ନକରେ ତା'ହେଲେ ଆଗାମୀ ଦିନରେ ବିଦ୍ୟାର୍ଥୀ ଙ୍କୁ ଧରି ଅଭିଭାବକମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅଟୋ ଚାଳକ ଗୌରା; ସଫଳ ହେଲା ସ୍ୱପ୍ନ

# ୨ ଝିଅ ପାଇଲେ ବନ ବିଭାଗ ଚାକିରି



**ଭଦ୍ରକ, ୨୯ ।୧୧(ସମିସ):** ଭଦ୍ରକ ବ୍ଲକ ଅନ୍ତର୍ଗତ ରାହାଞ୍ଜ ପଞ୍ଚାୟତର ଅସୁରା ଗାଁର ଗୌରାଙ୍ଗ ଦାସ ଓରଫ୍ ଗୌରା। ପେସାରେ ଜଣେ ଅଟୋ ଚାଳକ। ଘରର ଆର୍ଥିକ ପରିସ୍ଥିତି ପାଇଁ ନିଜେ ବେଶୀ ପାଠ ପଢ଼ି ନଥିବା ଗୌରାଙ୍କ ଲକ୍ଷ୍ୟଥିଲା ନିଜ ପିଲାଙ୍କୁ ମଣିଷ କରିବ। ସରକାରୀ ଚାକିରି କରାଇବ। ସ୍ତ୍ରୀ ଅନିତା ମଧ୍ୟ ଜଣେ ସଫଳ ଚାଷୀ ଭାବେ ନିଜକୁ ଗଢିବା ସହ ନିଜ ବାଡ଼ିରୁ ଉତ୍ପାଦିତ ସାମଗ୍ରୀ ବିକି ଝିଅଙ୍କ ପାଇଁ ଖର୍ଚ୍ଚ କରିଥାନ୍ତି। ଆଜି ତାର ସ୍ୱପ୍ନ ପୂରଣ ହୋଇଛି। ଦୁଇ ଝିଅ ପ୍ରିୟଙ୍କା ଓ ପ୍ରିୟଦର୍ଶିନୀ ପାଇଛନ୍ତି ସରକାରୀ ଚାକିରି। ପ୍ରିୟଙ୍କା ଚାନ୍ଦବାଲି ଓ ପ୍ରିୟଦର୍ଶିନୀ ରାୟଗଡ଼ା ବନ୍ୟ ବିଭାଗର ଜୁନିଅର ଫରେଷ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ରାହାଞ୍ଜ ପଞ୍ଚାୟତ ପାଇଁ ଗୌରବ ଆଣିଛନ୍ତି ଦୁଇ ଭଉଣୀ। ବାପା ଅଟୋ ଚଳାଇବା ସହ ପରିବା ବେପାର କରି ସାତ ପ୍ରାଣୀ ଚଳନ୍ତି। ଅଭାବୀ ସଂସାର ହେଲେ ମଧ୍ୟ ପିଲାମାନଙ୍କର ପାଠ ପଢ଼ାରେ କେବେ ଅବହେଳା କରି ନ ଥିବା କଥା କହିଛନ୍ତି ବାପା ଗୌରାଙ୍ଗ। ପିଲାବେଳୁ ଦୁଇ ଭଉଣୀ ଟିଉସନ କରି ବିଭିନ୍ନ ଚାକିରି ପାଇଁ ଆବେଦନ କରୁଥିଲେ। ତାଙ୍କର ଏହି ସଫଳତାର ଶ୍ରେୟ ବାପାମାଆଙ୍କୁ ଦେଇଥିବା ବେଳେ ବାପା ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରି ଗାଁର ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

ବକେୟା ପାରିଶ୍ରମିକ ମିଳି ନଥିବାରୁ କ୍ୱାର୍ଟର ଛାଡ଼ିଲେନି ୱାଚ୍‌ମ୍ୟାନ

# ଘର ଉଚ୍ଛେଦ ପାଇଁ ଯାଇ ହଟହଟା ଅଧିକାରୀ

**ଭଦ୍ରକ, ୨୯ ।୧୧(ସମିସ):** ୱାଚମ୍ୟାନଙ୍କୁ ସରକାରୀ କ୍ୱାର୍ଟରରୁ ବାହାର କରିବାକୁ ଆସି ସାଧାରଣ ଲୋକଙ୍କ ଆକ୍ରୋଶ ଶିକାର ହେବା ସହ ହଟହଟା ଜଳସମ୍ପଦ ଅଧିକାରୀ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ଜଳସମ୍ପଦ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିଅର ସୌଭାଗ୍ୟ ତରାଇଙ୍କ ଚିଠି ବଳରେ ୨୦୨୩ରେ ଅଭିଷେକ ପ୍ରିୟଦର୍ଶୀ ଜ୍ୟୋଷ୍ଟି ନାମକ ବ୍ୟକ୍ତି ଜଳସମ୍ପଦ ବିଭାଗରେ ୱାଚମ୍ୟାନ ଭାବରେ ନିଯୁକ୍ତ ହେବା ସହ ଚାନ୍ଦବାଲିସ୍ଥିତ କନିକା କଲୋନୀ ସରକାରୀ କ୍ୱାର୍ଟରରେ ସପରିବାରେ ରହି ଆସୁଛନ୍ତି। ବର୍ତ୍ତମାନ ଏହି ସରକାରୀ କ୍ୱାର୍ଟର ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ଏହି ଘରକୁ ଭାଙ୍ଗିବା ପାଇଁ ଜଳସମ୍ପଦ ବିଭାଗର ନିର୍ଦ୍ଦେଶ ରହିଛି। ଏହି ଘଟଣାରେ ଅଭିଷେକ ପ୍ରିୟଦର୍ଶୀ ଜ୍ୟୋଷ୍ଟି ୱାଚମ୍ୟାନ ଭାବରେ କାର୍ଯ୍ୟ କରିବାଠାରୁ ତାଙ୍କୁ କୌଣସି ପାରିଶ୍ରମିକ ଦିଆ ଯାଇ ନଥିବା ନେଇ ଚାନ୍ଦବାଲି ଥାନାର ଦ୍ୱାରସ୍ଥ



ହୋଇଥିଲେ। ତେବେ କୌଣସି ସମାଧାନ ହୋଇ ନଥିବା ବେଳେ ଆଜି ଜଳସମ୍ପଦ ବିଭାଗ ଏସଡିଓ ସୁରଜ ମଲ୍ଲିକ, ଆସିଷ୍ଟାଣ୍ଟ ଇଞ୍ଜିନିଅର ସୌଭାଗ୍ୟ ତରାଇ, ଚାନ୍ଦବାଲି ତହସିଲ ପ୍ରଶାସନ, ଚାନ୍ଦବାଲି ପୁଲିସ କନିକା କଲୋନୀର ସରକାରୀ କ୍ୱାର୍ଟରରେ ରହୁଥିବା ୱାଚମ୍ୟାନ ଅଭିଷେକ ପ୍ରିୟଦର୍ଶୀ ଜ୍ୟୋଷ୍ଟିଙ୍କୁ ଉକ୍ତ ସରକାରୀ କ୍ୱାର୍ଟରରୁ ଦଖଲମୁକ୍ତ କରିବାକୁ ଯାଇ ଜନ ଆକ୍ରୋଶର ସମ୍ମୁଖୀନ ହୋଇ ଫେରିଥିବା ଦେଖିବାକୁ ମିଳିଛି। ୱାଚମ୍ୟାନ ଭାବେ କାର୍ଯ୍ୟ କରୁଥିବା ଅଭିଷେକ ତାଙ୍କର ବାକି ରହିଥିବା ପାରିଶ୍ରମିକ ପାଇବା ପରେ ଘର ଛାଡିବାକୁ କହିଥିବା ବେଳେ ଏହାକୁ ସମର୍ଥନ କରିଥିଲେ ଜନସାଧାରଣ। ଫଳରେ ଶନିବାର ଏହି ଉଚ୍ଛେଦ କାର୍ଯ୍ୟ ହୋଇ ନପାରି ବନ୍ଦ ରହିଛି।

# ଦେଓ୍ବାନୀ ଓ ଫୌଜଦାରୀ ଅଦାଲତର ପ୍ରତିଷ୍ଠା ଦିବସ



**ଭଦ୍ରକ, ୨୯ ।୧୧(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବିଜୁ ସ୍ମୃତି ଭବନରେ ଦେଓ୍ବାନୀ ଓ ଫୌଜଦାରୀ ଅଦାଲତର ଅଷ୍ଟାଦଶତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବାର ଆସୋସିଏସନ ସଭାପତି ଉପେନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି କୋର୍ଟର ବିଚାରପତି ତନ୍ମୟ ରଞ୍ଜନ ଦାଶ, ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଆଡିସନାଲ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱେବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ମଣ୍ଡଳ, ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର ଓ ତହସିଲଦାର ଭବତୋଷ ମଲ୍ଲିକ ଯୋଗ ଦେଇଥିଲେ। ବିଶେଷ ଅତିଥି ଭାବେ ଡେପୁଟି କଲେକ୍ଟର ଶାଶ୍ୱତୀ ମହାପାତ୍ର ଓ ସରୋଜ ବେହେରା ଚାନ୍ଦବାଲି କୋର୍ଟର ଆଗାମୀ ଦିନର ଉନ୍ନତି ପାଇଁ କାମନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବୈରାଗୀ ନାୟକ ସ୍ୱାଗତ ଓ ଆଇନଜୀବୀ ରଜନୀକାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କଲେ। ବାର ଆସୋସିଏସନ ସମ୍ପାଦକ ରାଜନାରାୟଣ ନାୟକ ସମ୍ପାଦକୀୟ ବିବରଣୀ ପାଠ କଲେ। ଆଇନଜୀବୀ ତ୍ରିଲୋଚନ ଦାଶ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ ପୂର୍ବତନ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଓ ରଜନୀକାନ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଆଦିତ୍ୟ ବିଶ୍ୱାଳ, ଶ୍ୟାମସୁନ୍ଦର ମହାନ୍ତି, ପ୍ରଭାସ ରଞ୍ଜନ ନାୟକ, ମଳୟ ଭୋଇ, ପ୍ରଶାନ୍ତ ଦାସ, ଦୀପକ ଭଳ, ନିରାକାର ରାଉତ, ମାନସୀ ଆଚାର୍ଯ୍ୟ, ପ୍ରିୟରଞ୍ଜନ ମହାନ୍ତି, ଜନ୍ମଜୟ ଉଦ୍ଗାତା, ଧନେଶ୍ୱର ବେହେରା, ସତ୍ୟବୀରପ୍ରତାପ ରାୟ, ତ୍ରିଲୋଚନ ମହାଳିକ, ସୁରେଶ ସାହୁ, ଯତୀନ୍ଦ୍ର ମହାନ୍ତି, ବିନିତା ମହାନ୍ତ, ରଞ୍ଜନ ବେହେରା ଓ ଅନ୍ୟ ଅଧିବକ୍ତାମାନେ ଉପସ୍ଥିତ ଥିଲେ।

ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା

# ଭଦ୍ରକ ଜିଲ୍ଲାର ବାଳିକ ଦଳ ଘୋଷିତ

**ଭଦ୍ରକ, ୨୯ ।୧୧(ସମିସ):** ପୁରୀ ଜିଲ୍ଲା ଷ୍ଟାଡିୟମ୍‌ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଆଥ୍ଲେଟିକ୍ ଆସୋସିଏସନ୍ ତାର ୧୨ ବାଳିକା ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳକୁ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହ ଖେଳାଳିଙ୍କୁ ରାଜ୍ୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କର ଶୁଭ ମନାସିଛନ୍ତି। ଏହି ଦଳ ସହିତ ଶୁଭଶ୍ରୀ ଦାଶ କୋଚ୍ ଓ ମ୍ୟାନେଜର ଭାବରେ ଯାତ୍ରା କରୁଛନ୍ତି। ଚୟନ ହୋଇଥିବା ଖେଳାଳିମାନେ ହେଲେ ଅନ୍ନପୂର୍ଣ୍ଣା ରଣା, ଏଲିନା ପୃଷ୍ଟି, ବେବିଲତା ମାଝୀ, ସରସ୍ୱତୀ ମାଝି, ତପସ୍ୱିନୀ ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ଶୁଭଲକ୍ଷ୍ମୀ ଜେନା, ମମତା ଜେନା, ଅଭିଲିପ୍ସା ଜେନା, ସବିତା ଜେନା, ଅସ୍ମିତା ପଣ୍ଡା ଓ ପ୍ରଜ୍ଞାଞ୍ଜଳି ଶତପଥୀ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଦୋବଲ, ୨୯ ।୧୧(ସମିସ):** ଜାତୀୟ ରାଜପଥ ବିଷ୍ଣୁପୁର ଛକ ନିକଟରେ ଗତକାଲି ରାତିରେ ଘଟିଥିବା ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଦୋବଲ ଜୋନ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ବିରୁହାଁ ଗାଁର ନଟବର ମହାଳିକଙ୍କ ପୁଅ ଅମିତ (୨୪)। ତାଙ୍କ ସାଙ୍ଗ ଅଭିଷେକ ମହାନ୍ତି ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁସାରେ, ଅମିତ ଗତକାଲି ରାତିରେ ବାଇକ୍ ଯୋଗେ ସାଙ୍ଗ ଅଭିଷେକଙ୍କୁ ଚରମ୍ପା ଷ୍ଟେସନ ଛାଡିବା ପାଇଁ ଘରୁ ବାହାରିଥିଲେ। ବିଷ୍ଣୁପୁର ଛକ ନିକଟରେ ପହଞ୍ଚିବା ସମୟରେ ସାମ୍ନାରୁ ଆସିଥିବା ଅଜଣା ଗାଡି ତାଙ୍କ ବାଇକ୍‌କୁ ଜୋରଦାର ଧକ୍କା ଦେଇଥିଲା। ଧକ୍କାରେ ଅମିତ ଏବଂ ପଛରେ ବସିଥିବା ଅଭିଷେକ ରାସ୍ତାରେ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ଅମିତଙ୍କୁ ମୃତ ଘୋଷଣା କରିଥିଲେ ବେଳେ ଅଭିଷେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଖବର ପାଇଁ ଧାମନଗର ଥାନାର ଏଏସଆଇ ନରେନ୍ଦ୍ର ରାଉତ ୪୫୩/୨୫ ମାମଲା ରୁଜୁ କରି ଅଜଣା ଗାଡ଼ି ଚିହ୍ନଟ ପାଇଁ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛନ୍ତି।

# ଚାନ୍ଦବାଲିରେ କୁରାଳ ପଞ୍ଚମୀ ଉତ୍ସବ ଉଦ୍‌ଯାପିତ

**ଭଦ୍ରକ, ୨୯ ।୧୧(ସମିସ):** ଚାନ୍ଦବାଲି ସହର ଉପକଣ୍ଠ ନୟାପାଟଣା ଗାଁରେ କୁରାଳ ପଞ୍ଚମୀ ଉତ୍ସବ ଅନୁଷ୍ଠିତ ହୋଇଛି। ଚାନ୍ଦବାଲି କୁରାଳ ସଂଘ ଆନୁକୂଲ୍ୟରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ୨୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଇଛି। ଏହି ଅବସରରେ ପବିତ୍ର ମାର୍ଗଶିର ମାସ ପଞ୍ଚମୀ ତିଥିଠାରୁ ଭଗବାନ ଲକ୍ଷ୍ମୀନାରାୟଣଙ୍କର ମୃଣ୍ମୟୀ ମୂର୍ତ୍ତି ସହିତ କୁମ୍ଭକାରମାନଙ୍କର ମାଟି ହାଣ୍ଡି ଗଢା କୁମ୍ଭାର ଚକକୁ ୫ଦିନ ଧରି ପୂଜାର୍ଚ୍ଚନା କରାଯାଏ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭାଗବତ ପାଠ ସହିତ ଭଜନ ଜଣାଣ ଗାନ କରାଯାଇଥିଲା। ଉଦଯାପନୀ ଦିବସରେ ସମସ୍ତ ଶ୍ରଦ୍ଧାଳୁ ଏବଂ ଗ୍ରାମବାସୀ ମାନଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ରବୀନ୍ଦ୍ର ମୁଦୁଲି, ସମ୍ପାଦକ ଧାନଚାନ୍ଦ ବେହେରା, ବରିଷ୍ଠ ସଦସ୍ୟ ପ୍ରସନ୍ନ କୁମାର ବେହେରା, ଅଭିମନ୍ୟୁ ବେହେରା, ସଦସ୍ୟ ଜୟଦେବ ମୁଦୁଲି, ପ୍ରଶାନ୍ତ ବେହେରା ଓ ରମେଶଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଅଙ୍ଗନବାଡ଼ି କେନ୍ଦ୍ର

ବନ୍ତ/ଆଗରପଡ଼ା, ୨୯ ।୧୧(ସମିସ)

ଅଙ୍ଗନବାଡ଼ି କେନ୍ଦ୍ର ଗୋଟିଏ ଶିଶୁର ଶିକ୍ଷାକ୍ଷେତ୍ରର ମୂଳଦୁଆ ପଡ଼ିବାର ପ୍ରଥମ ସୋପାନ। ଏହିଠାରୁ ହିଁ ତାର ଶିକ୍ଷା ଆରମ୍ଭ ହୋଇଥାଏ। ମାତ୍ର ଏହି ଆରମ୍ଭ ବୟସରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିବା ପିଲାମାନେ ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ନିଜର ହତାଶଭାବ ପ୍ରକାଶ କରୁଥିବାବେଳେ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ ବଡ଼ହାଟତ୍ରିଲୋଚନପୁର ପଞ୍ଚାୟତ ବରହମପୁର ଅଙ୍ଗନବାଡ଼ି କେନ୍ଦ୍ରରେ।

ସୂଚନା ଅନୁଯାୟୀ, କେନ୍ଦ୍ରର ନିଜସ୍ୱ ଗୃହ ପ୍ରତିଷ୍ଠା ହେବା ପରଠାରୁ ଉକ୍ତ କେନ୍ଦ୍ର ଅସାମାଜିକ ବ୍ୟକ୍ତିଙ୍କ ଆଡ଼ାସ୍ଥଳୀ ପାଲଟିଛି। ଶୁକ୍ରବାର ଆଡ଼ାସ୍ଥଳୀ ପାଲଟିଥିବା ଅଙ୍ଗନବାଡ଼ି କେନ୍ଦ୍ର ପିଲାଙ୍କ ପାଇଁ ଆଉ ଏକ ବିପଦସଙ୍କୁଳ ପରିସ୍ଥିତି ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା। ଉକ୍ତ କେନ୍ଦ୍ର ବାରଣ୍ଡାରେ ମଦ୍ୟପାନ କରି ଅସାମାଜିକ ବ୍ୟକ୍ତି ବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ପକାଇଥିବା ବେଳେ କେନ୍ଦ୍ରକୁ ବିଦ୍ୟୁତ୍ ସରବରାହ ପାଇଁ ସଂଯୋଗୀକରଣ ହୋଇଥିବା ତାରକୁ ଛିଡ଼ାଇ ଦେଇଥିବା ଦେଖାଯାଇଥିଲା। ଉକ୍ତ ତାରରେ ବିଦ୍ୟୁତ୍ ସରବରାହ ଜାରି ରହିଥିଲା। ଯାହାକି ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ପିଲାଙ୍କ ସହ କେନ୍ଦ୍ରରେ ପହଞ୍ଚିବା ପରେ କେନ୍ଦ୍ରର ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ପିଲାଙ୍କୁ କେନ୍ଦ୍ର



ଭିତରକୁ ନ ନେଇ ପାଖରେ ଥିବା ଦେବାଳୟରେ ଅଧ୍ୟୟନ ପାଇଁ ବସାଇ ସେକ୍ଟର ସୁପରଭାଇଜରଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟାଙ୍କୁ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ପରେ ସମସ୍ତଙ୍କ ପରାମର୍ଶ ଅନୁଯାୟୀ, ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କରିବା ସହ ଆଗରପଡ଼ା ଥାନାକୁ ମଧ୍ୟ ଅଭିଯୋଗ କରିଥିବା ଜଣାପଡ଼ିଛି।

ଉକ୍ତ କେନ୍ଦ୍ରକୁ ଲାଗି ବରହମପୁର ସରକାରୀ ନୋଡ଼ାଲ ବିଦ୍ୟାଳୟ ଥିବାରୁ ଏବଂ ଉକ୍ତ ବିଦ୍ୟାଳୟରେ ପାଖାପାଖି ୧୦୪ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାରୁ ଅଙ୍ଗନବାଡ଼ିରେ ଶିକ୍ଷାରତ ୨୨ଜଣ କୁନିକୁନି ପିଲାଙ୍କ ସହ ସେମାନେ ମଧ୍ୟ ଉକ୍ତ ସମସ୍ୟାକୁ ନେଇ ଆଶା ଓ ଆଶଙ୍କାରେ ରହୁଥିବା ଜଣାପଡ଼ିଛି। ଅଙ୍ଗନବାଡ଼ି

## ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତାରେ ଅଭିଭାବକ

କର୍ମୀଙ୍କ କହିବା ଅନୁଯାୟୀ, କେନ୍ଦ୍ରର ନିଜସ୍ୱ ଗୃହ ପ୍ରତିଷ୍ଠା ହେବା ପରଠାରୁ (୨୦୧୬-୧୭ ଆର୍ଥିକ ବର୍ଷ) ଏଠାରେ ଏହି ଭଳି ସମସ୍ୟା ଲାଗି ରହିଛି। ପ୍ରତିଦିନ କେନ୍ଦ୍ର ଖୋଲିବା ଆଗରୁ କେନ୍ଦ୍ର ପରିସରରୁ ମଦ୍ୟପମାନଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀକୁ ସଫା କରି ପରିସରକୁ ସୁସ୍ଥ କରିବାକୁ ପଡ଼ିଥାଏ। ସେ ଏହି ସମସ୍ୟାକୁ ଗାଁ କଲ୍ୟାଣ ସମିତି ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଇବାକୁ ପ୍ରୟାସ ଜାରି ରଖିଥିଲେ ମଧ୍ୟ ଅଧାବଧି ଏଥିରେ କୌଣସି ସୁଫଳ ପାଇ ପାରି ନଥିବା ପ୍ରକାଶ କରିଛନ୍ତି। ତେଣୁ ସ୍ଥାନୀୟ ପୁଲିସ ରାତ୍ରକାଳୀନ ପାଟ୍ରୋଲିଙ୍ଗକୁ କଡ଼ାକଡ଼ି କରି ଉକ୍ତ କେନ୍ଦ୍ର ପ୍ରତି ଦୃଷ୍ଟି ଦେଲେ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ କିଛି ପରିମାଣରେ କମି ପାରନ୍ତା ବୋଲି ଅଭିଭାବକାନେ ମତ ପୋଷଣ କରିଛନ୍ତି।

ମହିଳା ଓ ଶିଶୁଙ୍କର ସର୍ବାଙ୍ଗୀନ ଉନ୍ନତି ଲକ୍ଷ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଥିଲା। ଜନ୍ମଠାରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ଶିଶୁଙ୍କୁ ଟୀକାକରଣ, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା ଦୂରୀକରଣ, ଶିକ୍ଷା, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଆଦି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ରହିଛି। ଏହି କେନ୍ଦ୍ରର ପରିସରରେ ଦିନକୁ ଦିନ ସମସ୍ୟା ମାନ ବୃଦ୍ଧି ହେବାରେ ଲାଗିଥିବାରୁ ଏହି ସବୁ କାର୍ଯ୍ୟର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ କୁନିକୁନି ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ଓ କେନ୍ଦ୍ରର ଅନ୍ୟାନ୍ୟ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଏଠାରେ ଲାଗି ରହିଥିବା ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ଜନନାୟକ, ବିଭାଗୀୟ ଅଧିକାରୀ, ସ୍ଥାନୀୟ ନେତୃବୃନ୍ଦ ଏବଂ ଅଭିଭାବକମାନେ ଚେଷ୍ଟିତ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଜଙ୍ଗଲରେ ମିଳିତ ଚଢ଼ଉ

# ୧୨ ହଜାର ଗଞ୍ଜେଇ ଗଛ ନଷ୍ଟ

କେନ୍ଦୁଝର,୨୯।୧୧(ସମିସ): କେନ୍ଦୁଝର ବନଖଣ୍ଡ ଭୂୟାଁକୁଆଁଙ୍ଗ ପାଢ ରେଞ୍ଜ ଅଞ୍ଚଳ ଜଙ୍ଗଲରେ ଗଞ୍ଜେଇ ଚାଷ। ଗୁଇନ୍ଦା ତଥ୍ୟ ପାଇଁ ତିନୋଟି ବିଭାଗର ମିଳିତ ଚଢ଼ଉରେ ବଡ଼ ସଫଳତା ମିଳିଛି। କାଞ୍ଜିପାଣି ସେକ୍ସନ ଟାଙ୍ଗରଗଡ଼ା ଜଙ୍ଗଲରେ ବେଆଇନ ଭାବେ ଏକର ଏକର ପରିମିତ ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହୋଇଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା। ତଥ୍ୟ ଆଧାରରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡିଙ୍କ ନିର୍ଦ୍ଦେଶ ଆଧାରରେ କେନ୍ଦୁଝର ବନବିଭାଗ, କେନ୍ଦୁଝର ପୁଲିସ, ଅବକାରୀ ବିଭାଗର ମିଳିତ ଟିମ୍ ସେଠାରେ ଚଢ଼ଉ କରିଥିଲେ। ଅମଳ ହେବା ପୂର୍ବରୁ ୧୨ ହଜାରରୁ ଅଧିକ ବଡ଼ ଗଞ୍ଜେଇ ଗଛ ମିଳିତ ଟିମ ନଷ୍ଟ କରିଛି। ନଷ୍ଟ ଗଞ୍ଜେଇର ଆନୁମାନିକ ବଜାର ଦର ୨କୋଟିରୁ ଅଧିକ ହେବ ବୋଲି କୁହାଯାଉଛି।



ସୂଚନା ଅନୁସାରେ, ଶନିବାର ସକାଳୁ ଭୂୟାଁ କୁଆଁଙ୍ଗ ପାଢ ରେଞ୍ଜର ନୟନକାନ୍ତ ସାହୁ, କାଞ୍ଜିପାଣି ଫରେଷ୍ଟର ସାବିତ୍ରୀ ସାହୁ, ଫରେଷ୍ଟ ଗାର୍ଡ ଯୋଗେନ୍ଦ୍ର ନାୟକ, ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ, ସ୍କାଡ କର୍ମଚାରୀ, କାଞ୍ଜିପାଣି ଥାନାଧିକାରୀ ଉଦୟବୀର କୁଲୁ, ହାବିଲଦାର କେଦାରନାଥ ସେଠୀ, କନେଷ୍ଟବଲ ସୁଦର୍ଶନ ଦେହୁରୀ, ଉପେନ୍ଦ୍ର ନାୟକ, ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ରୋହିତ ନାୟକ ପ୍ରମୁଖଙ୍କ ସମେତ ତିନୋଟି ବିଭାଗର କର୍ମଚାରୀ ଚଢ଼ଉ କରିଥିଲେ। ସେଠାରେ ଜଙ୍ଗଲ ଭିତରେ ସୁବ୍ୟବସ୍ଥିତ ଭାବେ ପ୍ରାୟ ୫ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ କରାଯାଇଥିଲା। ଗଛଗୁଡ଼ିକୁ ମେସିନ ଏବଂ ଧାରୁଆ ଅସ୍ତ୍ରରେ କଟାଯିବା ପରେ ସେହିଠାରେ ପୋଡ଼ି ଦିଆଯାଇଥିବା ସୂଚନା ମିଳିଛି।

କେନ୍ଦୁଝର ଜିଲ୍ଲାର ବନବାସୀମାନେ ଏଭଳି ଗଞ୍ଜେଇ ଚାଷରୁ ପ୍ରାୟତଃ ଦୂରେଇ ରହୁଥିବାବେଳେ ବାହାର ଅଞ୍ଚଳର ଲୋକ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜଙ୍ଗଲ ଭିତରେ ଗଞ୍ଜେଇ ଚାଷ କରୁଥିବା ସନ୍ଦେହ କରାଯାଉଛି। ଏହି ଚଢ଼ଉରେ ୩ଟି ବିଭାଗର ମୋଟ ୫୦ ଜଣ ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ। ଅନୁଗୁଳ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳ କେନ୍ଦୁଝର ଜିଲ୍ଲା ବଂଶପାଳ ବ୍ଲକ କରଙ୍ଗାହିଡି ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରପଡା ଖେସରା ଜଙ୍ଗଲରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯିବା ପରେ ଅନ୍ୟ କେଉଁ ସ୍ଥାନରେ ଗଞ୍ଜେଇ ଚାଷ କରାଯାଉଛି ତାହା ଅନୁସନ୍ଧାନ କରାଯାଉଛି ବୋଲି ଭୂୟାଁ କୁଆଁଙ୍ଗ ପାଢ ରେଞ୍ଜର ନୟନକାନ୍ତ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ଅରଣ୍ୟ ଅଞ୍ଚଳ ପାଇଁ ଚିନ୍ତାର କାରଣ ହୋଇଛି।

## ତନେଇପାଳ ଜଙ୍ଗଲରେ ମିଳିଲା ବାଘ ପାଦଚିହ୍ନ





ଆନନ୍ଦପୁର, ୨୯।୧୧ (ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡରେ ବାଘ ଗଣନା ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ତନେଇପାଳ ଜଙ୍ଗଲରେ ଏକ କଳରାପଡିଆରେ ବାଘର ପାଦଚିହ୍ନ ଟ୍ରାପ କ୍ୟାମେରାରେ କଏଦ ହୋଇଥିବା ସୂଚନା ମିଳିଛି। ଏନେଇ ଆନନ୍ଦପୁର, ହଦଗଡ଼, ଦେଓଗାଁ, ବ୍ରାହ୍ମଣୀପାଳ ରେଞ୍ଜରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ହୋଇଥିବା ଡିଏଫଓ ପ୍ରଶାନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଚାରିଟି ରେଞ୍ଜର ବିଭିନ୍ନ ସ୍ଥାନରେ ୧୩୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି। ଅଳିକୁ କିଛିଦିନ ହେବ ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡରେ ଏକାଧିକ ସ୍ଥାନରେ ମହାବଳ ବାଘର ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଥିଲା। ଆନନ୍ଦପୁର ରେଞ୍ଜ ସିଂହନାଳୀ, ବାଙ୍ଗିଡ଼ି, ହଦଗଡ଼ ରେଞ୍ଜ ବରକୁଟି ପାହାଡ଼ ଏବଂ ଦେଓଗାଁ ରେଞ୍ଜ ଝିଙ୍କିପିଟା ଅଞ୍ଚଳରେ ବାଘ ପାଦଚିହ୍ନ ଠାବ ହୋଇଥିଲା। ଆନନ୍ଦପୁର ରେଞ୍ଜ ବୁଡ଼ୁକୁନ୍ଦ ପଞ୍ଚାୟତ ମଣ୍ଡପଡ଼ା ଗ୍ରାମରେ ମଙ୍ଗଳି ପଜରୁ ମଙ୍ଗଳି ଛୁଆକୁ ବାଘ ଟାଣିନେଇ ଶିକାର କରିଥିଲା। ସକାଳେ ଉକ୍ତ ଘରେ ଗଲେ ଏକ ମଙ୍ଗଳି ଛୁଆ ନଥିବା ଦେଖିବାକୁ ମିଳିଥିଲା। ଆନନ୍ଦପୁର ରେଞ୍ଜର ନବକିଶୋର ନାଏକ ଓ ଫରେଷ୍ଟର ତଦନ୍ତରେ ଜାଣିପାରିଥିଲେ।

## ଆମ୍ବୁଲାନ୍ସ ସେବାରେ ବାରମ୍ବାର ବିଭ୍ରାଟ: ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ମୃତ୍ୟୁ

ଆନନ୍ଦପୁର ୨୯।୧୧ (ସମିସ): ଦୁର୍ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଆସିଲାନି। ଆନନ୍ଦପୁର ଡାକ୍ତରଖାନାରୁ କଟକ ସ୍ଥାନାନ୍ତର ପାଇଁ ବି ଆମ୍ବୁଲାନ୍ସ ଆସିଲାନି। ସେଥିପାଇଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ଗୁରୁତର ଅଭିଯୋଗ ହୋଇଛି। ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡିହି ବ୍ଲକ ସୋସୋ ଥାନା ପିତାନାଉ ଗ୍ରାମରେ। ହଦଗଡ଼ ପଞ୍ଚାୟତ ପିତାନାଉ ଗାଁର ୬୦ ବର୍ଷ ବୟସ୍କା ସୁବା ସେନାପତି ନିଜ ସମ୍ପର୍କୀୟ ପୁତୁରାଙ୍କ ସହ ସନ୍ଧ୍ୟା ସମୟରେ ବାଇକ ଯୋଗେ ନିଜ ଘରକୁ ଫେରିବା ବାଟରେ ସଢା ନିକଟସ୍ଥ କରଞ୍ଜବାଟି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ଓ ସମ୍ପର୍କୀୟ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ ତିନି ଘଣ୍ଟା ପର୍ଯ୍ୟନ୍ତ ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଆସି ନଥିଲା। ତେଣୁ ସେମାନେ ବାଧ୍ୟ ହୋଇ ଅଟୋ ଦ୍ୱାରା ଆହତ ମହିଳାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରିଥିଲେ କିନ୍ତୁ ଏଠିବି ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। କଟକ ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସକୁ ଫୋନ ମାଧ୍ୟମରେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନଥିଲା। ଶେଷରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସୋସୋ ଥାନା ପୁଲିସ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।



## ଷ୍ଟାମ୍ପ୍ ଭେଣ୍ଡରଙ୍କ ନାମରେ ଅଭିଯୋଗ କଲେ ତହସିଲଦାର

ରାସଗୋବିନ୍ଦପୁର/ମୋରଡ଼ା,୨୯।୧୧(ସମିସ): ରାସଗୋବିନ୍ଦପୁର ତହସିଲ କାର୍ଯ୍ୟାଳୟ ଓ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ ପରୁଳିଆ ଗ୍ରାମର ଷ୍ଟାମ୍ପ ଭେଣ୍ଡର ନରେନ୍ଦ୍ର ଚାନ୍ଦ ବାରମ୍ବାର ବିଭିନ୍ନ କର୍ମଚାରୀଙ୍କୁ ଗାଳିଗୁଲଜ ସହିତ ଅଶାଳୀନ ଭାଷା ଓ ଦୁର୍ବ୍ୟବହାର କରୁଥିବା ନେଇ ରାସଗୋବିନ୍ଦପୁର ଥାନାରେ ତହସିଲଦାର ତଥା ସବରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଉପେନ୍ଦ୍ର କୁମାର ଦାସ ଲିଖିତ ଅଭିଯୋଗ କରିଛନ୍ତି। ଜମି କିଣାବିକାକୁ ନେଇ କହୋଳ ମନୋଭାବ ପୋଷଣ କରିବା ପାଇଁ ଚାପ ପକାଇବା ସହ ସବରେଜିଷ୍ଟ୍ରାର ଚାର୍ଜରେ ଥିବା ତହସିଲଦାର ସହିତ ବିଭାଗୀୟ କର୍ମଚାରୀଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଚାପ ପକାଇବାକୁ ଚେଷ୍ଟା କରୁଥିଲେ। ଏହାବ୍ୟତୀତ ତହସିଲ ଅଫିସରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀଙ୍କୁ ମଧ୍ୟ ଖରାପ ବ୍ୟବହାର କରିଆସୁଥିଲେ। ଫଳରେ ତହସିଲ ଓ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ କର୍ମଚାରୀ କାର୍ଯ୍ୟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସେହିପରି ନରେନ୍ଦ୍ର ମଧ୍ୟ ତହସିଲଦାରଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ରାସଗୋବିନ୍ଦପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି ବାଡି କିଣା ବିକାରେ ବ୍ୟାପକ ଭାବେ ଓଡିଶା ରେଜିଷ୍ଟ୍ରେସନ ଆଇନ ଉଲ୍ଲଂଘନ କରାଯାଇ ବହୁ ପ୍ରକାରର ବେନିୟମ କାର୍ଯ୍ୟ ଚାଲିଆସୁଥିବା ସହିତ ନିୟମ ଅନୁଯାୟୀ କାର୍ଯ୍ୟ ନ ହେବାରୁ ସାଧାରଣ ଲୋକେ ହୋଇରାଣ ହରକତ ହେଉଥିବା ଲିଖିତ ଅଭିଯୋଗ କରିଛନ୍ତି। ଭେଣ୍ଡରଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ତହସିଲଦାର ପ୍ରକାଶ କରିଥିବାବେଳେ ଷ୍ଟାମ୍ପ ଭେଣ୍ଡର ନରେନ୍ଦ୍ର ଚାନ୍ଦଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।



- ଅଶାଳୀନ ଭାଷା ଓ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ
- ପାଲଟା ଅଭିଯୋଗ କଲେ ଷ୍ଟାମ୍ପ ଭେଣ୍ଡର

## ତିରିଂ ଥାନାଞ୍ଚଳରେ ଗୋଟିଏ ରାତିରେ ୫ ସ୍ଥାନରୁ ଚୋରି



ବହଳଦା, ୨୯।୧୧ (ସମିସ): ତିରିଂ ଥାନା ଅଞ୍ଚଳରେ ଗୋଟିଏ ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ଦୋକାନରୁ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରାଇ ନେବା ସହିତ ଏକ ବାଇକ ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଗତ ରାତିରେ ଦୁର୍ବୃତ୍ତମାନେ ତିରିଂ ଡାକ୍ତରଖାନା ସମ୍ମୁଖରେ ଥିବା କଲ୍ୟାଣୀ ଔଷଧ ଦୋକାନରୁ ସଟର କାଟି ୪,୬୦୦ ଟଙ୍କା ଓ ନୂଆଗାଁରୁ ଏକ ବାଇକ ଚୋରି କରିଥିବାବେଳେ ତିରିଂ ମାର୍କେଟ କମ୍ପ୍ଲେକ୍ସରେ ଗୋଟିଏ ତେଜରାତି ଦୋକାନ ଓ ଜନସେବା କେନ୍ଦ୍ର ଓ ଚେଙ୍ଗଯୋଡା ଛକସ୍ଥ ଏକ ତେଜରାତି ଦୋକାନର ସଟର ଉଠାଇ ଟଙ୍କା ସହିତ ବିଭିନ୍ନ ସାମଗ୍ରୀ ଚୋରାଇ ନେଇଥିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଚୋରି ଘଟଣା ଗୋଟିଏ ରାତିରେ ଘଟିଥିବାବେଳେ ଔଷଧ ଦୋକାନ ଓ ଜନସେବା କେନ୍ଦ୍ରରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତଙ୍କ ଚୋରି ଘଟଣା କଏଦ ହୋଇଛି।

## ରାସ୍ତା କାମର ଅନୁଧ୍ୟାନ କଲେ ଜିଲ୍ଲାପାଳ

ରାଇରଙ୍ଗପୁର/ବିଶୋଇ,୨୯।୧୧(ସମିସ): ଜିଲ୍ଲାପାଳ ହେମକାନ୍ତ ସୟ ରାଇରଙ୍ଗପୁର ଉପଖଣ୍ଡ ଗସ୍ତରେ ଆସି ଦୁଇଟି ରାସ୍ତା ନିର୍ମାଣ କାମ ପରିଦର୍ଶନ କରିଛନ୍ତି। ବିଞ୍ଜୋଧର ଜଳ ପ୍ରପାତକୁ ଯାଇଥିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ଉକ୍ତ ଜଳପ୍ରପାତଟି ଜଙ୍ଗଲ ମଧ୍ୟରେ ଥିବାବେଳେ ଗମନାଗମନ ନେଇ ସୁବନ୍ଦୋବସ୍ତ ନାହିଁ। ଫଳରେ ଲୋକେ ଉକ୍ତ ସ୍ଥାନକୁ ଯାଇପାରୁନାହାଁନ୍ତି। ଉକ୍ତ ସ୍ଥାନକୁ ଗମନାଗମନ ବ୍ୟବସ୍ଥା ନେଇ ଜିଲ୍ଲାପାଳ ଶ୍ରୀ ସୟ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେହିପରି ଜିଲ୍ଲାପାଳ ଶଙ୍ଖାଭଙ୍ଗା-ବିଶୋଇ ଭାୟା ହାତୀଛାଡ଼ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦ୍ୱାରସୁଣି ଘାଟିରେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ଥିବା ଅନେକ ସମୟରେ ଜାମ ରହୁଛି। ତେବେ ତାହାକୁ ଦୂର କରିବା ପାଇଁ ଉକ୍ତ ରାସ୍ତା ହିଁ ଲୋକଙ୍କ ଚଳାଚଳ ମାଧ୍ୟମ ସାଜିଛି। ଏହାର ନିର୍ମାଣ କାମର ଜିଲ୍ଲାପାଳ ପରିଦର୍ଶନ କରି ଦେଖିଥିଲେ। ଅଧୀକ୍ଷଣ ଯନ୍ତ୍ରୀ, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ, ବିଶୋଇ ତହସିଲଦାର ଓ ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଉଭୟ ରାସ୍ତାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ରାସ୍ତା ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଖୁବଶୀଘ୍ର ସମ୍ପର୍ଣ୍ଣ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଟାଟା ଏସି ଧକ୍କାରେ ବାଇକ ଆରୋହୀ ଗୁରୁତର

ମୋରଡା,୨୯/୧୧(ସମିସ): ମୋରଡ଼ା ଥାନା ଅଧୀନ ପେଟ୍ରୋଲ ପମ୍ପ ନିକଟରେ ଶନିବାର ସନ୍ଧ୍ୟାରେ ଟାଟା ଏସି ଓ ବାଇକ ମଧ୍ୟରେ ଧକ୍କା ହୋଇ ବାଇକ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ ଚାଳକ ହେଲେ ମୋରଡା ଥାନା ପାରିଆକୁଲି ସରାଶୋଳର ରତନ ଟୁଡୁ। ରତନ ଏକ ବାଇକ ଯୋଗେ ଦୁଇଜଣ ସାଙ୍ଗଙ୍କ ସହିତ ମୋରଡାକୁ ଯାଉଥିବାବେଳେ ପେଟ୍ରୋଲ ପମ୍ପ ନିକଟରେ ଟାଟା ଏସିକୁ ଧକ୍କା ଦେବା ଫଳରେ ରତନ ଗୁରୁତର ଆହତ ହେବାରୁ ତାଙ୍କୁ କିଶାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଇଟାରେ ଛେଚି ଯୁବକଙ୍କୁ ହତ୍ୟା; ଅଭିଯୁକ୍ତ ଗିରଫ

କୁଆମରା,୨୯।୧୧(ସମିସ):ଖୁଣ୍ଟା ଥାନା ଅଞ୍ଚଳରେ ଗତ ଗୁରୁବାର ଘଟିଥିବା ହତ୍ୟାକାଣ୍ଡର ଅଭିଯୁକ୍ତକୁ ଆଜି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ୩୮୦/୨୫ରେ ନରହତ୍ୟା ମାମଲା ରୁଜୁ କରିଛି ପୁଲିସ। ହତ୍ୟାକାଣ୍ଡର ବନ୍ଧୁ ସାଜିଛି ବଇରି। ଏହି ଥାନା ଅନ୍ତର୍ଗତ ସାନଖୁଣ୍ଟା ସାନଖୁଣ୍ଟା ପଞ୍ଚାୟତ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମ (୩୫) ଓ ଭୁଡୁରୁକୁଲା ଗ୍ରାମର ମଙ୍ଗଳ ମୁର୍ମୁ (୨୫) ଦୁଇ ସାଙ୍ଗ। ଗୁରୁବାର ଅପରାହ୍ନରେ ଖୁଣ୍ଟା ସାପ୍ତାହିକ ହାଟକୁ ଆସି ଗଣେଶ ମାଂସ ବିକ୍ରି କରିଥିଲେ। ସନ୍ଧ୍ୟା ପରେ ପଇସା ପତ୍ର ହିସାବ ଓ ଦେଣନେଣକୁ ନେଇ ଉଭୟ ସାଙ୍ଗ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଘରକୁ ଫେରୁଥିବାବେଳେ ରାସ୍ତାରେ ଦୁଇ ସାଙ୍ଗଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଓ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ମଙ୍ଗଳ ଉତ୍ୟକ୍ତ ହୋଇ ସାଙ୍ଗ ଗଣେଶର ମୁଣ୍ଡରେ ଏକ ଇଟା ଛେଚି ଦେବାରୁ ଘଟଣା ସ୍ଥଳରେ ଗଣେଶଙ୍କର ମୃତ୍ୟୁ ଘଟିଥିଲା। ତେବେ ମଙ୍ଗଳ ଭୟରେ ସାଙ୍ଗକୁ ଛାଡି ସେଠାରୁ ଫେରାର ହୋଇଯାଇଥିଲା। ଶୁକ୍ରବାର ସକାଳେ ଘଟଣା ଜଣାପଡିବା ପରେ ଖୁଣ୍ଟା ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଏସପି ବରୁଣ ଗୁଣ୍ଟୁପାଲି, ଉଦଳା ଉପଖଣ୍ଡ ପୁଲିସ ଅଧିକାରୀ ହୃଷିକେଶ ନାୟକଙ୍କ ସମେତ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିଲେ। ୪ ଜଣଙ୍କୁ ପୁଲିସ ଛାଡି ଦେଇଥିବାବେଳେ ଅଭିଯୁକ୍ତ ମଙ୍ଗଳ ମୁର୍ମୁକୁ କୋର୍ଟ ଚାଲାଣ କରାଯାଇଛି।

### ବେଆଇନ ଗଚ୍ଛିତ ବାଲି ନିଲାମ କଲା ମାଇନିଂ ବିଭାଗ

## ୧୨୦ କ୍ୟୁବିକ୍ ମିଟର ବାଲି ୧ ଲକ୍ଷ ୯ ହଜାରରେ ନିଲାମ



ମୋରଡ଼ା,୨୯।୧୧(ସମିସ): ମୋରଡ଼ା ଥାନା ଅନ୍ତର୍ଗତ ରୁକୁଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଅଳ୍ପ ଦୂରରେ ବେଆଇନ ଭାବେ ଗଚ୍ଛିତ ଥିବା ବାଲିକୁ ଶନିବାର ନିଲାମ କରିଛି ମାଇନିଂ ବିଭାଗ। ଜୁନିୟର ମାଇନିଂ ଅଫିସର ଭବାନୀ ଶଙ୍କର ପାତ୍ରଙ୍କ ସୂଚନା ମୁତାବକ, ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡାଙ୍କ ନିର୍ଦ୍ଦେଶକ୍ରମେ ଏକ ଟାସ୍କଫୋର୍ସ ଟିମ ଉକ୍ତ ଗଚ୍ଛିତ ବାଲି ଉପରେ ଚଢ଼ଉ କରିଥିଲେ। ସେଠାରେ ୧୨୦ କ୍ୟୁବିକ ମିଟର ବାଲି ଥିବାବେଳେ ନିଲାମରେ ଚାରିଜଣ ଭାଗ ନେଇଥିଲେ। ଏକ କ୍ୟୁବିକ ମିଟର ବାଲିକୁ ପ୍ରଶାସନ ୯୧୬ ଟଙ୍କା ରଖିଥିବାବେଳେ ଜଣେ ବିଡର ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେଇ ଉକ୍ତ ବାଲି କିଣି ନେଇଛି।

## ଜାତୀୟ ମହିଳା ଆୟୋଗ ସଦସ୍ୟାଙ୍କ ମୟୂରଭଞ୍ଜ ଗସ୍ତ

ବାରିପଦା, ୨୯ ।୧୧(ସମିସ): ଜାତୀୟ ମହିଳା ଆୟୋଗ ସଦସ୍ୟା ଡା ଅର୍ଚ୍ଚନା ମଜୁମଦାର ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ବିଭାଗୀୟ ଅଧିକାରୀଙ୍କ ସହ ମହିଳାଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ଓ ମହିଳାଙ୍କ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ସେ ଶାମାଖୁଣ୍ଟା ବ୍ଲକ୍‌ର ରଙ୍ଗାମାଟିଆଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମହିଳାଙ୍କ ଏକ ସଭାରେ ଭାଗନେଇ ସେମାନଙ୍କ ସହ ୱାନଷ୍ଟପ ସେଣ୍ଟର, ଶକ୍ତି ସଦନ, ସଖୀ ନିବାସ, ୧୮୧ ମହିଳା ସହାୟତା, ମାତୃ ମୃତ୍ୟୁହାର, ବାଲ୍ୟ ବିବାହ, ଅଳ୍ପ ବୟସରେ ମା ହେବାର କୁପରିଣାମ ଓ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ସଭାରେ ଜିଲ୍ଲାପାଳ ହେମକାନ୍ତ ସଏ ମହିଳାଙ୍କ ନିମନ୍ତେ ଥିବା ସରକାରୀ ଯୋଜନା ସମ୍ବନ୍ଧରେ ମହିଳାଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକାରୀ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।



## ମୋରମ ଓ ବାଲି ବୋଝେଇ ଟ୍ରାକ୍ଟର ଜବତ

ମୋରଡ଼ା/ଶୁଳିଆପଦା,୨୯।୧୧(ସମିସ): ବାଲି ମାଫିଆ ତହସିଲଦାରଙ୍କୁ ମାଡ ମାରିବା ଓ ପୁଲିସକୁ ଆକ୍ରମଣ କରିବା ଘଟଣା ସାମ୍ନାକୁ ଆସିବା ପରେ ପୁଲିସ ବିଭିନ୍ନ ବେଆଇନ ଘାଟ ଉପରେ ଚଢ଼ଉ କରିଛି। ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ସୂଚନା ମୁତାବକ, ଗଡିଆ ଘାଟରେ ତିନୋଟି ଟ୍ରାକ୍ଟର ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଖବର ପାଇ ପୁଲିସ ଟିମ ଘାଟକୁ ପହଞ୍ଚିଲା ବେଳକୁ ଦୁଇଟି ଟ୍ରାକ୍ଟର ପୁଲିସକୁ ଦେଖି ଖସି ପଳାଇଥିଲେ। ତେବେ ଗୋଟିଏ ଟ୍ରାକ୍ଟରକୁ ପୁଲିସ ଜବତ କରିଥିବାବେଳେ ଘଟଣାସ୍ଥଳରୁ ଡ୍ରାଇଭର ଚମ୍ପଟ ମାରିଛି। ଯାହାକୁ ନେଇ ୧୮୪/୨୫ରେ ମାମଲା ରୁଜୁ କରାଯାଇଛି। ସେହିପରି ଗଡିଆ ପଞ୍ଚାୟତର ବାଦଡାରୁ ଚୋରାରେ ଚାଲାଣ ହେଉଥିବା ମୋରୋମ ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ୧୮୫/୨୫ରେ ମାମଲା ରୁଜୁ କରିଛି ପୁଲିସ। ତେବେ ଥାନା ଅଧିକାରୀ ଫେରାର ଦୁଇଟି ଟ୍ରାକ୍ଟର ନାମରେ ୧୮୬ ଓ ୧୮୭ରେ ଦୁଇଟି ମାମଲା ରୁଜୁ କରାଯାଇଛି।



### ● ବରିଷ୍ଠ ନାଗରିକ ତୀର୍ଥ ଯୋଜନା

## ନିଖୋଜ ତୀର୍ଥଯାତ୍ରୀଙ୍କ ସନ୍ଧାନ ପାଇଲା ପ୍ରଶାସନ

କେନ୍ଦୁଝର, ୨୯।୧୧(ସମିସ): ବାରାଣାସୀରୁ ବରିଷ୍ଠ ନାଗରିକ ତୀର୍ଥ ଯୋଜନା ଯାତ୍ରାରେ ନିଖୋଜ ହୋଇଯାଇଥିବା ତେଲକୋଇ ବ୍ଲକ ଅନ୍ତର୍ଗତ ଟାଙ୍ଗିରୀର ଜଗନ୍ନାଥ ନାୟକଙ୍କୁ ଉତ୍ତରପ୍ରଦେଶର ବାଲିଆ ଜିଲ୍ଲାର ସୁଲତାନପୁରରେ ଚିହ୍ନଟ କରାଯାଇଛି। ସୁଲତାନପୁର ପୋଲିସର ସର୍ଚ୍ଚ ଅପରେସନ୍ ଦ୍ୱାରା ଏହି ସଫଳତା ସମ୍ଭବ ହୋଇଥିବା ପ୍ରଶାସନ କହିଛି। ବାରାଣସୀର ସାରନାଥରୁ ନଭେମ୍ବର ୮ରୁ ଶ୍ରୀ ନାୟକ ନିଖୋଜ ଥିଲେ। ରାତିରେ ବିଶ୍ରାମ ନେବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ସେ କାହାରିକୁ ନ ଜଣାଇ ରହଣି ସ୍ଥାନରୁ କେଉଁଆଡେ ଚାଲି ଯାଇଥିଲେ। ସେହିଦିନ ରାତି ୨:୩୦ ପର୍ଯ୍ୟନ୍ତ ତୁରନ୍ତ ଖୋଜାଖୋଜି ଆରମ୍ଭ ହୋଇଥିଲା ଏବଂ ପରଦିନ ସାରନାଥ ପୁଲିସ ଷ୍ଟେସନରେ ଏଫଆଇଆର ରୁଜୁ କରାଯାଇଥିଲା। ଏହି ପ୍ରସଙ୍ଗରେ ଶୀଘ୍ର କାର୍ଯ୍ୟ କରି କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ରମେଶ ନାୟକ ଏବଂ ତାଙ୍କ ଦଳଙ୍କୁ ଉତ୍ତରପ୍ରଦେଶକୁ ଯାଇ ଆଇଆରସିଟିସି ଅଧିକାରୀ, ଓଡିଶା ସରକାରୀ ଏସକର୍ଟ ଅଧିକାରୀ ଏବଂ ସ୍ଥାନୀୟ ସହାୟକ କର୍ମଚାରୀଙ୍କୁ ନେଇ ଏକ ମିଳିତ ଦଳ ଗଙ୍ଗା ଘାଟ, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ମନ୍ଦିର, ଭଣ୍ଡାର, ବୃଦ୍ଧାବୃଦ୍ଧ ଘର ଏବଂ ନିକଟବର୍ତ୍ତୀ ଗ୍ରାମ ସମେତ ପ୍ରମୁଖ ସ୍ଥାନଗୁଡିକରେ ବ୍ୟାପକ ଅନୁସନ୍ଧାନ କରିଥିଲେ। ସର୍ଚ୍ଚ ପ୍ରୟାସକୁ ଜୋରଦାର କରିବାକୁ ଓଡ଼ିଶା ସରକାର ପୁଲିସ କମିସନର ବାରାଣାସୀଙ୍କୁ ମଧ୍ୟ ଅନୁରୋଧ କରିଥିଲେ। ଜନସାଧାରଣଙ୍କ ଅଭିଯୋଗ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା। ସର୍ଚ୍ଚ ଅପରେସନରେ ଯୋଗ ଦେଇଥିବାବେଳେ ନିଖୋଜ ବ୍ୟକ୍ତିଙ୍କ ପୁଅ ବାରାଣାସୀରେ ରହି ଦଳ ସହ ଖୋଜାଖୋଜି ଜାରି ରଖିଥିଲେ। ୧୧ରୁ ୨୫ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ, ସର୍ଚ୍ଚ ଅପରେସନ୍ ତଦାରଖ କରି ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶରେ ତିନୋଟି ଉତ୍ସର୍ଗୀକୃତ ଦଳ ଗଠନ ହୋଇଥିଲା। ନିଖୋଜ ବ୍ୟକ୍ତିଙ୍କ ପୁଅ ସହିତ ଗୋଟିଏ ଦଳ ଶ୍ରୀ ନାୟକଙ୍କ ସଫଳ ସ୍ଥାନ ପର୍ଯ୍ୟନ୍ତ ନିରନ୍ତର ଅନୁସନ୍ଧାନ ଜାରି ରଖିଥିଲେ।



## ବଞ୍ଝୋ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

ହାଟଡିହୀ,୨୯।୧୧(ସମିସ): ବଞ୍ଝୋ ସରସ୍ୱତୀ ଶିଶୁ ମନ୍ଦିରରେ ଗତ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବଞ୍ଝୋ ସରପଞ୍ଚ ପ୍ରଶାନ୍ତ ରାଉତ ଉଦଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ଚିନ୍ତାମଣି ରାଉତ, ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ମଦନ ପାଢ଼ୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ପ୍ରାକ୍ତନ ଶିକ୍ଷକ ଦୟାନିଧି ରାଉତ, ସମାଜସେବୀ ନନ୍ଦକିଶୋର ନାୟକ ପ୍ରମୁଖ ଏହି କ୍ରୀଡ଼ା ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ଜେନା ଶପଥ ପାଠ କରାଇବା ସହ ସମସ୍ତ ଗୁରୁଜୀଗୁରୁମା ଖେଳ ପରିଚାଳନା କରିଥିଲେ।

### ନାକଝରୀ ଗ୍ରାମର ୨୫ ଜନଜାତି ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ

# ୧୭ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଚେତାବନୀ

ଶରତ/ମହୁଲଡିହା, ୨୯।୧୧ (ସମିସ): ନାକଝରୀ ଗ୍ରାମର ୨୫ ଜନଜାତି ପରିବାର ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଭଳି ମୌଳିକ ସେବା ପାଇବାରୁ ବଞ୍ଚିତ ଅଛନ୍ତି। ସୂର୍ଯ୍ୟ ଅସ୍ତ ହେବା ଆଗରୁ ଏହି ଗ୍ରାମଟି ଅନ୍ଧକାର ହୋଇଯାଏ। ସ୍ୱାଧୀନତାର ସାତ ଦଶନ୍ଧି ବିତିଯାଇଥିଲେ ସୁଦ୍ଧା ଏହି ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଏଠିକାର ଜନସାଧାରଣ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ଆଜି ମଧ୍ୟ ବଞ୍ଚିତ ହୋଇଛନ୍ତି। ଏମାନେ ଶିକ୍ଷା ଓ ସଭ୍ୟ ଜଗତରୁ ବହୁ ଦୂରରେ ରହିଛନ୍ତି। ଏହି ଗ୍ରାମଟି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ଗ୍ରାମରେ ଅବସ୍ଥିତ। ଗ୍ରାମବାସୀ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ହୋଇଥିବା ପ୍ରସଙ୍ଗ ଆମ ଶରତ 'ସକାଳ' ପ୍ରତିନିଧି ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ଏହି ପ୍ରସଙ୍ଗରେ ଫୋନ ଯୋଗେ ପଚାରିଥିଲେ ଓ ଆପଣଙ୍କ ଦ୍ୱାରା ମୁଁ ଖବର ପାଇଲି ବୋଲି କହିବା ସହିତ ଠାକୁରମୁଣ୍ଡା ବିଦ୍ୟୁତ ବିଭାଗ ସହିତ ଯୋଗାଯୋଗ କରି ଉକ୍ତ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଚେଷ୍ଟା କରିବୁ ବୋଲି କହିଛନ୍ତି। ତେବେ ସମସ୍ୟା ସମାଧାନ ହୋଇ ନ ପାରିଲେ ଡିସେମ୍ବର ୧୭ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ନାକଝରୀ ଗ୍ରାମର ଯୁବ ସମାଜସେବୀ ଶିବ ଗାଗାରାଇ, ସୋମା ଗାଗାରାଇ, ମିନତୀ ମହାକୁଡ, ପାତର ବଦରା, ନବୀନ ମୁଣ୍ଡରୀ, ଡିବା ମହାକୁଡ, ବୀଣା ଗାଗାରାଇ, ମଠାଏ ବଦରା, ମେଚ ଗାଗାରାଇ ପ୍ରମୁଖ ଚେତାବନୀ ଦେଇଛନ୍ତି।





## ସେନ୍‌ସର ପ୍ରତୀକ୍ଷାରେ 'ଅପେକ୍ଷା'

### ଆକର୍ଷିତ କରିବ ହ୍ୟୁମାନଙ୍କ ଗୀତ

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'ର ପ୍ରଯୋଜକ ଡ. କେ. ତମନ୍ନା. ସେନ୍‌ସର ଅପେକ୍ଷାରେ ଅଛନ୍ତି । ନୂଆପିଢ଼ିର ନାୟକ ସାର୍ଥକ ଏବଂ ନାୟିକା ଶୁଭାଙ୍ଗୀଙ୍କୁ ଏଥିରେ ଦେଖିବାକୁ ମିଳିବ । ପୂର୍ବରୁ ଡ. କେ ତମନ୍ନା ଅନେକ ତେଲୁଗୁ ଚଳଚ୍ଚିତ୍ର କରିସାରିଛନ୍ତି । ଓଡ଼ିଆରେ 'କଟକ ୱେଡ୍ସ ସମ୍ବଲପୁର' ଏବଂ 'ମହାବାହୁ' ପରି ଚଳଚ୍ଚିତ୍ର ଯୁଗ୍ମ ପ୍ରଯୋଜକ ଭାବେ ନିର୍ମାଣ କରିଥିଲେ । ଏବେ ନିଜସ୍ୱ ବ୍ୟାନର Studio 3Sixty5 ରେ ପ୍ରଯୋଜିତ 'ଅପେକ୍ଷା'ର ସେନ୍‌ସର ପାଇଁ ଅପେକ୍ଷା କରିଛନ୍ତି । ସମସ୍ତ କଳାକାର ଓ ନିର୍ଦ୍ଦେଶକ ଏ ଫିଲ୍ମ ପାଇଁ ଢେର୍ ପରିଶ୍ରମ ମଧ୍ୟ କରିଛନ୍ତି । ତେବେ ଫିଲ୍ମଟି ରିଲିଜ୍ ହେଲେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କଳାକାର, ନିର୍ଦ୍ଦେଶକଙ୍କ ପରିଚୟ ଓ ପ୍ରତିଷ୍ଠା ନିଶ୍ଚୟ ବଢ଼ିବ । ଏହି ସିନେମାରେ ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ଗୁଡ୍ଡୁ ପ୍ରମୁଖ ଅଭିନୟ କରିଛନ୍ତି । ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ । କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବାବେଳେ ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି । ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ । ସିନେମାର ରୋମାଣ୍ଟିକ୍ ଦୃଶ୍ୟ ସହିତ ପ୍ରେତାତ୍ମାର ଦୌରାତ୍ମ୍ୟ ଓ ହ୍ୟୁମାନ ସାଗରଙ୍କ ଗୀତଗୁଡ଼ିକ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ । ■




## 'ଲଢ଼େଇ'କୁ 'ଏ' ସାର୍ଟିଫିକେଟ୍



ସେନ୍‌ସର ସାର୍ଟିଫିକେଟ ନ ମିଳିବା କାରଣରୁ ନିର୍ଦ୍ଧାରିତ ତାରିଖରେ ଓଡ଼ିଆ ସିନେମା 'ଲଢ଼େଇ' ମୁକ୍ତିଲାଭ କରିପାରି ନଥିଲା । ତେବେ ଏହାକୁ 'ଏ' ସାର୍ଟିଫିକେଟ ମିଳିବା ସହ ଡିସେମ୍ବର ୩୧ ତାରିଖରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଡିଆର୍‌ଏସ୍ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ପୁନର୍ବାର ଘୋଷଣା କରାଯାଇଛି । ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରୁଛନ୍ତି । ଜବରଦସ୍ତ ଲୁକ୍ ଓ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସହିତ ଫିଲ୍ମରେ ନଜର ଆସିବେ ଲୋହିତାକ୍ଷ । ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ତାଙ୍କ ବିପକ୍ଷରେ ନାୟିକା ସାଜୁଛନ୍ତି ନବାଗତା ଅଭିଲିପ୍ସା । 'ଲଢ଼େଇ' ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ । ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା । ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ । ଏହାର ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି । ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି ୱାର୍ଡସ୍ମିଥଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକରେ କଣ୍ଠ ଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱର୍ଣ୍ଣ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ପ୍ରମୁଖ ସମସ୍ତ ଆଗଧାଡ଼ିର କଣ୍ଠଶିଳ୍ପୀ । ରାପର ଆଡିହ୍ୱନଙ୍କ ଦ୍ୱାରା ଶୀର୍ଷକ ଗୀତରେ ଏକ ଚମତ୍କାର ରାପ୍ ମଧ୍ୟ ସଂଯୋଜିତ ହୋଇଛି । ଚଳଚ୍ଚିତ୍ରରେ ସମୁଦାୟ ୪ଟି ଗୀତ ସ୍ଥାନିତ ହୋଇଛି । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ । 'ଲଢ଼େଇ' ସାରା ଓଡ଼ିଶାରେ ପାଖାପାଖି ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଥିବା ବେଳେ ରାଜ୍ୟ ବାହାରେ ମୁମ୍ବାଇ, ଗୋଆ, ପୁନେ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ମଧ୍ୟ ମୁକ୍ତିଲାଭ କରିବାର ଯୋଜନା ରହିଛି । ■



## ଆଇଟମ୍ ଗୀତରେ ସୂର୍ଯ୍ୟମୟୀ

ନାୟିକାମାନେ ଆଇଟମ୍ ଗୀତରେ ଅଭିନୟ କରିବା କିଛି ନୂଆ କଥା ନୁହେଁ । କିନ୍ତୁ ଅଭିନେତ୍ରୀ ସୂର୍ଯ୍ୟମୟୀ ଏକ ଆଇଟମ୍ ଗୀତରେ ଅଭିନୟ କରିଛନ୍ତି । ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି । ଫିଲ୍ମ 'ରକ୍ତ ଗୋଲାପ'ରେ ରହିଛି ଏହି ଚର୍ଚ୍ଚିତ ଆଇଟମ୍ ଗୀତ । ସମ୍ବଲପୁରୀ ଫ୍ଲେବର୍ ସାଙ୍ଗକୁ ସୂର୍ଯ୍ୟମୟୀଙ୍କ ଠୁମକା ଦର୍ଶକଙ୍କ ମନ କିଣି ନେବ ନିଶ୍ଚୟ । 'ପାତଲ ଘଣ୍ଟା...' ଶୀର୍ଷକ ଏ ଗୀତଟିକୁ ରଚନା କରିଛନ୍ତି ରଞ୍ଜନ ନାୟକ । ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ । ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ । ଏହି ଗୀତ ଏବଂ ଏଥିରେ ସୂର୍ଯ୍ୟମୟୀଙ୍କ ଉପସ୍ଥିତି ଚଳଚ୍ଚିତ୍ର ପାଇଁ ୟୁଏସ୍‌ଏସ୍‌ପି ସାଜିବ ବୋଲି କୁହାଯାଉଛି । ■

### ଟେଲିଭିଜନ ପ୍ରିମିୟର

## 'ବୋହୂ ୪୨୦'

ନଭେମ୍ବର ୩୦ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ 'ବୋହୂ ୪୨୦' । 'ଆଦି ଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ତଥା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କ ଦ୍ୱାରା ନିର୍ମିତ ଏବଂ ରାଶେସ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିରେ ସସପେନ୍ସ, ଥ୍ରୀଲର ସହ ସାମାଜିକ ପ୍ରାସଙ୍ଗିକତାର ଏକ ଆକର୍ଷଣୀୟ ମିଶ୍ରଣ ରହିଛି । 'ବୋହୂ ୪୨୦' ହେଉଛି କସ୍ତୁରୀ ନାମକ ଜଣେ ଝିଅର ରୋମାଞ୍ଚକର ଜୀବନ ଯାତ୍ରାକୁ ନେଇ ଏକ ସୁନ୍ଦର କାହାଣୀ । ଫିଲ୍ମରେ ନିକିତା ମିଶ୍ର ଏବଂ ଜ୍ୟୋତି ପ୍ରକାଶ ପଣ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ପୁଷ୍ପା ପରିଡ଼ା, ସତ୍ୟ ରଂଜନ ବଳ ଏବଂ ଉମାକାନ୍ତ ନାୟକଙ୍କ ଲିଖିତ ଗୀତ ଗୁଡ଼ିକକୁ ସଙ୍ଗୀତରେ ସଜାଇଛନ୍ତି ଶାନ୍ତନୁ ନାୟକ ଓ କଣ୍ଠ ଦାନ କରିଛନ୍ତି ଚିରାଗ ଦୀପ, ଅଭିଜିତ୍, ଗୀତିଶ୍ରୀ, ପ୍ରିୟମ୍ବଦା ଓ ଅରୁତୋଷ । କାହାଣୀ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା । ■



## 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ନୂଆ ସିଜିନ୍ ପ୍ରସାରଣ

ଜୀ ସାର୍ଥକରେ ନଭେମ୍ବର ୨୯ ତାରିଖରେ ଓଡ଼ିଶାର ସବୁଠୁ ବଡ଼ ଡାନ୍ସ ରିଆଲିଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ଏକ ନୂଆ ସିଜିନ୍ ପ୍ରସାରଣ ଆରମ୍ଭ ହୋଇଛି । ଏହାକୁ ଏବେ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ' ଭାବରେ ପୁନଃକଳ୍ପିତ କରାଯାଇଛି । ଏହି ସିଜିନ୍ ରୋମାଞ୍ଚକର ହୋଇଛି । କାରଣ ପ୍ରଥମଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରିଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ିବାର ପ୍ରୟାସ କରାଯାଇଛି ଏହି ଡ୍ୟାନ୍ସ ରିଆଲିଟି ଶୋ' । ଏହି ଶୋ' ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୯:୩୦ରେ ପ୍ରସାରିତ ହେବ । ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ରଙ୍ଗବତୀ ୨.୦ ଏବଂ ଲଚକମଣି ୨.୦ ନାଁରେ ଦୁଇଟି ଦଳ ଗଠନ କରାଯାଇଛି । ସେଲିବ୍ରିଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ଲଭରିନ, ସୁଲଗ୍ନା, ହିତେସା, ମାନସୀ ପ୍ରମୁଖ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ଲିଟିଲ୍ ମାଷ୍ଟର୍ସ ଯୋଡ଼ିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଏକ ନୂତନ ଅନୁଭୂତି ଆଣିବେ । ଏହି ଶୋ'କୁ ସୁଜିତ ପାଇକରାୟ ହୋଷ୍ଟ କରିଛନ୍ତି । ବିଚାରକ ପ୍ୟାନେଲରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି । ଅନ୍ୟପଟେ ଏହି ଶୋ'ରେ ଏକ ସ୍ୱତନ୍ତ୍ର ସ୍ୱାଦ ଯୋଡ଼ିବେ ୟୁଟ୍ୟୁବ୍ କମେଡି ସେନସେସନ୍ ରାଜୁ ଦାସ (ସାହୁ ବାବୁ ଫେମ) ଏବଂ ଏହି ମଞ୍ଚରେ ସାହୁ ଭେରାଇଟି ଷ୍ଟୋର୍ ଏକ ମନୋରଞ୍ଜନକାରୀ ଖୋରାକ ଯୋଗାଇବା ସହ ସାହୁ ବାବୁ ଭରିଛନ୍ତି କମେଡିର ତଡ଼କା । ■



### ସାକ୍ଷାତ

## "ସିନେମାରେ ଅଭିନୟ କରିବାର ଲକ୍ଷ୍ୟ ରହିଛି"

**ରୋମ୍ୟାଞ୍ଜଳି, ଅଭିନେତ୍ରୀ**



**ଭାରତୀୟ ସେନାରେ ଯୋଗ ଦେବାକୁ ସେ ସ୍ୱପ୍ନ ଦେଖିଥିଲେ । ଏନ୍‌ସିସିରେ ଭାଗ ନେଉଥିଲେ । ଫାଙ୍କା ସମୟ ଦେଖି ଟିକ୍‌ଟକ୍‌ରେ ଭିଡିଓ ତିଆରି କରିବା ଆରମ୍ଭ କଲେ । ଟିକ୍‌ଟକ୍‌ରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା । ସୌଭାଗ୍ୟବଶତଃ ଟିକ୍‌ଟକ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ମିଳିଥିଲା । ବର୍ତ୍ତମାନ ଆଲବମ୍ ଜଗତର ଜଣେ ଜଣାଶୁଣା ନାୟିକା ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର ଭୁବନର ରୋମ୍ୟାଞ୍ଜଳି । ସେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି । ତାଙ୍କ ଅଭିନୀତ 'ରସ ଜାମୁଡ଼ାଳି', 'ସେଦିନୁ ମୁଁ ହୁନୁ ହୁନୁ', 'ଧାକୁଲୁ ଧାକୁଲୁ ହାର୍ଟ', 'ରଙ୍ଗବତୀ ନାଚ', 'ପରଦେଶୀୟା ରାଜା', 'ମତେ ବୁଲେଇ ନେବୁ କି ସମ୍ବଲପୁର' ଆଦି ମ୍ୟୁଜିକ୍ ଭିଡ଼ିଓ ଦର୍ଶକଙ୍କ ହୃଦୟକୁ ଅଧିକ ଛୁଇଁଥିଲା । ରୋମ୍ୟାଞ୍ଜଳିଙ୍କ ନୃତ୍ୟ ଓ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କରି ମୁହଁରୁ ।**

**କଳା ଦୁନିଆକୁ କାହିଁକି ବାଛିଲେ?**

ଛୋଟ ବେଳୁ ମୋର ଇଚ୍ଛା ଥିଲା ମୁଁ ଭାରତୀୟ ସେନାରେ ଯୋଗ ଦେବି । ସ୍କୁଲରୁ କଲେଜ ଏନ୍‌ସିସିରେ ଭାଗ ନେଉଥିଲି । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବି ପଢ଼ା ଚାଲିଥିଲା । ୨୦୨୦ ମସିହାରେ ଟିକ୍‌ଟକ୍‌ରେ ଭିଡିଓ ବନାଇବା ଆରମ୍ଭ କରିଲି । ମୋ ଭିଡିଓ ଅନେକଙ୍କୁ ପସନ୍ଦ ଆସିଲା । ଏହା ପରେ ଯେତେବେଳେ ଟିକ୍‌ଟକ୍ ବ୍ୟାନ୍ ହୋଇଗଲା ସେତେବେଳକୁ ପ୍ରେମ ଦର୍ଶନ ପକ୍ଷରୁ ମୋତେ ମ୍ୟୁଜିକ୍ ଆଲବମ୍ କରିବାକୁ ସୁଯୋଗ ମିଳିଲା । 'ଦେଖିଛୁ ତ ପ୍ରେମ ମୋର ଏବେ ଘୃଣା ଦେଖିବୁ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ । ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିବା ସମୟରେ ଟିକେ ନର୍ଭସ ଥିଲି । ଏହି ମ୍ୟୁଜିକ୍ ଭିଡିଓ ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ । ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛି ।

**ରିଆଲିଟି ଶୋ'ରେ ନଜର ଆସୁଛନ୍ତି, ଏହାର କାରଣ କ'ଣ?**

ଅନେକ ମ୍ୟୁଜିକ୍ ଭିଡିଓରେ କାମ କଲା ପରେ ଦର୍ଶକଙ୍କ ସହିତ ସିଧାସଳଖ ଯୋଡ଼ି ରହିବାକୁ ରିଆଲିଟି ଶୋ'ରେ ଭାଗ ନେଉଛି । ତରଙ୍ଗ ଏବଂ ଜୀ ସାର୍ଥକ ଚ୍ୟାନେଲର 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ଏବଂ 'କିଚେନ୍ ହଙ୍ଗାମା'ରେ ଭାଗ ନେଇ ମୁଁ ମୋର ଅନ୍ତର୍ନିହିତ କଳା ଦେଖାଇବାକୁ ପ୍ରୟାସ କରୁଛି । ମୋ ପରି ଅନେକ ତାରକା ଏଥିରେ ଭାଗ ନେଇ ନୃତ୍ୟ, ଭାବଭଙ୍ଗୀ, ଗୋଟେ ଚରିତ୍ର ଭିତରେ କେମିତି ପଶି ହେବ ସେ ସବୁକୁ ଶିଖିପାରୁଛୁ ।

**ସଫଳତାର ଶ୍ରେୟ କାହାକୁ ଦେବେ?**

ମୋ ପରିବାର ଆଉ ପ୍ରେମ ଦର୍ଶନକୁ । ମୁଁ ସବୁବେଳେ କାମର ପାର୍ଟନକୁ ଦେଖେ । ଗୁରୁଜନଙ୍କ କଥାକୁ ଗ୍ରହଣ କରେ । ଭଲ ମନ୍ଦ କ'ଣ ତାହାକୁ ଗଭୀର ଭାବେ ଚିନ୍ତା କରେ । ଦର୍ପଣ ସାମ୍ନାରେ ଅଭ୍ୟାସ କରେ । ଗୋଟେ କଥା କହିବି ଏହି ଲାଇନ୍ କାମ କରିବାରେ ମୋତେ ଗୋଟେ ପ୍ରକାର ଖୁସି ମିଳେ ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

ଘରେ ଆରାମ କରେ । ପଢ଼ାପଢ଼ି କରିବାକୁ ଭଲ ପାଏ । ନାଚେ । ସ୍ୱାଦିଷ୍ଟ ଖାଦ୍ୟ ବନାଏ ଆଉ ଖୁଆଏ ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**

ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ଗୋଟିଏ ପାହାଚରୁ ଆଉ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ ଇଚ୍ଛା ରଖିଛି । ଆଗକୁ ଧାରାବାହିକ କିମ୍ବା ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖିଛି ।

**ରୋମ୍ୟାଞ୍ଜଳିଙ୍କ ଡ୍ରିମ ରୋଲ୍?**

ଆଶା କରିବି ମୋତେ ଯାହା ବି ଚରିତ୍ର ମିଳିବ ସେ ସବୁଥିରେ ଭଲ କରିପାରିବି । ଆଉ ଦର୍ଶକଙ୍କ ମନୋରଞ୍ଜନ କରିବି । କିନ୍ତୁ ହଁ ଭବିଷ୍ୟତରେ ନାରୀ କୈନ୍ଦ୍ରିକ ଏବଂ ଗ୍ରାମାଞ୍ଚଳର କାହାଣୀକୁ ନେଇ ସିନେମାରେ କାମ କରିବାକୁ ଆଶା ରହିଛି । ■

### ପରଦା ପଛର କାହାଣୀ

## ସୁଟିଂ ସମୟରେ ଅଭିନେତା ଗିରଫ

୧୯୯୨ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ବିଶ୍ୱାତ୍ମା' । ସନି ଦେଓଲ୍ ଓ ଦିବ୍ୟାଭାରତୀଙ୍କ ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା । ଫିଲ୍ମର ଅଧିକାଂଶ ଦୃଶ୍ୟ କେନ୍ୟାରେ ସୁଟିଂ ହୋଇଥିଲା । ନିକଟରେ ଫିଲ୍ମ ନିର୍ଦ୍ଦେଶକ ରାଜୀବ ରାୟ ଫିଲ୍ମକୁ ନେଇ ରୋଚକୀୟ କଥା ଖୁଲାସା କରିଛନ୍ତି । କେନ୍ୟାରେ ଏହି ଫିଲ୍ମ ସୁଟିଂ ସମୟରେ ଦୁଇଜଣ ଅଭିନେତାଙ୍କୁ ଗିରଫ କରାଯାଇଥିଲା । ଅବଶ୍ୟ ଏ ସଂପର୍କରେ ଅନେକ ଜାଣି ନଥିଲେ । ବହୁବର୍ଷ ପରେ ସେ ଏହାର ଖୁଲାସ କରିଛନ୍ତି । ରାଜୀବ ଓ ଫିଲ୍ମର କଳାକାରମାନେ ନାଇରୋବି ଏବଂ ମୋମ୍ବାସାରେ ସୁଟିଂ କରୁଥିଲେ । ଏଥିପାଇଁ ତାଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା । ରାଜୀବଙ୍କ କହିବାନୁଯାୟୀ, ବିଦେଶରେ ସୁଟିଂ କରିବା ପଛରେ କୌଣସି ଖାସ୍ କାରଣ ନ ଥିଲା । ଫିଲ୍ମର କାହାଣୀ ଅନୁଯାୟୀ, ଖଳନାୟକ ଫେରାର ହୋଇଯାଇଥିଲା । ସୁଟିଂ ପାଇଁ ତାଙ୍କ ହିସାବରେ ଆଫ୍ରିକା ଏକ ଶସ୍ତା ଦେଶ ଥିଲା । ତେଣୁ ସେ ସେଠାରେ ସୁଟିଂ ପାଇଁ ସ୍ଥିର କରିଥିଲେ । ସେ ପୂର୍ବରୁ ସେଠାରେ କାର୍ଯ୍ୟ କରିଥିବାରୁ ତାଙ୍କର କିଛି ପରିଚିତ ବନ୍ଧୁ ଥିଲେ । ସେମାନେ ସୁଟିଂ ପାଇଁ ସହଯୋଗ କରିଥିଲେ । କିନ୍ତୁ ନାଇରୋବିରେ ଫିଲ୍ମ ସୁଟିଂକୁ ନେଇ କିଛି ନିୟମ କାନୁନ ରହିଛି । ଏଠାରେ ରାତ୍ରି ସମୟରେ ମନଇଚ୍ଛା ବୁଲିବା ନିଷେଧ । ଏଥିସହ ସାଥିରେ ଡଲାର୍ ନେଇ ଯିବା ପାଇଁ ମଧ୍ୟ ଅନୁମତି ନ ଥାଏ । ବିଦେଶରେ ଥିବାରୁ ଅଭିନେତାଙ୍କ ପାଖରେ କିଣାକିଣି ପାଇଁ ୧୦-୧୫ ଡଲାର ଥିଲା । ନିୟମ ଅନୁସାରେ ଡଲାର ରଖି ଧରାପଡ଼ିଲେ ଗୁଳିମାଡ଼ ଖାଇବାର ମଧ୍ୟ ସମ୍ଭାବନା ରହିଛି । ଏହା କଡ଼ା ନିୟମ ପାଳନ କରୁଥିବା ଦେଶ । 'ବିଶ୍ୱାତ୍ମା' ସୁଟିଂ ସମୟରେ ଅଭିନେତା ଦୁଇଜଣ ରାତିରେ ବୁଲିବା ପାଇଁ ବାହାରିଥିଲେ । ସେମାନେ ସଡ଼କରେ ବୁଲୁଥିବା ସମୟରେ ତାଙ୍କୁ ଦେଖି ଗିରଫ କରାଯାଇଥିଲା । ଏହାପରେ ଦୁଇଜଣଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା । ଜେଲ୍‌ରେ ବନ୍ଦୀ ହେବା ପରେ ଏହି ଘଟଣା ରାଜୀବଙ୍କ ପାଖରେ ପହଞ୍ଚିଥିଲା । ଏହାପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସେ ଅଭିନେତାଙ୍କୁ ଜେଲ୍‌ରୁ ବାହାର କରିଥିଲେ । ରାଜୀବ ଏବଂ ଫିଲ୍ମ ପ୍ରଡ୍ୟୁସର୍‌ଙ୍କ ସ୍ଥାନୀୟ ଲୋକଙ୍କ ସହ ସମ୍ପର୍କ ଭଲ ଥିବାରୁ ତାଙ୍କୁ ଜେଲ୍‌ରୁ ବାହାର କରିବା ସହଜ ହୋଇଥିଲା । ■







### ପୁରୁଷ ଜୁନିଅର ହକି ବିଶ୍ୱକପ୍

# ଭାରତର କ୍ରମାଗତ ବିଜୟ

ଚେନ୍ନଇ,୨୯।୧୧(ଏଜେନ୍ସି): ଆୟୋଜକ ଭାରତ ଏଠାରେ ଚାଲିଥିବା ପୁରୁଷ ଜୁନିଅର ବିଶ୍ୱକପ୍ ହକିରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୁଲ-ବି'ରେ ସ୍ଥାନ ପାଇଥିବା ଭାରତ ଆଜିର ଖେଳରେ ଓମାନକୁ ପରାସ୍ତ କରିଛି। ଗତକାଲି ଚିଲିକୁ ୭-୦ ଗୋଲରେ ହରାଇଥିବା ଭାରତ ପୂରା ପଏଣ୍ଟ ପାଇଛି। ଅନ୍ୟ ପକ୍ଷରେ ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ସ୍ୱିଜରଲାଣ୍ଡ ପ୍ରଥମ ମ୍ୟାଚ୍‌ରେ ଓମାନକୁ ୪-୦ ଓ ଦ୍ୱିତୀୟ ମ୍ୟାଚ୍‌ରେ ଚିଲିକୁ ୩-୨ ଗୋଲରେ ହରାଇ କ୍ରମାଗତ ବିଜୟ ହାସଲ କରିଛି। ଗ୍ରୁପ୍-ବି'ରେ ଉଭୟ ଭାରତ ଓ ସ୍ୱିଜରଲାଣ୍ଡ ସମାନ ପଏଣ୍ଟ ପାଇଛନ୍ତି। ଡିସେମ୍ବର ୨ରେ ଏହି ଗ୍ରୁପ୍‌ର ଶେଷ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତ ଓ ସ୍ୱିଜରଲାଣ୍ଡ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ଫଳାଫଳ ପରେ ଗ୍ରୁପ-ବି'ରେ କେଉଁ ଦଳ ବିଜୟୀ ହେବ ତାହା ପରେ ଜଣାପଡ଼ିବ।

ଆଜି ଅନୁଷ୍ଠିତ ଅନ୍ୟ ଗ୍ରୁପ୍ ମ୍ୟାଚ୍ ମଧ୍ୟରୁ ଗ୍ରୁପ୍-ଏ'ରେ ଜର୍ମାନୀ ୭-୦ରେ କାନାଡାକୁ ଓ ଦକ୍ଷିଣ ଆଫ୍ରିକା ୨-୧ରେ ଆୟର୍ଲାଣ୍ଡକୁ, ଗ୍ରୁପ୍-ଡି'ରେ ନେଦରଲାଣ୍ଡସ ପ୍ରଥମ ମୁକାବିଲାରେ ଇଂଲଣ୍ଡକୁ ୫-୩ ଓ ମାଲେସିଆ ୫-୧ରେ ଅଷ୍ଟ୍ରିଆକୁ ପରାସ୍ତ କରିଛି।

ଗତକାଲି ଖେଳାଯାଇଥିବା ପୁଲ-ଏ'ରେ ଜର୍ମାନୀ ୪-୦ରେ ଦକ୍ଷିଣ ଆଫ୍ରିକାକୁ, ଆୟର୍ଲାଣ୍ଡ ୪-୩ରେ କାନାଡାକୁ, ପୁଲ୍-ସି'ରେ ଆର୍ଜେଣ୍ଟିନା ୪-୧ରେ ଜାପାନକୁ, ନ୍ୟୁଜିଲାଣ୍ଡ ୫-୩ରେ ଚୀନ୍‌କୁ, ପୁଲ-ଡି'ରେ ସ୍ପେନ୍ ୮-୦ରେ ଇଜିପ୍ଟକୁ ଓ ବେଲଜିୟମ ୧୨-୧ରେ ନାମିବ୍ୟାକୁ ପରାସ୍ତ କରିଛି।

### ଏସୀୟ ଯୁବ ଚେସ୍ | ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁଙ୍କୁ ଟିମ୍ ବ୍ରୋଞ୍ଜ୍

ଭୁବନେଶ୍ୱର,୨୯।୧୧(ସମିସ): ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ଏସୀୟ ଯୁବ ଚେସ୍ ଚାମ୍ପିଅନସିପ୍‌ରେ ଭାରତ ଲାଗି ୧୦ ବର୍ଷରୁ କମ୍ ବିଭାଗରେ ଟିମ ବ୍ରୋଞ୍ଜ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ସାତ୍ତ୍ୱିକ, ସିଏମ୍ ମଣି ସର୍ବାଥୋ ଓ ଓଇସିକ୍ ମଣ୍ଡଳ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଭିଏତନାମ ୨୦.୫ ପଏଣ୍ଟ ପାଇ ସ୍ୱର୍ଣ୍ଣ ଓ କାଜାଖସ୍ଥାନ ୧୯ ପଏଣ୍ଟ ପାଇ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୮ ବର୍ଷରୁ କମ୍ ବିଭାଗରେ ଗତବର୍ଷ ପଦକ ଜିତିଥିବା ସାତ୍ତ୍ୱିକ ଏଥର ଅଳ୍ପକେ ପଦକ ଲାଭରୁ ବଞ୍ଚିତ ହୋଇଛନ୍ତି। କିନ୍ତୁ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଛନ୍ତି।



ସାତ୍ତ୍ୱିକ ସ୍ୱାଇଁ (ବାମରୁ ପ୍ରଥମ)

ଏହି ସଫଳତା ଲାଗି କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ ରାୟ, ପ୍ରୋଚେଷ୍ଟାର ପ୍ରଶାସକ ସ୍ୱଙ୍ଶୁ ସତ୍ୟପ୍ରାଜ୍ଞ, ଟ୍ରିପଲ-ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜ୍

# ସମ୍ମାନ ରକ୍ଷା ଲାଗି ରୋହିତ-କୋହଲି ଭରସା

ରାଞ୍ଚି,୨୯।୧୧(ଏଜେନ୍ସି):

ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଆସନ୍ତାକାଲିଠାରୁ ରାଞ୍ଚିରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଭ୍ରମଣକାରୀ ଦଳଠାରୁ ୨-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ଘରୋଇ ଭାରତୀୟ ଦଳ ଦିନିକିଆ ସିରିଜ୍‌ରେ ହିସାବ ନିକାଶ କରିବାକୁ ଅପେକ୍ଷା କରିଛି। ଐତିହାସିକ ଟେଷ୍ଟ ସିରିଜ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ମନୋବଳ ବହୁପରିମାଣରେ ବଢ଼ିଯାଇଛି। ଟେଷ୍ଟଠାରୁ ଦିନିକିଆ ଫର୍ମାଟ ଅଲଗା ହୋଇଥିଲେ ମଧ୍ୟ ସେମାନେ ଯେଉଁ ମନୋବଳ ହାସଲ କରିଛନ୍ତି ତାହା ଏହି ଫର୍ମାଟରେ ଖୁବ୍ ସୁହାଇବ। ପାକିସ୍ତାନଠାରୁ ଦିନିକିଆ ସିରିଜ୍ ହାରିଥିବା ଦଳକୁ ଅଧିନାୟକ ତେମ୍ବା ବଭୁମା, ଆଇଡେନ୍ ମାର୍କରାମ ଓ ଅବସରରୁ ଆସିଥିବା କ୍ୱିଣ୍ଟନ ଡି କକ୍ ସାମିଲ ହେବା ପରେ ଦକ୍ଷିଣ ଆଫ୍ରିକାର ଶକ୍ତି ବୃଦ୍ଧି ପାଇଛି।

ଭାରତୀୟ ପିଚ୍‌ରେ ସ୍ପିନ୍ ବୋଲିଂକୁ ନିୟନ୍ତ୍ରଣ କରିବା ଲାଗି ମଧ୍ୟ କେଶବ ମହାରାଜ ଫେରିଛନ୍ତି। ଅନ୍ୟ ପକ୍ଷରେ ଦିନିକିଆରେ ଭାରତ ଏକ ସନ୍ତୁଳିତ ଦଳ ଥିଲା। କିନ୍ତୁ ଆଘାତ ଓ ୱାର୍କଲୋଡ ସମସ୍ୟା ଦଳର ସନ୍ତୁଳନକୁ ବିଗାଡି ଦେଇଛି। ଅଧିନାୟକ ଶୁବମନ ଗିଲ୍, ଉପଅଧିନାୟକ ଶ୍ରେୟସ ଆୟର ଆହତ ହୋଇ ଏହି ସିରିଜ୍ ଖେଳୁନାହାନ୍ତି। ସେମାନଙ୍କ ସ୍ଥାନ ପୂରଣ କରିବା ଲାଗି ଦୁଇ ପ୍ରତିଭାବାନ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ୍ ଦଳରେ ରହିଛନ୍ତି। ଏତେ ଦକ୍ଷତା ସତ୍ତ୍ୱେ ଟେଷ୍ଟ ସିରିଜ୍‌ରେ ହରାଇଥିବା ସମ୍ମାନ ଫେରିପାଇବା ଲାଗି ଭାରତକୁ ଦିନିକିଆ ସିରିଜ୍ ଜିତିବାକୁ ହେବ। ଏଥିଲାଗି ଦଳ ଦୁଇ ସୁପରଷ୍ଟାର ରୋ-କୋ (ରୋହିତ ଶର୍ମା ଓ ବିରାଟ କୋହଲି)ଙ୍କ ଉପରେ ନିର୍ଭର କରୁଛି। ବିଶେଷ କରି ଗିଲ-ଆୟର-ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ କେବଳ ରୋ-କୋ' ହିଁ ଭାରତକୁ ସମ୍ମାନ ଓ ସମର୍ଥକଙ୍କ ମନରେ ବିଶ୍ୱାସ ଫେରାଇବାକୁ ସମର୍ଥ ହେବେ।




### ଦ୍ୱନ୍ଦ୍ୱ: ୩ ସ୍ପିନର ନା ୪ ପେସର

ରାଞ୍ଚି ପିଚ୍‌ରେ ବଡ଼ ସ୍କୋର ହେବାର ନଜର ନାହିଁ। ଏହି ମ୍ୟାଚ୍‌ରେ କେଉଁ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯିବ ତାହାକୁ ନେଇ ଭାରତର ଦ୍ୱନ୍ଦ୍ୱ ବଢ଼ିଛି। ଓପନିଂରେ ରୋହିତଙ୍କ ସହ ଜୟସ୍ୱାଲଙ୍କ ଖେଳିବା ସମ୍ଭାବନା ଅଧିକ। ଏମାନଙ୍କ ପଛକୁ କୋହଲି, ନଂ-୪ରେ ଗାଏକ୍ୱାଡ କିମ୍ବା ୱିକେଟରକ୍ଷକ ଋଷଭ ପନ୍ତ୍ ଖେଳିବେ। କିମ୍ବା ଉଭୟଙ୍କୁ ସ୍ଥାନ ମିଳିବ। ନଂ-୫ କିମ୍ବା ୬ରେ ଲୋକେଶ ରାହୁଲ ରହିବେ। ଅନ୍ୟ ପକ୍ଷରେ ଦଳ ୩ଜଣ କିମ୍ବା ଅତିକମରେ ୨ ଜଣ ଅଲରାଉଣ୍ଡରଙ୍କୁ ଖେଳାଇବ। ଦଳ ଯଦି ଦୁଇ ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ଦଳରେ ସାମିଲ କରେ ତେବେ ନୀତୀଶ ରେଡ୍ଡୀଙ୍କ ଖେଳିବା ନିଶ୍ଚିତ। କୁଲଦୀପ ଯାଦବଙ୍କୁ ଖେଳାଇଲେ ଗାଏକ୍ୱାଡଙ୍କ ଖେଳିବା ସମ୍ଭାବନା କମ୍। ଏହି ଦ୍ୱନ୍ଦ୍ୱ ଭିତରେ ଭାରତର ଚୂଡାନ୍ତ ଏକାଦଶ ଅଟକିଛି।

### ନଜରରେ ମାଥ୍ୟୁ ବ୍ରିଜ୍‌କେ

ବିଶ୍ୱର ପ୍ରଥମ ବ୍ୟାଟରଭାବେ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ହାସଲ କରିବା ଓ ମିଡିଲ ଅର୍ଡରରେ ବ୍ୟାଟିଂ କରି ୬୭.୭୫ ହାରରେ ରନ୍ ସଂଗ୍ରହ କରିବା ଆଜିଯାଏ କେହି କରିନାହାଁନ୍ତି। ଏଭଳି ସଫଳତା ପାଇଥିବା ଜଣେ ବ୍ୟାଟରଙ୍କ ସହ ବଭୁମା, ମାରକ୍ରମ ଓ ଡି କକ୍‌ଙ୍କ ଉପସ୍ଥିତି ଦଳକୁ ଅଧିକ ବଳ ଯୋଗାଇଛି। ଦୁର୍ବଳ ଭାରତୀୟ ବୋଲିଂରୁ ଏମାନେ ନିଶ୍ଚିତ ଫାଇଦା ଉଠାଇବେ।

### ରେକର୍ଡ ଅପେକ୍ଷାରେ

**ରୋହିତ ଶର୍ମା:** ହିଟ୍‌ମ୍ୟାନ୍ ରୋହିତ ଶର୍ମା ଆଉ ୩ଟି ଛକା ମାରିଲେ ବିଶ୍ୱରେ ସର୍ବାଧିକ ଦିନିକିଆ ଛକାରେ ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ରେକର୍ଡ ଭାଙ୍ଗିବେ। ସେ ଯଦି ଆଉ ୯୮ ରନ୍ କରନ୍ତି, ତେବେ ଭାରତର ଚତୁର୍ଥ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦,୦୦୦ ରନ୍ ପୂରଣ କରିବେ।

**ଭାରତ:** ୨୦୧୯ ଦିନିକିଆ ବିଶ୍ୱକପ୍ ପରେ ଘରୋଇ ମାଟିରେ ୧୦ଟି ଦିନିକିଆ ସିରିଜ୍ ଖେଳି ୯ଟିରେ ବିଜୟୀ ହୋଇଛି। କେବଳ ୨୦୨୩ରେ ଘରୋଇ ଦଳ ଅଷ୍ଟ୍ରେଲିଆ ନିକଟରୁ ସିରିଜ୍ ହାରିଛି। ସୂଚନାଯୋଗ୍ୟ ଟେଷ୍ଟ କ୍ରିକେଟରେ ଭାରତ ଗତ ୧୨ ବର୍ଷରେ ଗୋଟିଏ ହେଲେ ସିରିଜ୍ ହାରି ନ ଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ୨ଟି ଟେଷ୍ଟ ସିରିଜ୍‌ରେ ପରାଜିତ ହୋଇଛି।

**ଡି କକ୍:** କ୍ୱିଣ୍ଟନ ଡି କକ୍ ଭାରତ ବିପକ୍ଷରେ ୬ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଦଳର ଅନ୍ୟତମ ନବାଗତ ଖେଳାଳି ମାଥ୍ୟୁ ବ୍ରିଜ୍‌କେ ତାଙ୍କ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ସହ ୬୭.୭୫ ହାରରେ ରନ୍ ସଂଗ୍ରହ କରି ପ୍ରତିପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ବନିଛନ୍ତି।

### ଖେଳାଳି ଦଳ

**ଭାରତ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ୍, ଋଷଭ ପନ୍ତ୍ (ୱିକେଟରକ୍ଷକ), ଲୋକେଶ ରାହୁଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ତିଳକ ବର୍ମା, ଧ୍ରୁବ ଜୁରେଲ।

**ଦକ୍ଷିଣ ଆଫ୍ରିକା:** କ୍ୱିଣ୍ଟନ ଡି କକ୍, ଆଇଡେନ୍ ମାରକ୍ରମ, ତେମ୍ବା ବଭୁମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଡିୱାଲ୍ଡ ବ୍ରେଭିସ, ରୁବିନ ହର୍ମାନ୍, ମାର୍କୋ ଜାନ୍‌ସେନ, କୋର୍ବିନ ବୋଷ୍ଟ, କେଶବ ମହାରାଜ, ନାନ୍ଦ୍ରେ ବର୍ଜର, ଲୁଙ୍ଗି ଏନ୍‌ଗିଡି, ଓଟ୍ଟନେଲ ବାର୍ଟମ୍ୟାନ୍, ଟୋନି ଡି ଜୋର୍ଜି, ରିୟାନ ରିକେଲଟନ, ପ୍ରେନ୍‌ଲାନ୍ ସୁବ୍ରାୟେନ୍।

### ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ପ୍ରତିଭା, ମୌସୁମୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯।୧୧ (ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନର ତୃତୀୟ ଦିନରେ ଓଡ଼ିଶାର ପ୍ରତିଯୋଗୀଙ୍କୁ ୩ଟି ସ୍ୱର୍ଣ୍ଣ ପଦକ ମିଳିଛି। ସେମାନଙ୍କ ମଧ୍ୟରୁ ପ୍ରତିଭାରାଣୀ ପାତ୍ର ଗୋଟିଏ ଓ ମୌସୁମି ଦାସ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ଫଳରେ ଓଡ଼ିଶା ମୋଟ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି। ଗତକାଲି କେବଳ ପ୍ରତିଯୋଗୀମାନେ ୧୨ଟି ପଦକ ଜିତିଥିଲେ।



ପୂର୍ବପରି ଆଜି ମଧ୍ୟ ଯୁବ ବର୍ଗରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାରେ ସଫଳ ହୋଇଛନ୍ତି। ଉଭୟ ପଦକ ବିଜେତା କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ରାଜ୍ୟ କ୍ରୀଡ଼ାଛାତ୍ରାବାସର ପ୍ରତିଭାରାଣୀ ୭୭ କେଜି କାଟାଗୋରୀରେ ମୋଟ ୧୫୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ମୌସୁମି ଯୁବବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱର୍ ଓ ବରିଷ୍ଠ ବିଭାଗର ୮୬ କେଜି କାଟାଗୋରୀରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୭୧କେଜି, ଜର୍କରେ ୮୯ ଓ ମୋଟରେ ୧୫୯ କେଜି ଓଜନ ଉଠାଇଥିଲେ। ପ୍ରଥମ ଦିନରେ ବନିତା ନାଏକ, ଦ୍ୱିତୀୟ ଦିନରେ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

# ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୨୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ କେରଳରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ବରୋଦାକୁ ପରାସ୍ତ କରିଥିଲା। ଏହି ଲୋ-ସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୯ ୱିକେଟ୍ ହରାଇ ୯୪ ରନ କରିଥିଲା। ଓପନର୍ ତନ୍ମୟୀ ବେହେରା (୪୦ ରନ), ଶୁଭ୍ର ନିର୍ଝରିଣୀ ସ୍ୱାଇଁ (୨୩ ରନ) ଓ ଅଧିନାୟିକା ଅଲିପ୍ସା ବିଶ୍ୱାଳ (୧୦ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ବରୋଦାର ତ୍ରିସାଙ୍କୁ ୪ଟି ୱିକେଟ୍ ମିଳିଥିଲା। ଜବାବରେ ବରୋଦା ତ୍ରିସାଙ୍କ ୩୭ ରନ ସତ୍ତ୍ୱେ ୧୬.୨ ଓଭରରେ ୬୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶାର ଅନନ୍ୟା ମିଶ୍ର (୪-୧-୬-୪) ସୁନ୍ଦର ବୋଲିଂ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



### ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# କିଟ୍‌ର ରେଜିଆଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ୫ମ ସ୍ୱର୍ଣ୍ଣ ପଦକ ଜିତିଛି। ଶନିବାର ଟ୍ରାକ୍ ସାଇକ୍ଲିଂର ମହିଳା ବ୍ୟକ୍ତିଗତ ପୁର୍‌ସିଟ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଖଇରମ ରେଜିଆ ଦେବୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ମହିଳା ହକିରେ କିସ୍ ଦଳ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଫାଇନାଲ ଲିଗ୍ ମ୍ୟାଚରେ କିସ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ସୋମବାର କିସ୍ ଓ ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଅପରପକ୍ଷରେ କିଟ୍‌ର ଉଭୟ ପୁରୁଷ ଓ ମହିଳା ଟେନିସ ଦଳ ମଧ୍ୟ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।










PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS